୫୧

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, December 23/2024 Page 16 ₹ 7.00 | BERHAMPUR

୫୧ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 30 | ମୂଲ୍ୟ₹୭/-


## ବଢ଼ିଲା ଶୀତ, ୨୪ରୁ ପୁଣି ବର୍ଷା

ଭୁବନେଶ୍ୱର,୨୨।୧୨
(ଅନୁରାଧା ମହାରଣା)

ଲଘୁଚାପଜନିତ ଅଦିନିଆ ବର୍ଷା ଛାଡିଯାଇଥିଲେ ମଧ୍ୟ ରବିବାରଠାରୁ ରାଜ୍ୟରେ ଶୀତର ପରିମାଣ ବଢ଼ିଛି। ଆସନ୍ତା ୨୪ ତାରିଖରୁ ପୁଣି ବର୍ଷା ସମ୍ଭାବନା ଥିବାରୁ ୩ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଦିଗରେ ଗତିକରି ଆଗାମୀ ୨୪ ତାରିଖ ବେଳକୁ ଉତ୍ତର ତାମିଲନାଡୁ ପାର୍ଶ୍ୱ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟତର ହେବ। ଏହା ପ୍ରଭାବରେ ଓଡିଶା ଉପରେ ଏକ ପୂର୍ବାଳୀ ନିମ୍ନଚାପ ରେଖା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଦକ୍ଷିଣ-ପୂର୍ବ ଦିଗରୁ ଜଳୀୟବାଷ୍ପ ପୂର୍ଣ୍ଣ ସାମୁଦ୍ରିକ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବା ଫଳରେ ଦକ୍ଷିଣ ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୪ ତାରିଖରେ ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ଼, କୋରାପୁଟ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପରିସ୍ଥିତିର ଦାସ**





ବାୟୁ ପ୍ରଦୂଷଣଜନିତ ବିପଦରୁ ରକ୍ଷା ପାଇବା ଲାଗି ଗଛ ଲଗାଇବାର ବାର୍ତ୍ତା ନେଇ ବନ୍ଦେମାତରମ୍ ଅନୁଷ୍ଠାନର ପ୍ରହ୍ଲାଦ ନାୟକ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଅଭିନବ ଢଙ୍ଗରେ ସଚେତନତା ସୃଷ୍ଟି କରୁଛନ୍ତି। **(ଫଟୋ: ମନୋରଞ୍ଜନ)**

# ପେଗାସସ୍ ପଛରେ ଏନ୍‌ଏସ୍‌ଓ

- **ଆମେରିକା କୋର୍ଟଙ୍କ ରାୟ ପରେ ଭାରତରେ ତେଜିଲା ରାଜନୀତି**
- **ସୁପ୍ରିମକୋର୍ଟ ତଦନ୍ତ, ୩୦୦ ଭାରତୀୟଙ୍କ ନାମ ପ୍ରଘଟ ଦାବିକଲା କଂଗ୍ରେସ**

**ପେଗାସସ୍ ସ୍ପାଏୱେର ମାଧ୍ୟମରେ ଭାରତ ସମେତ ବିଭିନ୍ନ ଦେଶରେ ଗୁପ୍ତଚରଗିରି କରାଯିବା ପଛରେ ଏନ୍‌ଏସ୍‌ଓ ଗ୍ରୁପ୍ ହିଁ ରହିଥିଲା। ଏହି ଇସ୍ରାଏଲୀ କମ୍ପାନୀ ମାର୍କ ଜୁକରବର୍ଗଙ୍କ ସୋସିଆଲ ମେସେଜିଂ ଆପ୍ଲିକେଶନ୍ 'ହ୍ୱାଟ୍ସଆପ୍' ଜରିଆରେ ବିଶ୍ୱର ପ୍ରାୟ ୧,୪୦୦ ଉପକରଣକୁ ହ୍ୟାକ୍ କରିଥିବା ବିଷୟ ଶୁକ୍ରବାର ଆମେରିକାର ଏକ ଫେଡେରାଲ କୋର୍ଟ ସ୍ପଷ୍ଟ କରିଛନ୍ତି। କାଲିଫର୍ନିଆର ନର୍ଦ୍ଦର୍ନ ଡିଷ୍ଟ୍ରିକ୍ଟ ଜଜ୍ ଫିଲିସ୍ ହାମିଲଟନ୍ ଉକ୍ତ ମାମଲାରେ ଏନ୍‌ଏସ୍‌ଓ ଗ୍ରୁପ୍ କର୍ତ୍ତୃପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରି ଆବେଦନକାରୀ ହ୍ୱାଟ୍ସଆପ୍ ସପକ୍ଷରେ ରାୟ ଦେଇଛନ୍ତି। ଆମେରିକୀୟ ଅଦାଲତରୁ ଆସିଥିବା ରାୟ ଭାରତରେ ରାଜନୈତିକ ଉଷ୍ମତା ବୃଦ୍ଧିର କାରଣ ପାଲଟିଛି। ଦେଶର ୩୦୦ ବିରୋଧୀ ନେତା, ବିଚାରପତି, ଖବରଦାତା, ମାନବାଧିକାର କର୍ମୀ ଓ ବୁଦ୍ଧିଜୀବୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସେମାନଙ୍କ ମୋବାଇଲରେ ସ୍ପାଏୱେର ବ୍ୟବହାର କରାଯାଇଥିବା ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଛି। ଆମେରିକା କୋର୍ଟଙ୍କ ରାୟକୁ ଭିତ୍ତିକରି ସୁପ୍ରିମକୋର୍ଟ ଏହାର ତଦନ୍ତ କରାଇବେ କି ବୋଲି ବିରୋଧୀ ଦଳ ପ୍ରଶ୍ନ କରିଛି।**




କାଲିଫର୍ନିଆ/ନୂଆଦିଲ୍ଲୀ,୨୨।୧୨

ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେରକୁ ନେଇ ୨୦୨୧ ମଧ୍ୟଭାଗରେ ଭାରତରେ ଝଡ଼ ସୃଷ୍ଟି ହୋଇଥିଲା। ଯୁଦ୍ଧ ଅପରାଧୀ ଓ ଆତଙ୍କବାଦୀଙ୍କୁ ଟ୍ରାକ୍ କରିବା ପାଇଁ ଉଦ୍ଦିଷ୍ଟ ଏହି ସଫ୍ଟୱେର ସର୍ଭିଲାନ୍ସ ଜରିଆରେ ଦେଶର ଅନେକ ଖବରଦାତା, ମାନବାଧିକାର କର୍ମୀ ଓ ରାଜନୈତିକ ବିରୋଧୀଙ୍କ ଉପରେ ଗୁପ୍ତଚରଗିରି କରାଯାଉଥିବା ବିଷୟ ସେତେବେଳେ ସାମ୍ନାକୁ ଆସିଥିଲା। ସେହିବର୍ଷ ଜୁଲାଇରେ ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଘେରିବା ସହ ଏହାର ଦୁରୁପଯୋଗ ଉପରେ ଯୁଗ୍ମ ☞ପୃଷ୍ଠା-୪

# ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**୩୦, ୩୧ରେ ଟ୍ରାଏଲ**

ପୁରୀ/ଭୁବନେଶ୍ୱର, ୨୨।୧୨
(ଅଜିତ କୁମାର ମହାନ୍ତି/ସୁନିତ୍ ମିଶ୍ର)

ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଆସନ୍ତା ୨୭ ଓ ୨୮ ତାରିଖ ସୁଦ୍ଧା ଏହି ବ୍ୟବସ୍ଥା କ୍ରିୟାନ୍ୱୟନ ହୋଇଯିବ। ଜାନୁଆରୀ ୧ରୁ ଭକ୍ତମାନେ ନିୟମିତ ଧାଡ଼ି ଦର୍ଶନ କରିବେ। ରବିବାର ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା କରିବା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି।

ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ପୃଥ୍ୱୀରାଜ କହିଛନ୍ତି, ଡିସେମ୍ବର ୨୭ ଓ ୨୮ ତାରିଖରେ ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ କରାଯିବା ନେଇ ଆଲୋଚନା ହୋଇଛି। ପରୀକ୍ଷାମୂଳକ ଭାବେ ୩୦ ଏବଂ ୩୧ ତାରିଖରେ ଧାଡ଼ି ଦର୍ଶନ କରାଯିବ। ୨୦୨୫ ଜାନୁଆରୀ ୧ରୁ ଏହା ନିୟମିତ ଭାବେ ଚାଲିବ। ଭକ୍ତମାନେ ସାତପାହାଚ ଦେଇ ଭିତରକୁ ଆସିପାରିବେ। ଶ୍ରୀଜୀଉଙ୍କୁ ଦର୍ଶନ କରିସାରି ଘଣ୍ଟିଦ୍ୱାର ଓ ଗାରଦ ଦ୍ୱାର ଦେଇ ସେମାନେ ବାହାରକୁ ବାହାରିବେ। ମହିଳା, ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଦର୍ଶନ କିପରି ☞ପୃଷ୍ଠା-୪




**ଅଟ୍ଟାଳିକା ଭୁଶୁଡ଼ି ୨ ମୃତ**

ପଞ୍ଜାବର ମୋହାଲି ଜିଲାର ସୋହାନା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ୪ ମହଲା ବିଲ୍ଡିଂ ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ହିମାଚଳପ୍ରଦେଶର ଜଣେ ୨୦ ବର୍ଷୀୟ ଯୁବତୀ ରହିଛନ୍ତି। ଅନ୍ୟ ଜଣେ ମୃତକ ହରିୟାଣା ଅମ୍ବାଲା ଅଞ୍ଚଳର ଅଭିଷେକ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ହସ୍ପିଟାଲକୁ ଧକ୍କାଦେଲା ହେଲିକପ୍ଟର: ୪ ମୃତ

ଆଙ୍କାରା,୨୨।୧୨

ତୁର୍କୀରେ ରବିବାର ସକାଳେ ପ୍ରବଳ କୁହୁଡ଼ି ଯୋଗୁ ଏକ ହେଲିକପ୍ଟର ହସ୍ପିଟାଲ୍‌କୁ ଧକ୍କା ଦେବା ଫଳରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ହେଲିକପ୍ଟରର ୨ ପାଇଲଟ୍, ଜଣେ ଡାକ୍ତର ଏବଂ ଜଣେ କର୍ମଚାରୀ ଅଛନ୍ତି। ହେଲିକପ୍ଟରଟି ଉଡ଼ାଣ ଆରମ୍ଭ କରିବା ସମୟରେ ହସ୍ପିଟାଲର ଚତୁର୍ଥ ମହଲାରେ ମାଡ଼ ହୋଇ ଖସିପଡ଼ିଥିଲା ବୋଲି ମୁଗ୍‌ଲାର ପ୍ରାଦେଶିକ ଗଭର୍ନର ଅଦ୍ରିସ୍ ଆକ୍‌ବିୟିକ କହିଛନ୍ତି। ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରାଯାଉଥିବା ଗଭର୍ନର କହିଛନ୍ତି।

### ବ୍ରାଜିଲରେ ବିମାନ ଦୁର୍ଘଟଣା: ୧୦ ମୃତ



ବ୍ରାସିଲିଆ,୨୨।୧୨

ବ୍ରାଜିଲର ଦକ୍ଷିଣ ଭାଗରେ ଅବସ୍ଥିତ ପର୍ଯ୍ୟଟନ ସହର ଗ୍ରାମାଡୋରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ସହର କେନ୍ଦ୍ରସ୍ଥଳରେ ଥିବା ଏକ ଦୋକାନ ସହ ବିମାନଟି ଧକ୍କା ହୋଇଥିଲା। ଏହା ପ୍ରଥମେ ବିଲ୍ଡିଂର ଚିମିନିରେ ମାଡ଼ ହେବା ପରେ ଦ୍ୱିତୀୟ ମହଲାରେ ଧକ୍କା ହୋଇ ଆସବାବପତ୍ର ଷ୍ଟୋର ଉପରେ ଖସିପଡ଼ିଥିଲା। ଦୁର୍ଘଟଣା ପରେ ନିଆଁ ଲାଗି ଶ୍ୱାସରୁଦ୍ଧ ହୋଇଯାଇଥିବା ୧୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଇଚ୍ଛାମୃତ୍ୟୁ ଦାବି କରିଥିବା କୃଷକଙ୍କୁ ୯.୯୧ ଲକ୍ଷ ଟଙ୍କା ଜରିମାନା

ଝୁନ୍‌ଝୁନୁ,୨୨।୧୨

ଇଚ୍ଛାମୃତ୍ୟୁ ଦାବି କରୁଥିବା ରାଜସ୍ଥାନ ଝୁନ୍‌ଝୁନୁ ଜିଲାର ଜଣେ କୃଷକ ଓ ତାଙ୍କ ପରିବାର ଆତ୍ମଦାହ ଉଦ୍ୟମ କରୁଥିବାବେଳେ ପୋଲିସ ପହଞ୍ଚି ସେମାନଙ୍କୁ ଅଟକାଇଥିଲା। ଶ୍ରୀ ସିମେଣ୍ଟ କମ୍ପାନୀ ମାଲିକାନାରେ ଥିବା ସେମାନଙ୍କ ଜମି ନିମନ୍ତେ କ୍ଷତିପୂରଣ ଦାବିକରି କୃଷକ ବିଦ୍ୟାଧର ଯାଦବଙ୍କ ପରିବାର ଏବଂ କମ୍ପାନୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ପ୍ରତିବାଦ ସ୍ୱରୂପ ଇଚ୍ଛାମୃତ୍ୟୁ ଦାବିକରି ବିଦ୍ୟାଧର ଓ ତାଙ୍କ ପରିବାର ସଦସ୍ୟ ଗତ ୧୦ ତାରିଖରେ ଜୁଇରେ ବସିଥିଲେ। ଉକ୍ତ ପରିବାରକୁ ଆତ୍ମଦାହରୁ ବଞ୍ଚାଇବା ପାଇଁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏଥିପାଇଁ ବହୁତ ଅର୍ଥ ବ୍ୟୟ ହୋଇଥିବାରୁ ପୋଲିସ ବିଦ୍ୟାଧରଙ୍କ ଉପରେ ୯.୯୧ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ରାଜସ୍ଥାନ ସରକାରଙ୍କ ନିର୍ଦ୍ଦେଶକ୍ରମେ ଝୁନ୍‌ଝୁନୁ ଏସ୍‌ପି ଶରଦ ଚୌଧରୀ ବିଦ୍ୟାଧରଙ୍କୁ ନୋଟିସ ପଠାଇଛନ୍ତି।

# ଅଲ୍ଲୁ ଅର୍ଜୁନଙ୍କ ଘରେ ଭଙ୍ଗାରୁଜା



- ଦଳାଚକଟା ମୃତ୍ୟୁକୁ ନେଇ ତେଜିଲା ରାଜନୀତି
- ମହିଳାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ



ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ହାଇଦ୍ରାବାଦର ଜୁବିଲି ହିଲ୍ସସ୍ଥିତ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରୁଛନ୍ତି।

ହାଇଦ୍ରାବାଦ,୨୨।୧୨

ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଡିସେମ୍ବର ୪ରେ 'ପୁଷ୍ପା-୨: ଦି ରୁଲ୍' ଚଳଚ୍ଚିତ୍ରର ପ୍ରିମିୟର ବେଳେ ଅଭିନେତା ଅଲ୍ଲୁ ଅର୍ଜୁନ ହଠାତ୍ ପହଞ୍ଚିଯିବାରୁ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହେବା ସହ ତାଙ୍କ ୮ ବର୍ଷର ପୁଅ ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ଓସ୍‌ମାନିଆ ୟୁନିଭର୍ସିଟି ମିଳିତ କାର୍ଯ୍ୟାନୁଷ୍ଠାନ କମିଟିର ସ୍ୱୀକୃତିପ୍ରାପ୍ତ ଏକ ସଂଗଠନର ସଦସ୍ୟମାନେ ରବିବାର ତେଲୁଗୁ ଅଭିନେତା ଅଲ୍ଲୁଙ୍କ ଜୁବିଲି ହିଲ୍ସସ୍ଥିତ ବାସଭବନରେ ପଶି ଭଙ୍ଗାରୁଜା କରିଛନ୍ତି। ବିକ୍ଷୋଭକାରୀ ପାଚେରି ଉପରେ ଚଢ଼ି ଅଭିନେତାଙ୍କ ଘରକୁ ଟମାଟୋ ମାଡ଼ କରିଥିଲେ। ସେମାନେ ଅଗଣାରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରଖାଯାଇଥିବା ଗଛଗୁଡ଼ିକୁ ନଷ୍ଟ କରିଥିଲେ। ବିକ୍ଷୋଭକାରୀମାନେ ଅଭିନେତାଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଦଳାଚକଟାରେ ପ୍ରାଣ ହରାଇଥିବା ମହିଳାଙ୍କ ପାଇଁ ନ୍ୟାୟ ଦାବି କରିଥିଲେ। ପୋଲିସ ପହଞ୍ଚି ୮ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି।

ସୂଚନାଯୋଗ୍ୟ, ଦଳାଚକଟା ଘଟଣାରେ ଅଲ୍ଲୁଙ୍କୁ ଗିରଫ କରାଯାଇଥିବାବେଳେ ସେ ତେଲଙ୍ଗାନା ହାଇକୋର୍ଟରୁ ଜାମିନ ପାଇ ପରଦିନ ମୁକୁଳିଥିଲେ। ତେବେ ବିନା ଅନୁମତିରେ ଅଭିନେତା ଥିଏଟରରେ ପହଞ୍ଚିବାକୁ ନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଶନିବାର ସମାଲୋଚନା କରିଥିଲେ। ଦଳାଚକଟା ପରେ ପୁଷ୍ପା-୨ ଫିଲ୍ମ ହିଟ୍ ହେବ ବୋଲି ଅଲ୍ଲୁ କହିଥିବା ଏଆଇଏମ୍‌ଆଇଏମ୍ ବିଧାୟକ ଆକବରୁଦ୍ଦିନ୍ ଓ୍ୱାଇସି ଅଭିଯୋଗ ଆଣିଥିଲେ। ଅଲ୍ଲୁ ଏକ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ଚରିତ୍ର ସଂହାର ପାଇଁ ଉଦ୍ୟମ ହେଉଥିବା କହିଥିଲେ।


# ରାହୁଲଙ୍କୁ କୋର୍ଟ ସମନ

ବରେଲି,୨୨।୧୨(ପି.ଟି.)

**ଅର୍ଥନୈତିକ ସର୍ଭେ ରିପୋର୍ଟ ଉପରେ ମନ୍ତବ୍ୟ**



ଲୋକ ସଭା ନିର୍ବାଚନ ସମୟରେ ଅର୍ଥନୈତିକ ସର୍ଭେକୁ ନେଇ କଂଗ୍ରେସ ଏମ୍‌ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ପାଇଁ ବରେଲିର ଏକ ଅଦାଲତ ଶନିବାର ତାଙ୍କୁ ସମନ ଜାରି କରିଛନ୍ତି। ଜାନୁଆରୀ ୭ରେ ତାଙ୍କୁ କୋର୍ଟରେ ହାଜର ହେବା ପାଇଁ ଜିଲା ତଥା ଦୌରା ଜଜ୍ ସୁଧୀର କୁମାର ନିର୍ଦ୍ଦେଶ ଦେଇଛନ୍ତି। ଅଖିଳ ଭାରତୀୟ ହିନ୍ଦୁ ମହାସଂଘର ମଣ୍ଡଳ ସଭାପତି ପଙ୍କଜ ପାଠକଙ୍କ ଆବେଦନ ଆଧାରରେ ଏହି ସମନ ଜାରି କରାଯାଇଛି। ରାହୁଲଙ୍କ ନାଁରେ ମାମଲା ରୁଜୁ ପାଇଁ ଗତ ଅଗଷ୍ଟରେ ପାଠକ ଏମ୍‌ଏଲ୍‌ଏ-ଏମ୍‌ପି କୋର୍ଟ/ସିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଅଦାଲତ ଆବେଦନକୁ ଖାରଜ କରିଦେବାରୁ ସେ ସେସନ୍ସ କୋର୍ଟରେ ରିଭିଜନ ପିଟିଶନ ଦାଏର କରିଥିଲେ। ଲୋକ ସଭା ନିର୍ବାଚନ ବେଳେ ରାହୁଲ କହିଥିଲେ, ଦୁର୍ବଳ ଶ୍ରେଣୀ ଲୋକଙ୍କ ଶତାଂଶ ଅଧିକ ହୋଇଥିବା ସତ୍ତ୍ୱେ ସେମାନଙ୍କ ପାଖରେ ଥିବା ସମ୍ପତ୍ତି ଶତାଂଶ ବହୁତ କମ୍। ଏଭଳି ହେଲେ ଅଧିକ ଜନସଂଖ୍ୟା ଲୋକେ ଅଧିକ ଅଧିକ ସମ୍ପତ୍ତି ଦାବି କରିପାରିବେ। ପାଠକଙ୍କ ଓକିଲ ବୀରେନ୍ଦ୍ର ପାଲ୍ ଗୁପ୍ତା ଅଦାଲତଙ୍କୁ ଏହା ଜଣାଇବା ସହ ରାହୁଲ ରାଜନୈତିକ ଫାଇଦା ପାଇଁ ତାଙ୍କ ମନ୍ତବ୍ୟ ଜରିଆରେ ଦୁର୍ବଳ ବର୍ଗଙ୍କୁ ଉସୁକାଇବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ କରିଥିଲେ।



ଉତ୍ତରାଖଣ୍ଡର ଚାମୋଲି ଜିଲାର ନିତି ଭ୍ୟାଲିରେ ରବିବାର ପ୍ରବଳ ଶୀତ ଯୋଗୁ ବରଫ ପାଲଟିଥିବା ଏକ ଜଳପ୍ରପାତ ସମ୍ମୁଖରେ ଜଣେ ପର୍ଯ୍ୟଟକ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ଗାଜାରେ ଏୟାରଷ୍ଟ୍ରାଇକ୍: ୨୦ ମୃତ

ଦେଇର ଅଲ୍-ବଲାହ,୨୨।୧୨



ଇସ୍ରାଏଲୀ ସେନା ଶନିବାର ରାତିରୁ ଗାଜା ଷ୍ଟ୍ରିପ୍ ଉପରେ ଏୟାରଷ୍ଟ୍ରାଇକ୍ ଜାରି ରଖିଥିବାବେଳେ ଏଥିରେ ୫ ପିଲାଙ୍କ ସମେତ ଅନ୍ୟୂନ ୨୦ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ କର୍ତ୍ତୃପକ୍ଷ ଇତିମଧ୍ୟରେ କ୍ୟାଥୋଲିକ୍ ଚର୍ଚ୍ଚର ନେତା କାର୍ଡିନାଲ ପିଏରବାତ୍ତିସ୍ତା ପିଜାବାଲ୍ଲାଙ୍କୁ ଗାଜାରେ ପ୍ରବେଶ କରି ସେଠାର ଖ୍ରୀଷ୍ଟିଆନ୍‌ମାନଙ୍କ ସହ କ୍ରିସ୍‌ମସ୍ ପୂର୍ବ ଉତ୍ସବ ପାଳନ ଲାଗି ଅନୁମତି ଦେଇଛନ୍ତି।

ଗାଜା ସିଟିର ବିସ୍ଥାପିତମାନେ ରହିଥିବା ଏକ ସ୍କୁଲ୍ ଉପରେ ଏୟାରଷ୍ଟ୍ରାଇକ୍ ଯୋଗୁ ୪ ପିଲାଙ୍କ ସମେତ ୮ ଜଣ ପ୍ରାଣ ହରାଇଛନ୍ତି। ତେବେ ହମାସ୍ ଆତଙ୍କବାଦୀଙ୍କ ଆଶ୍ରୟସ୍ଥଳ ଉପରେ ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ସେହିପରି ଶନିବାର ବିଳମ୍ବିତ ରାତିରେ ଦେଇର୍ ଅଲ୍-ବଲାହର ଏକ ଘର ଉପରେ ଆକ୍ରମଣ ଯୋଗୁ ୩ ମହିଳା ଓ ୨ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ଖାନ୍ ୟୁନିସ୍ ସହରରେ ଆକ୍ରମଣ ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗାଜା ସିଟିରେ ଏକ କାର୍ ଉପରେ ଆକ୍ରମଣ ହେବାରୁ ୨ ଜଣ ନିହତ ହୋଇଛନ୍ତି।

## ୪ ବର୍ଷର ଶିଶୁ ଉପରେ ମାଡ଼ିଗଲା କାର୍

ମୁମ୍ବାଇ, ୨୨।୧୨

ମୁମ୍ବାଇର ବଡାଲା ଅଞ୍ଚଳରୁ ରବିବାର ଜଣେ ନାବାଳକଙ୍କ ବେପରୁଆ କାର୍ ଚାଳନା ଯୋଗୁ ଜଣେ ଶିଶୁର ଜୀବନ ଯାଇଛି। ଦ୍ରୁତ ଗତିରେ ଯାଉଥିବା ହ୍ୟୁଣ୍ଡାଇ କ୍ରେଟା ଫୁଟପାଥରେ ଖେଳୁଥିବା ଆୟୁଷ ଲକ୍ଷ୍ମଣ କିନଓ୍ୱାଡ଼େ ନାମକ ୪ ବର୍ଷର ଶିଶୁଙ୍କୁ ମଡ଼ାଇ ଦେଇଛି। ଘଟଣାସ୍ଥଳରେ ଆୟୁଷଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଆୟୁଷର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତ ଡ୍ରାଇଭର ଭୂଷଣ ସନ୍ଦୀପ ଗୋଲେଙ୍କୁ ଗିରଫ କରି ପୋଲିସ ପଚରାଉଚରା ଜାରି ରଖିଛି।

# ମୋଦିଙ୍କୁ କୁଏଟ୍‌ର ସର୍ବୋଚ୍ଚ ସମ୍ମାନ



କୁଏଟ୍‌ର ଅମିର ଶେଖ୍ ମେଶାଲ ଅଲ୍-ଅହମଦ ଅଲ୍-ଜାବେର ଅଲ୍ ସବାହଙ୍କଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଦି ଅର୍ଡର ଅଫ୍ ମୁବାରକ ଅଲ୍-କବୀର' ସମ୍ମାନ ଗ୍ରହଣ କରୁଛନ୍ତି।

କୁଏଟ୍ ସିଟି,୨୨।୧୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରବିବାର କୁଏଟ୍‌ର ସର୍ବୋଚ୍ଚ ସମ୍ମାନ 'ଦି ଅର୍ଡର ଅଫ୍ ମୁବାରକ ଅଲ୍-କବୀର'ରେ ସମ୍ମାନିତ କରାଯାଇଛି। ଦୁଇ ଦେଶ ମଧ୍ୟରେ ସୁସମ୍ପର୍କ ମଜଭୁତ କରିବା ଦିଗରେ ମୋଦିଙ୍କ ଭୂମିକା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ବୟାନ ପ୍ୟାଲେସ୍‌ରେ କୁଏଟ୍‌ର ଅମିର ଶେଖ୍ ମେଶାଲ ଅଲ୍-ଅହମଦ ଅଲ୍-ଜାବେର ଅଲ୍ ସବାହଙ୍କଠାରୁ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଭାରତର ଜନସାଧାରଣ ଏବଂ ଭାରତ ଓ କୁଏଟ୍ ମଧ୍ୟରେ ଦୃଢ଼ ବନ୍ଧୁତାକୁ ଉତ୍ସର୍ଗ କରୁଥିବା ଏକ୍ସ'ରେ ଲେଖିଛନ୍ତି। ମୋଦିଙ୍କୁ ଗୋଟିଏ ଦେଶର ଏହା ୨୦ତମ ଅନ୍ତର୍ଜାତୀୟ ସମ୍ମାନ ବୋଲି ସ୍ଥାନୀୟ ସରକାରୀ ଗଣମାଧ୍ୟମ କହିଛି। ବନ୍ଧୁତ୍ୱର ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରମୁଖ୍ୟ, ବିଦେଶୀ ସାର୍ବଭୌମ ଏବଂ ବିଦେଶୀ ରାଜପରିବାରର ସଦସ୍ୟଙ୍କୁ ଏହି ସମ୍ମାନ ଦିଆଯାଇଥାଏ। ପୂର୍ବରୁ ବିଲ୍ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଏବଂ ଜର୍ଜ ବୁଶ୍‌ଙ୍କୁ କୁଏଟ୍‌ର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କୁଏଟ୍‌ର ଅମିର ଶେଖ୍ ମେଶାଲ ଅଲ୍-ଅହମଦ ଅଲ୍-ଜାବେର ଅଲ୍-ସବାହଙ୍କୁ ଭେଟି ଅନେକ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ଫଳରେ ଭାରତ ଏବଂ କୁଏଟ୍ ମଧ୍ୟରେ ରଣନୈତିକ ସହଭାଗିତା ସମ୍ପର୍କ ବୃଦ୍ଧି ପାଇଛି। ସୂଚନା ପ୍ରଯୁକ୍ତି, ଔଷଧ, ଫିନ୍‌ଟେକ୍, ଇନ୍‌ଫ୍ରାଷ୍ଟ୍ରକ୍ଚର ଏବଂ ସୁରକ୍ଷା ଆଦି କ୍ଷେତ୍ରରେ ସମ୍ପର୍କ ବଢ଼ାଇବା ନେଇ ଦୁଇ ନେତା ଗୁରୁତ୍ୱାରୋପ କରିଥିଲେ। ଅମିରଙ୍କ ସହ ବୈଠକ ବହୁତ ଭଲ ଥିଲା ବୋଲି ମୋଦି ଏକ୍ସ'ରେ ଲେଖିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନିଆ କୁଏଟ୍ ଗସ୍ତରେ ଯାଇ ଶନିବାର ସେଠାରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟଙ୍କୁ ଭେଟି ଉଦ୍‌ବୋଧନ ଦେବା ସହ ସେଠାରେ ଥିବା ଭାରତୀୟ ଶ୍ରମିକମାନଙ୍କୁ ଭେଟିଥିଲେ। ୪୩ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର କୁଏଟ୍‌କୁ ଏହା ପ୍ରଥମ ଗସ୍ତ ଥିଲା। ରବିବାର ପ୍ରଧାନମନ୍ତ୍ରୀ ସେଠାର କ୍ରାଉନ୍ ପ୍ରିନ୍ସ ଶେଖ୍ ସବାହ ଅଲ୍-ଖଲିଦ ଅଲ୍-ସବାହଙ୍କୁ ସାକ୍ଷାତ କରିଥିଲେ। ଭାରତ ଓ କୁଏଟ୍ ମଧ୍ୟରେ ସମ୍ପର୍କକୁ ଶିଖରରେ ପହଞ୍ଚାଇବା ଉପରେ ପ୍ରଧାନମନ୍ତ୍ରୀ ଓ ଅମିର ଗୁରୁତ୍ୱ ଦେଇଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## କୁଏଟ୍‌ରେ ଗଞ୍ଜାମ ଶ୍ରମିକଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

କୁଏଟ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ରହୁଥିବା ଗଞ୍ଜାମ ଜିଲାର ଜଣେ ଶ୍ରମିକଙ୍କ ସହ ଶନିବାର କଥା ହୋଇଥିଲେ। ବବୁଲ ନାମକ ଏହି ଓଡ଼ିଆ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ 'ଜୟ ଜଗନ୍ନାଥ' କହି ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହ କଥା ହେଲାବେଳେ ମୋଦି ତାଙ୍କ ଜନ୍ମସ୍ଥାନ, ଶିକ୍ଷା ଏବଂ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବବୁଲ ଗଞ୍ଜାମର ଖଲିକୋଟରେ ପାଠ ପଢ଼ିଥିବାବେଳେ ୧୬ ମାସ ହେଲା ଗଲ୍ଫ ସ୍ପିକ୍‌ର ଧାତୁ ବିଭାଗରେ କାର୍ଯ୍ୟ କରୁଥିବା ଜଣାଇଥିଲେ। ଓଡ଼ିଶାରେ ବିଶାଳ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ସୁଯୋଗ ମିଳିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।



କୁଏଟ୍‌ରେ ଓଡ଼ିଆ ଶ୍ରମିକ ବବୁଲ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଉଛନ୍ତି।

## ସମ୍ଭଲରୁ ମିଳିଲା ୧୫୦ ବର୍ଷର ପୁରୁଣା କୂଅ, ସୁଡ଼ଙ୍ଗ

ସମ୍ଭଲ, ୨୨।୧୨

ଉତ୍ତରପ୍ରଦେଶର ସମ୍ଭଲସ୍ଥିତ ଚନ୍ଦୌସିଠାରେ ରବିବାର ଏକ ଜମିକୁ ଖନନ କରାଯାଉଥିବାବେଳେ ୧୫୦ ବର୍ଷର ପୁରୁଣା ଏକ ବିଶାଳକାୟ ପାହାଚ ବିଶିଷ୍ଟ କୂଅ ମିଳିଛି। ସେହିପରି ଜେସିବି ମେସିନ ଦ୍ୱାରା ଉକ୍ତ କୂଅକୁ ଖନନ କରିବା ପରେ ସେଠାରୁ ପ୍ରାଚୀନ ଏବଂ ଗଭୀର ସୁଡ଼ଙ୍ଗ ଆବିଷ୍କୃତ ହୋଇଛି। ଖନନ ସମୟରେ ଘଟଣାସ୍ଥଳରେ ସମ୍ଭଲ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଉପସ୍ଥିତ ଥିଲେ। ସେହିପରି ଖନନ ସମୟରେ କିଛି ପ୍ରାଚୀନ ଫାଟକ ମଧ୍ୟ ମିଳିଥିବା ଜିଲାପାଳ କହିଛନ୍ତି। ଚନ୍ଦୌସି ତହସିଲଦାରଙ୍କ ଅନୁଯାୟୀ, ପ୍ରାଚୀନ ପାହାଚ ବିଶିଷ୍ଟ କୂଅ ଏକ ସରକାରୀ ସ୍ଥାନରୁ ମିଳିଛି। ୧୮୫୭ ସିପାହି ବିଦ୍ରୋହ ସମୟରେ ବ୍ରିଟିଶ୍ ମାନଙ୍କଠାରୁ ରକ୍ଷା ପାଇବା ପାଇଁ ବିପ୍ଲବୀମାନେ ଉକ୍ତ ସୁଡ଼ଙ୍ଗକୁ ବ୍ୟବହାର କରୁଥିଲେ। ପ୍ରକାଶ ଯେ, ଗତ ସପ୍ତାହରେ ଜବରଦଖଲ ଉଚ୍ଛେଦ ଅଭିଯାନ ଅନ୍ତର୍ଗତ ସମ୍ଭଲ ଜିଲା ପ୍ରଶାସନ ପକ୍ଷରୁ ଦୀପା ସରାୟ ଅଞ୍ଚଳରେ ବନ୍ଦ ହୋଇ ପଡ଼ିଥିବା ୪୬ ବର୍ଷ ତଳର ଏକ ପ୍ରାଚୀନ ଶିବ ମନ୍ଦିରକୁ ଖୋଲା ଯାଇଥିଲା। ଏବେ ଏହି ମନ୍ଦିରକୁ ଦୈନିକ ଅନେକ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରୁଛନ୍ତି।



## ଫୁରସତ

### ୨୧ ହଜାର ଟଙ୍କାରେ ବିକ୍ରି ହେଲା ଅଣ୍ଡା

ଲଣ୍ଡନ



ସାଧାରଣତଃ ଭାରତରେ ଗୋଟିଏ ଅଣ୍ଡା ୮ରୁ ୧୨ ଟଙ୍କା ମଧ୍ୟରେ ବିକ୍ରି ହୋଇଥାଏ। ତେବେ ନିକଟରେ ବ୍ରିଟେନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋଟିଏ ଅଣ୍ଡା ୨୦୦ ପାଉଣ୍ଡ (ପ୍ରାୟ ୨୧ ହଜାର ଟଙ୍କା)ରେ ବିକ୍ରି ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସମ୍ପୂର୍ଣ୍ଣ ଗୋଲାକାର ଆକୃତିର ହୋଇଥିବାରୁ ଏହି ଅଣ୍ଡାକୁ 'ୱାନ୍ ଇନ୍ ଏ ବିଲିୟନ ଏଗ୍' ବୋଲି ମଧ୍ୟ କୁହାଯାଏ।

ଏହି ଗୋଲାକାର ଅଣ୍ଡାକୁ ପ୍ରଥମେ ସ୍କଟ୍‌ଲାଣ୍ଡର ଏକ ସ୍ଥାନୀୟ ବଜାରରୁ ଜଣେ ମହିଳା କିଣିଥିଲେ। ୧୫ଟି ଅଣ୍ଡା ଥିବା ଗୋଟିଏ ବାକ୍ସ ମଧ୍ୟରେ ଏହି ନିଆରା ଅଣ୍ଡା ମିଳିଥିଲା। ପରେ ମହିଳା ଜଣକ ଉକ୍ତ ଅଣ୍ଡାକୁ ୟର୍କଶାୟରସ୍ଥିତ ଲେମ୍ବୋର୍ନ ଅଞ୍ଚଳରେ ରହୁଥିବା ଏଡ୍ ପାଓ୍ୱେଲଙ୍କୁ ବିକ୍ରି କରିଥିଲେ। ଆକର୍ଷଣୀୟ ଆକୃତିର ଏହି ଅଣ୍ଡାକୁ ଦେଖି ଏଡ୍ ବିମୋହିତ ହୋଇଯାଇଥିଲେ ଓ ଏହାକୁ ୧୫୦ ପାଉଣ୍ଡ ମୂଲ୍ୟରେ କିଣିଥିଲେ। ତେବେ ପରେ ସେ ଏହି ଅଣ୍ଡାକୁ ଲୁଭେଣ୍ଟସ୍ ଫାଉଣ୍ଡେଶନକୁ ଦାନ କରିଥିଲେ। ଲୁଭେଣ୍ଟସ୍ ଫାଉଣ୍ଡେଶନ ଏକ ପରୋପକାରୀ ସଙ୍ଗଠନ ହୋଇଥିବାବେଳେ ଏହା ୟର୍କଶାୟରର ଯୁବକମାନଙ୍କୁ ଲାଇଫ୍‌ଷ୍ଟାଇଲ କୋଚିଂ, ପରାମର୍ଶ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ଯୋଗାଇଥାଏ। ଉକ୍ତ ଫାଉଣ୍ଡେଶନର ସଦସ୍ୟମାନେ ମଧ୍ୟ ଏହି ଅଦ୍ଭୁତ ଅଣ୍ଡା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନେ ବିଭିନ୍ନ ଦାନ କାର୍ଯ୍ୟ ପାଇଁ ଏହି ଅଣ୍ଡାକୁ ପୁଣି ଥରେ ନିଲାମ କରିବାକୁ ସ୍ଥିର କରିଥିଲେ। ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଅଣ୍ଡା ୨୦୦ ପାଉଣ୍ଡ ମୂଲ୍ୟରେ ବିକ୍ରି ହୋଇଛି।

### ବଲିଉଡ୍‌ରେ ପରିବର୍ତ୍ତନ ଆବଶ୍ୟକ

ମୁମ୍ବାଇ



ବରୁଣ ଧାୱନ

ଅଭିନେତା ବରୁଣ ଧାୱନ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ବେବି ଜନ୍' ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ପ୍ରମୋଶନରେ ସେ ଏବେ ବ୍ୟସ୍ତ ଅଛନ୍ତି। ସମ୍ପ୍ରତି ବଲିଉଡ୍ ଇଣ୍ଡଷ୍ଟ୍ରି କିଛିମାତ୍ରାରେ ପରିବର୍ତ୍ତନ ଆବଶ୍ୟକ କରୁଛି ବୋଲି ରବିବାର ବରୁଣ ଏକ ସାକ୍ଷାତ୍‌କାରରେ କହିଛନ୍ତି। ବରୁଣ କହିଛନ୍ତି, ଏବେ ବଲିଉଡ୍‌ରେ ଏପରି କିଛି ଲୋକ ପ୍ରାଧାନ୍ୟ ବିସ୍ତାର କରି ରହିଛନ୍ତି, ଯେଉଁମାନଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଭାରତର ଚାଲିଚଳନ ଓ ସଂସ୍କୃତିକୁ ଦର୍ଶାଉ ନାହିଁ। ସେମାନଙ୍କ ଚିନ୍ତାଧାରା କେବଳ ମୁମ୍ବାଇ ମଧ୍ୟରେ ସୀମିତ ରହିଯାଉଛି। ବଲିଉଡ୍‌କୁ ଆହୁରି ଲୋକପ୍ରିୟ କରାଇବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଦର୍ଶକଙ୍କ ଭଲ ପାଇବା ମିଳିବା ଆବଶ୍ୟକ। 'ଦି ରନ୍‌ଭୀର ଶୋ' ପୋଡ୍‌କାଷ୍ଟରେ ବରୁଣ କହିଛନ୍ତି, ବର୍ତ୍ତମାନ ବଲିଉଡ୍‌ର ଅଧିକାଂଶ ତାରକା ମୁମ୍ବାଇ କିମ୍ବା ଦେଶର ୪ରୁ ୫ଟି ବଡ଼ ବଡ଼ ସହରରୁ ଆସୁଛନ୍ତି। ଦେଶର ଅନ୍ୟାନ୍ୟ ପ୍ରାନ୍ତର ସ୍ୱର ମଧ୍ୟ ବଲିଉଡ୍‌ରେ ଶୁଣାଯିବାର ଆବଶ୍ୟକତା ରହିଛି। ଏପରି ହେଲେ ପ୍ୟାନ୍ ଇଣ୍ଡିଆ ସ୍ତରରେ ବଲିଉଡ୍ ଆହୁରି ଅଧିକ ଆଦୃତ ହୋଇ ପାରିବ। ବଲିଉଡ୍‌ର ନାମୀଦାମୀ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକମାନେ ସମୟ ସହ ପରିବର୍ତ୍ତନର ଆବଶ୍ୟକତାକୁ ବୁଝିବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ବଲିଉଡ୍ ଏହାର ପ୍ରାସଙ୍ଗିକତାକୁ କିଛି ମାତ୍ରାରେ ହରାଇଛି, ଯାହାକୁ ସ୍ୱୀକାର କରିବାକୁ ପଡ଼ିବ।

# ଯୁବକଙ୍କୁ ଦଳି ମାରିଲା ଦନ୍ତା

- ପାରା କର୍ମଚାରୀ ଜନ ଆକ୍ରୋଶର ଶିକାର
- ୪ଘଣ୍ଟା ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ
- ପ୍ରତିଶ୍ରୁତି ପରେ ନିୟନ୍ତ୍ରଣକୁ ଆସିଲା ସ୍ଥିତି
- ବଣାଇଁ ବନାଞ୍ଚଳରେ ପୁଣି ଦନ୍ତା ଆତଙ୍କ



ବଣାଇଁ,୨୨।୧୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନାଞ୍ଚଳ ଅନ୍ତର୍ଗତ ଜର୍କେଳା ଗ୍ରାମରେ ରବିବାର ପ୍ରତ୍ୟୁଷରେ ପୁଣି ଏକ ଗୋଠଛଡା ଦନ୍ତା ପାଦରେ ଦଳି ଜଣେ ଯୁବକଙ୍କୁ ମାରିଦେଇଛି। ମୃତକ ହେଲେ ଉକ୍ତ ଗ୍ରାମର ଧରଣୀ ପାତ୍ର (୪୦)। ରବିବାର ପ୍ରତ୍ୟୁଷରେ ଧରଣୀ ଘର ଅଗଣା ଝାଡୁ କରିବା ସମୟରେ ନିକଟରେ ବୁଲୁଥିବା ଗୋଠଛଡା ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇ ପାଦରେ ଦଳି ଦେଇଥିଲା। ଗ୍ରାମବାସୀ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ବନବିଭାଗକୁ ଦାୟୀ କରିବା ସହ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଜଣେ ବନବିଭାଗର ପାରା କର୍ମଚାରୀ ତପନ କୁମାର ନାଏକଙ୍କୁ ମାରପିଟ କରିଥିଲେ। ବଣାଇଁ ପୋଲିସ ପହଞ୍ଚି ଘଟଣାକୁ ନିୟନ୍ତ୍ରଣ କରିଥିଲା।

ପରେ ଲୋକମାନେ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ। ଡିଏଫଓଙ୍କୁ ଆସିବାକୁ ଦାବି କରି ଜିଦ୍‌ରେ ଅଟଳ ରହିଥିଲେ। ଡିଏଫଓ ଲଳିତ କୁମାର ପାତ୍ର ଆସି ସେମାନଙ୍କ ସହ ଆଲୋଚନା କରିଥିଲେ। ହାତୀ ଘଉଡ଼ାଇବା କ୍ଷେତ୍ରରେ ବିଭିନ୍ନ ବନାଞ୍ଚଳ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଯାଉଥିବା ଲୋକେ ଅଭିଯୋଗ କରିଥିଲେ। ଏଥିସହ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ତୁରନ୍ତ ମୃତକଙ୍କୁ କ୍ଷତିପୂରଣ, ତାଙ୍କ ପରିବାରରୁ ଜଣଙ୍କୁ ଚାକିରି, ହାତୀ ଘଉଡ଼ାଇବାକୁ ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟକଳାପର ତଦନ୍ତ ଦାବି ନେଇ ଡିଏଫଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଡିଏଫଓ ପାତ୍ର କହିଛନ୍ତି, ସରକାର ସ୍ୱୀକୃତି ପ୍ରଦାନ କଲା ପରେ ହାତୀକୁ ଟ୍ରାଙ୍କୁଲାଇଜ କରି ଟ୍ରାନ୍ସ ଲୋକେସନ ଆଦେଶ ଦିଆଯାଏ। ପରେ ସ୍ଥାନାନ୍ତରିତ ହୁଏ। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଘଟଣା ସ୍ଥଳରେ ପହଞ୍ଚି ବିଭାଗ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ଦାବିକ୍ରମେ ମୃତକଙ୍କ ଅନ୍ତ୍ୟେଷ୍ଟି ପାଇଁ ବିଭାଗ ତରଫରୁ ୬୦ ହଜାର ଟଙ୍କା ଓ ସାହାଯ୍ୟ ସହଯୋଗ ପାଇଁ ବନବିଭାଗ ରାଜି ହୋଇଥିଲା। ପରେ ଅବଶିଷ୍ଟ ୫ ଲକ୍ଷ ୪୦ ହଜାର ଟଙ୍କା ଆକାଉଣ୍ଟରେ ମିଳିବ ବୋଲି ଡିଏଫଓ କହିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ହାତୀ ଆକ୍ରମଣରେ ବଣାଇଁ ବନଖଣ୍ଡର ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଶହରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏଥିସହ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜିନ୍ନତ ହେବ ଟ୍ରାଙ୍କୁଲାଇଜ୍

## ଶିମିଳିପାଳ ଫେରାଇ ଆଣିବାକୁ ପ୍ରୟାସ

ବାରିପଦା,୨୨।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବଳ ବାଘୁଣୀ ଜିନ୍ନତକୁ ଫେରାଇ ଆଣିବାକୁ ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଟ୍ରାଙ୍କୁଲାଇଜ୍ କରାଯାଇ ତାକୁ ଶିମିଳିପାଳ ଅଭୟାରଣ୍ୟ ଫେରାଇ ଅଣାଯିବା ନେଇ ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅପରେଶନ ଆରମ୍ଭ ହୋଇଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ଜାତୀୟ ବ୍ୟାଘ୍ର ଅଭୟାରଣ୍ୟରୁ ନଭେମ୍ବର ୧୪ରେ ଶିମିଳିପାଳ ଆସିଥିବା ଜିନ୍ନତ ଗତ ୮ ତାରିଖରେ ଝାଡ଼ଖଣ୍ଡ ପଳାଇଥିଲା। ୨ ଦିନ ତଳେ ସେ ଝାଡ଼ଖଣ୍ଡ ଜଙ୍ଗଲ ଛାଡ଼ି ପଶ୍ଚିମବଙ୍ଗରେ ପ୍ରବେଶ କରିଥିଲା। ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲା ଝାଡ଼ଗ୍ରାମସ୍ଥିତ କଙ୍କଡ଼ାଝୋଳ ଜଙ୍ଗଲ ପାର୍ ହୋଇ ଏବେ ସେ ପୁରୁଲିଆ ଜିଲା ଅଧୀନ ବୁଦୱାନରେ ଚଳପ୍ରଚଳ କରୁଛି। ଶିମିଳିପାଳଠାରୁ ପ୍ରାୟ ୧୦୦ କି.ମି. ଦୂରରେ ରହିଥିବା ଜିନ୍ନତ ପାଇଁ ସେଠାରେ ହାଇଆଲର୍ଟ ଜାରି କରାଯାଇଛି।



ମହାବଳ ବାଘୁଣୀ ଜିନ୍ନତ

ଦିନକୁ ସେ ପାଖାପାଖି ୨୫ରୁ ୩୦ କି.ମି. ଚାଲୁଥିବାରୁ ତାକୁ ଟ୍ରାଙ୍କୁଲାଇଜ୍ କରି ଫେରାଇ ଆଣିବାକୁ ଯୋଜନା ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୩୦ରୁ ଅଧିକ କର୍ମଚାରୀ ଓ ପଶ୍ଚିମବଙ୍ଗ ବନ ବିଭାଗ ଅଧିକାରୀମାନେ ଜିନ୍ନତର ଗତିବିଧି ଉପରେ ଲକ୍ଷ୍ୟ ରଖିଛନ୍ତି। ଓଡିଶା ରାଜ୍ୟ ଜଙ୍ଗଲ ବିଭାଗର ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ନିଷ୍ପତ୍ତିକ୍ରମେ ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରି ଫେରାଇ ଆଣିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି, ଯାହାକୁ ନେଇ ଉଭୟ ରାଜ୍ୟ ବନ ବିଭାଗର କର୍ମଚାରୀମାନେ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଲାଗିପଡ଼ିଛନ୍ତି। ଜିନ୍ନତ ବୁଲୁଥିବା ଅଞ୍ଚଳର ଲୋକେ ଓ ସୁନ୍ଦରବନର ଅଭିଜ୍ଞ ବାଘଧରାଳି ମଧ୍ୟ ପହଞ୍ଚି ଧରିବାକୁ ଜାଲ ବିଛାଇଥିବା ସୂଚନା ମିଳିଛି। ସେ ଭୋର୍ ସମୟରେ ଗତି କରୁଥିବାବେଳେ ମଧ୍ୟାହ୍ନରେ ବିଶ୍ରାମ କରୁଛି। ଶନିବାର ସକାଳେ ଝାଡ଼ଗ୍ରାମରେ ରହିଥିବାବେଳେ ରବିବାର ପୁରୁଲିଆର ବୁଦୱାନରେ ପହଞ୍ଚିଛି। ପର୍ଯ୍ୟଟନ ଋତୁରେ ବାଘ ଆତଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଙ୍ଗଲ ଅଞ୍ଚଳର ସମସ୍ତ ପିକ୍‌ନିକ୍ ସ୍ପଟ୍ ବନ୍ଦ ରଖାଯାଇଛି। ପରିସ୍ଥିତିକୁ ନଜରରେ ରଖି ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଜିନ୍ନତର ଗତିବିଧି ଉପରେ ନଜର ରଖିଛି। ସୁଯୋଗ ପାଇବା ମାତ୍ର ତାକୁ ଟ୍ରାଙ୍କୁଲାଇଜ୍ କରି ପୁଣି ଶିମିଳିପାଳ ଫେରାଇ ଅଣାଯିବ ବୋଲି ବିଭାଗ ସୂଚନା ଦେଇଛି। ଅନ୍ୟତମ ବାଘୁଣୀ ଯମୁନା ଶିମିଳିପାଳ ସୀମା ଅଞ୍ଚଳରେ ରହିଥିବା ନେଇ ଆର୍‌ସିସିଏଫ୍ ସ୍ପଷ୍ଟ କରିଛନ୍ତି।

# ଜଙ୍ଗଲରୁ ମାଈହାତୀ ମୃତଦେହ ଠାବ

ବାଙ୍ଗିରିପୋଷି,୨୨।୧୨
(ସଞ୍ଜୟ କୁମାର ଅଗ୍ରୱାଲା)



ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ୍ ଅଧୀନ ଗୋଲାମୁଣ୍ଡାକଟା ଗାଁ ପାଖ ଜଙ୍ଗଲରେ ରବିବାର ଏକ ମାଈହାତୀ ମୃତଦେହ ଠାବ ହୋଇଛି। ହାତୀର ଆନୁମାନିକ ବୟସ ପ୍ରାୟ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଗୋଲାମୁଣ୍ଡାକଟା ଅଞ୍ଚଳରେ ୩୦ ଟିକିଆ ହାତୀପଲ ରହିଥିଲେ। ରବିବାର ସକାଳୁ ମାଈହାତୀଟି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂ, ଏସିଏଫ୍ ରବିନାରାୟଣ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଏକ ଡାକ୍ତରୀ ଦଳ ଆସି ଯାଞ୍ଚ କରିବା ପରେ ହାତୀଟି ମୃତ ବୋଲି ଘୋଷଣା କରିଥିଲା। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ହାତୀ ଶରୀରର ବିଭିନ୍ନ ଅଂଶକୁ ପରୀକ୍ଷା ପାଇଁ ପଠାଯାଇଛି। ସବିଶେଷ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସିଏଫ୍ କହିଛନ୍ତି।

## ପିଲାଙ୍କ ସହ ଇଏସ୍ଏ ଦିବସ ପାଳିଲା ରିଲାଏନ୍ସ ଫାଉଣ୍ଡେଶନ

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ 'ଏଜୁକେଶନ ଆଣ୍ଡ୍ ସ୍ପୋର୍ଟ୍ସ ଫର୍ ଅଲ୍(ଇଏସ୍ଏ)' ଦିବସ ପାଳନ କରାଯାଇଛି। ଏନେଇ ଆଜ୍‌ମେରା ଗିଅଲଟି ସହଯୋଗରେ ମୁମ୍ବାଇସ୍ଥିତ ହାମ୍‌ଲେଜ୍ ୱଣ୍ଡରଲ୍ୟାଣ୍ଡଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ପ୍ରାୟ ୧୦୦୦ ଶିଶୁ ମନଷ୍ଟର୍ ରାଇଡ୍, ହାମଲେଜ୍ ଭିଲେଜ୍, ହଣ୍ଟେଡ୍ ସର୍କସ୍, ଫେରିଜ୍ ହ୍ୱିଲ୍ ଭଳି ଆମୋଦଦାୟକ କ୍ରୀଡ଼ାର ମଜା ନେଇଥିଲେ। ଏଠାରେ ପିଲାମାନେ ଖୁବ୍ ମଜାମସ୍ତି କରିବା ସହ ରିଲାଏନ୍ସ ବନ୍ତରାର ସ୍ୱେଚ୍ଛାସେବୀଙ୍କ ସହ ମିଶି ପ୍ରାଣୀ ଯତ୍ନ ଉପରେ ସଚେତନ ହୋଇଥିଲେ। ଏହାସହ ପ୍ରତି ପିଲାଙ୍କୁ ବନ୍ତରା ପ୍ରାଣୀ ଖେଳନା ସହ ପାଠ୍ୟୋପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେଶନର କାହାଣୀ, କଳା ଓ ଖୁସି ଅଭିଯାନ ଅଧୀନରେ ଆୟୋଜିତ କ୍ରୀଡ଼ା ଓ କୁଇଜ୍‌ରେ ପିଲାମାନେ ଅଂଶଗ୍ରହଣ କରିଥିଲେ। ସମାଜର ପ୍ରତିଟି ବର୍ଗର ଶିଶୁଙ୍କ ପାଇଁ ଶିକ୍ଷା ଓ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

# ଶ୍ରୀମନ୍ଦିର ନିକଟରେ ଭକ୍ତ-ସେବାୟତ ଧସ୍ତାଧସ୍ତି

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ନିକଟରେ ରବିବାର ମଧ୍ୟାହ୍ନରେ ପୋଲିସ ଉପସ୍ଥିତିରେ ଭକ୍ତ ଓ ସେବାୟତ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। କେତେଜଣ ଭକ୍ତ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଦେଇ ମନ୍ଦିରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସେବାୟତ ସେମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ଏବଂ ପରେ ଧସ୍ତାଧସ୍ତି ହୋଇଥିଲା। ସେଠାରେ ନିୟୋଜିତ ଥିବା ପୋଲିସ ନୀରବଦ୍ରଷ୍ଟା ସାଜିଥିଲା।

ସୂଚନା ଅନୁଯାୟୀ, ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌ରେ ଭକ୍ତମାନେ ପ୍ରବେଶ କରି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭିତରକୁ ଯାଉଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ୍ ରହିଛି। ଉକ୍ତ ବ୍ୟାରିକେଡ୍ ଦେଇ ସେବାୟତ, ପ୍ରଶାସନିକ ଅଧିକାରୀ, ଭିଆଇପି, ସେବାୟତ ପରିବାର ସଦସ୍ୟ ଯାତାୟାତ କରୁଛନ୍ତି। ତେବେ କେତେଜଣ ଭକ୍ତ ପୋଲିସ କର୍ମଚାରୀ ଓ ସେବାୟତଙ୍କୁ ଟଙ୍କା ଦେଇ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଦେଇ ଯାଉଛନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଏଭଳି ଅଭିଯୋଗ ପରେ କିଛି ମାସ ପୂର୍ବରୁ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ବିଶୃଙ୍ଖଳାକୁ ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେଠାରେ ସିସିଟିଭି କ୍ୟାମେରା ଲଗାଯାଇଛି। ତେବେ ଯେଉଁ ଭକ୍ତ ଟଙ୍କା ନ ଦେଇ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ପଟେ ଯିବାପାଇଁ ଉଦ୍ୟମ କରୁଛନ୍ତି, ସେମାନଙ୍କୁ ସେବାୟତମାନେ ଅଟକାଉଥିବା ଅଭିଯୋଗ ହୋଇଛି। ଫଳରେ ଏଭଳି ଧସ୍ତାଧସ୍ତି ପରିସ୍ଥିତି ହୋଇଥିବା କୁହାଯାଉଛି। ଅନେକ ସମୟରେ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ କାହିଁକି ଚୁପ୍ ରହୁଛି, ତା'କୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

# ଲୋକଙ୍କ ଭାବନା ଜାଣିପାରିବ ରୋବୋ

## ଟୋକିଓ ମେଟ୍ରୋପଲିଟାନ ୟୁନିଭର୍ସିଟିର ଅଧ୍ୟୟନ

ଟୋକିଓ, ୨୨।୧୨



ଭବିଷ୍ୟତରେ ରୋବୋମାନେ କେବଳ ମଣିଷର ଚର୍ମକୁ ସ୍ପର୍ଶ କରି ସେମାନଙ୍କ ଭାବାବେଗ ଜାଣିବାକୁ ସକ୍ଷମ ହେବେ। 'ଆଇଇଇଇ ଆକ୍ସେସ୍' ଜର୍ନାଲରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନ ପ୍ରକାଶ ପାଇଛି। ଟୋକିଓ ମେଟ୍ରୋପଲିଟାନ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ଅଂଶଗ୍ରହଣକାରୀ ବ୍ୟକ୍ତିଙ୍କର ମାନବୀୟ ଭାବାବେଗ ଜାଣିବା ପାଇଁ ବୈଜ୍ଞାନିକମାନେ ସେମାନଙ୍କର ଚର୍ମ ସମ୍ବେଦନଶୀଳତା(ସ୍କିନ୍ କଣ୍ଡକ୍ଟାନ୍ସ)କୁ ବ୍ୟବହାର କରିଛନ୍ତି। ସାଧାରଣତଃ ଶରୀରରେ ହେଉଥିବା ଝାଳ ନିର୍ଗତ ଏବଂ ବିଭିନ୍ନ ପ୍ରକାର ସ୍ନାୟୁ କାର୍ଯ୍ୟକଳାପ ପ୍ରତିକ୍ରିୟାରେ ପରିବର୍ତ୍ତନ ଘଟିଥାଏ। ଫଳରେ ଶରୀରରୁ ଚର୍ମ ସମ୍ବେଦନଶୀଳତାର ମାତ୍ରା ମଧ୍ୟ ବିଭିନ୍ନ ସ୍ଥିତିରେ ଭିନ୍ନ ଭିନ୍ନ ରହିଥାଏ। ଏହା ମାନବୀୟ ଭାବାବେଗର ବିଭିନ୍ନ ଅବସ୍ଥାକୁ ସୂଚିତ କରୁଥିବା ନେଇ ଏହି ଅଧ୍ୟୟନ କରିଥିବା ବୈଜ୍ଞାନିକମାନେ କହିଛନ୍ତି।

ଏହି ଅଧ୍ୟୟନରେ ମାନବ ଭାବାବେଗକୁ ବିଶ୍ଳେଷଣ କରିପାରୁଥିବା ବିଭିନ୍ନ ପାରମ୍ପରିକ କୌଶଳ ଉପରେ ପ୍ରଶ୍ନ ଉଠାଯାଇଛି। ଖାସ୍‌କରି କୌଣସି ବ୍ୟକ୍ତିଙ୍କ ମୁହଁର ହାବଭାବରୁ ତାଙ୍କ ମନସ୍ଥିତି ବିଷୟରେ ଜାଣିବା, ବକ୍ତବ୍ୟକୁ ବିଶ୍ଳେଷଣ କରି ଭାବାବେଗ ସମ୍ପର୍କରେ ଅନୁମାନ କରିବା ଆଦି ପଦ୍ଧତିରେ ତ୍ରୁଟି ରହିଛି ବୋଲି ଟୋକିଓ ମେଟ୍ରୋପଲିଟାନ ୟୁନିଭର୍ସିଟିର ବୈଜ୍ଞାନିକମାନେ କହିଛନ୍ତି। ସାଧାରଣତଃ ଯେକୌଣସି ସ୍ଥାନରେ ଅଡିଓ ଏବଂ ଭିଜୁଆଲ ଅବସ୍ଥା ସର୍ବଦା ଆଦର୍ଶ ସ୍ଥିତିରେ ନ ଥାଏ। ତେଣୁ ଏପରି କୌଶଳ ଭୁଲ୍ ଫଳାଫଳ ଦେବାର ସମ୍ଭାବନା ରହିଛି। ମାନବ ଭାବାବେଗକୁ ପରଖିବା ପାଇଁ ଚର୍ମ ସମ୍ବେଦନଶୀଳତା ଏକ ଉତ୍କୃଷ୍ଟ ବିକଳ୍ପ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ବାସ୍ତବ ସମୟରେ ମଣିଷର ଭାବନାକୁ ଧରିବା ପାଇଁ ଏହା ସର୍ବୋତ୍ତମ ଉପାୟ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ଅଧ୍ୟୟନରେ ୩୩% ଅଂଶଗ୍ରହଣକାରୀଙ୍କର ଭାବପ୍ରବଣ ପ୍ରତିକ୍ରିୟାକୁ ମାପିବା ପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ ଭାବପ୍ରବଣ ଭିଡିଓ ଦେଖାଯାଇଥିଲା। ଏହାପରେ ତୁରନ୍ତ ସେମାନଙ୍କ ଚର୍ମର ସମ୍ବେଦନଶୀଳତାକୁ ପରୀକ୍ଷା କରାଯାଇଥିଲା। ଫଳାଫଳରେ ବିଭିନ୍ନ ପ୍ରକାର ଭାବନା ପାଇଁ ଅଲଗା ଅଲଗା ପାଟର୍ନ ଦେଖିବାକୁ ମିଳିଥିଲା। ଭୟ ସମ୍ବନ୍ଧିତ ଭିଡିଓ ଦେଖିଥିବା ବ୍ୟକ୍ତିଙ୍କ ଭାବପ୍ରବଣତାର ପ୍ରତିକ୍ରିୟା ସବୁଠାରୁ ଦୀର୍ଘସ୍ଥାୟୀ ଥିଲା। ତେବେ ସୁଖ ଏବଂ ଦୁଃଖର ମିଶ୍ରିତ ଥିବା ପାରିବାରିକ ସମ୍ପର୍କ ସହ ଜଡ଼ିତ ଭିଡିଓ ଦେଖିଥିବା ବ୍ୟକ୍ତିଙ୍କ ଭାବପ୍ରବଣତାର ପ୍ରତିକ୍ରିୟା ଧିମା ଥିଲା। ଅନ୍ୟପକ୍ଷରେ, ହାସ୍ୟ ଭିଡିଓ କ୍ଷେତ୍ରରେ ତ୍ୱରିତ ତଥା କ୍ଷଣିକ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା।

ଭବିଷ୍ୟତରେ ମାନବ ଭାବାବେଗକୁ ପରଖିବା ପାଇଁ ରହିଥିବା କୌଶଳର ବିକାଶରେ ଏହି ଅଧ୍ୟୟନର ଫଳାଫଳ ସହାୟକ ହେବ ବୋଲି ଟୋକିଓ ମେଟ୍ରୋପଲିଟାନ ୟୁନିଭର୍ସିଟିର ବୈଜ୍ଞାନିକମାନେ କହିଛନ୍ତି।

ଅନ୍ୟ ଶାରୀରିକ ସଙ୍କେତ ସହ ମିଳିତ ଭାବେ ଚର୍ମ ସମ୍ବେଦନଶୀଳତା ମାନବ ଭାବାବେଗକୁ ନେଇ ଅଧିକ ଠିକ୍ ଫଳାଫଳ ଦେଇପାରିବ ବୋଲି ସେମାନେ କହିଛନ୍ତି। ଭବିଷ୍ୟତରେ ରୋବୋମାନେ ମଣିଷ ସହ ଭାବପ୍ରବଣ ଭାବେ କିପରି ଯୋଗାଯୋଗ କରିପାରିବେ ତାହା ଏହି ଅଧ୍ୟୟନ ଦ୍ୱାରା ସ୍ପଷ୍ଟ ହୋଇଛି। କେବଳ ରୋବୋଟିକ୍ସ କ୍ଷେତ୍ରରେ ନୁହେଁ ବରଂ ମନୁଷ୍ୟର ଭାବନାତ୍ମକ ପଦକ୍ଷେପକୁ ବୁଝିବାରେ ଏହି ଅଧ୍ୟୟନ ସହାୟକ ହେବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ଉକ୍ତ ଅଧ୍ୟୟନ ଚିକିତ୍ସା, ବୈଷୟିକ ସହାୟତା, ମଣିଷ-ରୋବୋ ଯୋଗାଯୋଗ ଆଦି କ୍ଷେତ୍ରରେ ଅନେକ ନୂତନ ସମ୍ଭାବନାକୁ ଖୋଲିପାରିଛି।






**ଆଜିର ମନ୍ତବ୍ୟ**

"୩୫ ବର୍ଷ ଧରି ବାମପନ୍ଥୀ ଶାସନରେ ତ୍ରିପୁରା ଏକ ପଛୁଆ ରାଜ୍ୟ ହୋଇ ପଡ଼ିରହିଥିଲା। ୨୦୧୮ରେ ଭାଜପା କ୍ଷମତାକୁ ଆସିବା ପରେ ହିଁ ତ୍ରିପୁରାର ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳୁଛି। —ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସୋଲାର ଇନ୍‌ଭେଷ୍ଟର କନ୍‌କ୍ଲେଭ, ସ୍ଥାନ: ହୋଟେଲ ଲେମନ ଟ୍ରି, ସମୟ: ସକାଳ ୯ଟା ୩୦।
- ରୋଜଗାର ମେଳା କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟରିଆଲ ଟେକ୍ନୋଲୋଜି ଅଡିଟୋରିୟମ ହଲ୍, ସମୟ: ସକାଳ ୯ଟା ୩୦।
- ଉଚ୍ଚ ମାଧ୍ୟମିକ ପରିଷଦର ଅବସରପ୍ରାପ୍ତ କର୍ମଚାରୀ ସଂଘର ଚତୁର୍ଥ ପ୍ରତିଷ୍ଠା ଦିବସ, ସ୍ଥାନ: ରୋଟାରୀ କ୍ଲବ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ସଦନ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଇମେଜ, ଓୟୁଏଟି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସାଇ ସାଗର କ୍ରିଏଶନ ପକ୍ଷରୁ ସବ୍‌କା ମାଲିକ ଏକ୍ ହେ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ତାରାମଣୀ ଦେବୀ ତୃତୀୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ଆର୍କାଇଭ୍‌ସ ଅଫ୍ ଇଣ୍ଡିଆ, ଏମ୍-୭୯, ପାର୍ଥସାରଥୀ ଲେନ୍, ୟୁନିଟ୍-୪, ସମୟ: ଅପରାହ୍ନ ୫ଟା।
- ନୃତ୍ୟ ପ୍ରତିଭା ପକ୍ଷରୁ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବେଣୁପୁର ସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସଶକ୍ତୀକରଣ ଓ ସ୍ୱରୋଜଗାର ନିମନ୍ତେ ଏକ ଗାରମେଣ୍ଟ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଓମଫେଡ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ ଜୟଦେବ କଲେଜ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## କଟକ

- ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ଅନୁଷ୍ଠାନର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଅନୁଷ୍ଠାନର ପରିସର, ସାହେବଜାଦା ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପାଟଣା ସୁରେନ୍ଦ୍ରପାଟଣାର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ପୁଣ୍ୟଭୂମି ପକ୍ଷରୁ ସୂର୍ଯ୍ୟ ମିଶ୍ରଙ୍କ ଗୀତିକବିତା ୧୦୮ ଭକ୍ତିପଦ୍ମର ଉନ୍ମୋଚନ ଉତ୍ସବ, ସ୍ଥାନ: ଗୋପାଳଜୀଉ ମଠ, ଚୌଧୁରୀ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମିଶନ ଓଡ଼ିଶା ପକ୍ଷରୁ କୋଷ୍ଟାଲ ଟ୍ରାକିଂ, ସ୍ଥାନ: ଲାଇଟ୍ ହାଉସ୍ ବେଳାଭୂମି, ସମୟ: ସକାଳ ୭ଟା ୩୦।
- ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନସ୍: ବୁଢ଼ୀମା' ବଗିଚା, ସମୟ: ଅପରାହ୍ନ ୪ଟା।
- ଶ୍ରୀଧାମ କଲ୍‌ଚରାଲ ଏକାଡେମୀ, ରୁଦ୍ରାଣୀ ପ୍ରଡକ୍ସନ ଏବଂ କରିସ୍ମା ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମଧୁର ମେଳା ଓ ଜଗନ୍ନାଥଙ୍କ ୩୨ ବେଶ,ସ୍ଥାନ: ଚକସାର୍ଥା,ବାଲେଶ୍ୱର,ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: କାଁଥିଭଉଁରୀ ହାଇସ୍କୁଲ, ଭୋଗରାଇ, ସମୟ: ସକାଳ ୮ଟା।
- କୁପାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ,ସ୍ଥାନ:ହାଇସ୍କୁଲ ପରିସର, ଖଇରା,ସମୟ: ସକାଳ ୯ଟା।
- ବସ୍ତା ପ୍ରେସ କ୍ଲବ ବୈଠକ, ସ୍ଥାନ:ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ୪୯ତମ ବାର୍ଷିକ ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା,ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ବାର୍ଷିକ ଉତ୍ସବ,ସ୍ଥାନ: ଶକୁନ୍ତଳା ପବ୍ଲିକ ସ୍କୁଲ, ରୂପ୍‌ସା,ସମୟ:ଅପରାହ୍ନ ୩ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଧାମନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପନ, ସ୍ଥାନ: ଗେଲପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପନ, ସ୍ଥାନ: ଛପୁଲିଆ ଶିଶୁମନ୍ଦିର ପରିସର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀ ମନ୍ଦିରରେ ପୂଜା, ମେଳା ଓ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୮ ଓ ସନ୍ଧ୍ୟା ୬ ଟା।
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସଦର ବ୍ଲକ୍ ରାଙ୍କି ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଲକ୍ଷ୍ମୀନାରାୟଣ ପୂଜା ମେଢ଼ ଭସାଣି ଉତ୍ସବ, ସ୍ଥାନ: ଢେଙ୍କିକୋଟ ସମୟ: ଅପରାହ୍ନ ୨ଟା।
- ଶିଶୁ ମନ୍ଦିରର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ସହର ବଣିଆ ପାଟ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ତ୍ରିନାଥ ଗୋସାଇଁଙ୍କ ବାର୍ଷିକ ପୂଜା,ସ୍ଥାନ:ଉଦଳା ଥାନା ପୂଜା ମଣ୍ଡପ,ସମୟ:ମଧ୍ୟାହ୍ନ ୧୨ଟା ୩୦।
- ମୟୂରଭଞ୍ଜ ପୁସ୍ତକମେଳା ଆନୁକୂଲ୍ୟରେ ଫ୍ୟାନ୍ସି ପ୍ରତିଯୋଗିତା,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ପୁସ୍ତକମେଳା: ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା

## ବ୍ରହ୍ମପୁର

- ଚିନ୍ମୟ ମିଶନ ପକ୍ଷରୁ ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା୩୦।

## ଗଞ୍ଜାମ

- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ନିମିନାସ୍ଥିତ ବିଦ୍ୟାଳୟ ପରିସର, ଆସିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୁଗୁଡା ବୁଦ୍ଧଗିରି ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାପୀଠ ପରିସର, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ଗଁଦିଆ, ସମୟ: ପୂର୍ବାହ୍ନ ୧୦ଟା।
- ଦଣ୍ଡାଧର ଡ୍ୟାମ ପ୍ରକଳ୍ପର ଶୁଭ ଉଦ୍‌ଘାଟନ, ସ୍ଥାନ: ଡ୍ୟାମ ପରିସର, କଙ୍କଡ଼ାହାଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଆରୋଗ୍ୟ ଶିବିର, ସ୍ଥାନ: ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକନ୍ଦ୍ର, ସମୟ: ସକାଳ ୯ ଘଟିକା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ଲାଷ୍ଟିକ ପାର୍କ ମଧ୍ୟରେ ଦୁଇ ନୂତନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସିଜୁ, ପ୍ଲାଷ୍ଟିକ ପାର୍କ ଏରିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜରାଶ୍ରମର ଦିବଙ୍ଗତ ଅନ୍ତେବାସୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜରାଶ୍ରମ, ସନ୍ତୋଷୀପଡ଼ା, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ସିରିଡି ସାଇ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ବିଶ୍ୱାସ କ୍ଲବ ବନାମ ନେତାଜୀ ୟୁଥ କ୍ଲବ ମଧ୍ୟରେ ଖେଳ, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: କୁହୁଡି ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଯକ୍ଷ୍ମାରୋଗୀ ଚିହ୍ନଟ ତାଲିମ ଶିବିର, ସ୍ଥାନ: ନୟାଗଡ଼ ବ୍ଲକର ବଡପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତିଥି ଅନୁସାରେ ପଠାଣୀ ସାମନ୍ତଙ୍କ ଜୟନ୍ତୀ, ସ୍ଥାନ:ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାପାଳଙ୍କ ଜନ ଶୁଣାଣୀ ଶିବିର, ସ୍ଥାନ: ଖଣ୍ଡପଡ଼ା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା

- ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ମିନି ମାରାଥନ, ସ୍ଥାନ: ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡଠାରୁ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ୧୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ସେଞ୍ଚୁରିଅନ ମଣ୍ଡପମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶାସନ ଗାଁଓକି ଓର କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମାନବାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ଜିଲା କୃଷକ କଲ୍ୟାଣ ମଞ୍ଚ କୁନ୍ଦୁରା ବ୍ଲକ ପକ୍ଷରୁ ଧାନକ୍ରୟ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରା କଲ୍ୟାଣ ମଣ୍ଡପ, ସମୟ ମଧ୍ୟାହ୍ନ: ୧୨ଟା।

## ସମ୍ବଲପୁର

- .ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷର କୃଷି ଯନ୍ତ୍ରପାତି ମେଳା, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ପୁରୁଣା ମ୍ୟୁନିପାଲିଟି କାର୍ଯ୍ୟାଳୟ, ସମୟ : ରାତି ୭ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା,ଲୋଇସିଂହା, ସମୟ : ସକାଳ ୯ଟା।
- ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ରକ୍ତଦାନ ଶିବିର, ସ୍ଥାନ: ରକ୍ତଭଣ୍ଡାର, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।
- ମୁକ୍ତି ଅନୁଷ୍ଠାନର ଶୁଭାରମ୍ଭ ସମାରୋହ, ସ୍ଥାନ: ଆଇନ ମହାବିଦ୍ୟାଳୟ ପରିସର, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ ଟା ।
- ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁଭାରମ୍ଭ, ସ୍ଥାନ : ମାହେଶ୍ୱରୀ ଖେଳ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସୁଶାସନ ସପ୍ତାହ ପାଳନ ସମାରୋହ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଟଲି, ସମୟ: ସକାଳ ୯ଟା।
- ସୁଶାସନ ସପ୍ତାହ ପାଳନ ସମାରୋହ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଅମ୍ବାଭୋନା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଜନନୀ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଦୁର୍ଘଟଣା ଏଡ଼ାଇବା ପାଇଁ ତ୍ରିପାକ୍ଷିକ ଆଲୋଚନା, ସ୍ଥାନ: ବସଷ୍ଟାଣ୍ଡ ପରିସର, ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ବିଉଟି କାଉନସିଲ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ ସଭାକକ୍ଷ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ନିଷ୍ଠା ପରିବାରର ଖବରଦାତା ସମ୍ମିଳନୀ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଖ୍ରୀଷ୍ଟମାସ ପର୍ବ ପାଇଁ ପ୍ରସ୍ତୁତି, ସ୍ଥାନ: ଝିରପାଣି ଓ ଶକ୍ତି ନଗର ଚର୍ଚ୍ଚ, ସମୟ: ସନ୍ଧ୍ୟା ୬ଟା।
- ଫେସନ ଶୋ'କୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଶକ୍ତିନଗର ଏସ୍‌ଏ, ୭୦, ସମୟ: ଅପରାହ୍ନ ୧ଟା।
- ଚିନ୍ମୟ ଇଂଲିଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ମହୋତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଧାମରା ସଂଘ, ସମୟ: ସନ୍ଧ୍ୟା ୫ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, ଝରଗୁଗୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚ ଦେବଗଡ଼ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା।
- ଛତୁଚାଷ ଉତ୍ପାଦନ ସମ୍ପର୍କିତ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍ସବ ପ୍ରଧାନପାଟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ବିରାଟ ଆଞ୍ଚଳିକ ଧନୁଯାତ୍ରା ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ ସାପ୍ତାହିକ ବଜାର ସମ୍ମୁଖ, ସମୟ: ସକାଳ ୯ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଖଟଖଟିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଣ୍ଠାମାଳ ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।

# ଅଦିନିଆ ବର୍ଷା: ଚାଷୀଙ୍କୁ କ୍ଷତିପୂରଣ ଦାବିକଲା ସିପିଆଇଏମ୍

ଭୁବନେଶ୍ୱର, ୨୨।୧୨
(ବନ୍ଦନା ସେଠୀ)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ଜିଲା ପ୍ରଭାବିତ ହୋଇଛି। ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହେବା ସହ ଧାନ, କପା ସହିତ ପନିପରିବା ଚାଷ ଉଜୁଡ଼ି ଯାଇଛି। ବିଶେଷକରି ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ସୋନପୁର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାଗୁଡ଼ିକ ବ୍ୟାପକ ଭାବରେ ପ୍ରଭାବିତ ହୋଇଛି। ତେଣୁ ରାଜ୍ୟ ସରକାର ଅବିଳମ୍ବେ କ୍ଷତି ହୋଇଥିବା ଫସଲର ଆକଳନ କରି ଚାଷୀ ଏବଂ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସିପିଆଇ (ଏମ୍) ପକ୍ଷରୁ ଦାବି କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମାଗତଭାବେ ଚାଷୀ କ୍ଷତି ସହୁଥିବାରୁ ସେମାନଙ୍କ ମଧ୍ୟରେ ହତାଶଭାବ ଦେଖାଦେଇଛି। ସେହି ଦୃଷ୍ଟିରୁ ଚାଷୀର ସମସ୍ତ କ୍ଷତିକୁ ସରକାର ଭରଣା କରିବା ସହିତ ଚାଷୀ କରିଥିବା ଋଣକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଉ। ସରକାର ଆଗୁଆ ସୂଚନା ଦେଇ ଚାଷୀମାନଙ୍କୁ ସତର୍କ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଫସଲ ହରାଇ ମୁଣ୍ଡରେ ହାତଦେଇ ବସିଛି। ତେଣୁ ଅଦିନିଆ ବର୍ଷା ପାଇଁ ଫସଲ କ୍ଷତି ହୋଇଥିବା ଅଞ୍ଚଳଗୁଡିକରେ ଚାଷୀମାନେ ସ୍ଥାନୀୟ ସରକାରୀ ଅଫିସ୍ ସମ୍ମୁଖରେ ପ୍ରତିବାଦ ଆନ୍ଦୋଳନ କରିବାକୁ ସିପିଆଇ (ଏମ୍) ଓଡ଼ିଶା ରାଜ୍ୟ କମିଟି ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପେଗାସସ୍ ପଛରେ ...

ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରିଥିଲେ। ଏପରି କି ଏହି ମାମଲା ସୁପ୍ରିମକୋର୍ଟଙ୍କୁ ଯାଇଥିଲା। ଏହାର ତଦନ୍ତ ପାଇଁ ୨୦୨୧ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ପ୍ରାୟ ୧୦ ମାସ ଧରି ଫୋରେନ୍‌ସିକ୍ ଯାଞ୍ଚ କରିବା ପରେ ୨୦୨୨ ଅଗଷ୍ଟରେ ଏନେଇ ରିପୋର୍ଟ ଦାଖଲ କରିଥିଲା। ଅଭିଯୋଗକାରୀଙ୍କ ୨୯ ମୋବାଇଲ ଫୋନ୍ ମଧ୍ୟରୁ ମାତ୍ର ୫ଟିରେ ମାଲ୍‌ୱେର ଇନ୍‌ଷ୍ଟଲ୍ କରାଯାଇଥିବା ନେଇ ସେତେବେଳେ ଉକ୍ତ କମିଟି ଦର୍ଶାଇଥିଲା। ତେବେ ସେହି ସ୍ପାଏୱେର ପେଗାସସ୍‌ର କି ନୁହେଁ, ତାହା ସ୍ପଷ୍ଟ ହୋଇ ନ ଥିବା ବିଷୟ ତତ୍କାଳୀନ ସିଜେଆଇ ଏନ୍.ଭି. ରମନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ହ୍ୱାଟ୍‌ସଆପ୍ ପକ୍ଷରୁ ଆମେରିକାର କାଲିଫର୍ନିଆସ୍ଥିତ ଏକ ଡିଷ୍ଟ୍ରିକ୍ଟ କୋର୍ଟରେ ଏନ୍‌ଏସ୍‌ଓ ବିରୋଧରେ ପିଟିଶନ ଦାଖଲ କରାଯାଇଥିଲା। ଏନ୍‌ଏସ୍‌ଓ ଗ୍ରୁପ୍ ଏହି ସ୍ପାଏୱେରକୁ ବିଭିନ୍ନ ଦେଶର ଖବରଦାତା, ମାନବାଧିକାର କର୍ମୀ ଓ ଅନ୍ୟମାନଙ୍କ ୧,୪୦୦ ଉପକରଣରେ ଇନ୍‌ଷ୍ଟଲ କରି ସେମାନଙ୍କ ଉପରେ ଗୁପ୍ତଚରଗିରି କରିଥିବା ହ୍ୱାଟ୍‌ସଆପ୍ ପକ୍ଷରୁ ଦର୍ଶାଯାଇଥିଲା। ନର୍ଦ୍ଦର୍ନ ଡିଷ୍ଟ୍ରିକ୍ଟ ଜଜ୍ ଫିଲିସ୍ ହାମିଲଟନ୍ ଏହାର ରାୟ ଶୁଣାଣି କରି ଶୁକ୍ରବାର ଏନ୍‌ଏସ୍‌ଓ ଗ୍ରୁପ୍ ଟେକ୍ନୋଲୋଜିକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏନ୍‌ଏସ୍‌ଓ କମ୍ପ୍ୟୁଟର ଫ୍ରଡ୍ ଆଣ୍ଡ ଆବ୍ୟୁଜ୍ ଆକ୍ଟ ଏବଂ କମ୍ପ୍ରିହେନ୍ସିଭ୍ କମ୍ପ୍ୟୁଟର ଡେଟା ଆକ୍ସେସ୍ ଆଣ୍ଡ ଫ୍ରଡ୍ ଆକ୍ଟର ଉଲ୍ଲଂଘନ କରିଥିବା ଦର୍ଶାଇଛନ୍ତି। ଏପରି କି ଏନ୍‌ଏସ୍‌ଓ ହ୍ୱାଟ୍‌ସଆପ୍‌ର ସେବା ନିୟମକୁ ମଧ୍ୟ ଉଲ୍ଲଂଘନ କରି ବିଶ୍ୱାସ ଭଙ୍ଗ କରିଥିବା ବିଚାରପତି ସ୍ପଷ୍ଟ କରିଛନ୍ତି। ସ୍ପାଏୱେର ନିର୍ମାତା ହ୍ୱାଟ୍‌ସଆପ୍ ଏବଂ ଏହାର ମୂଳ କମ୍ପାନୀ ମେଟାର କେତେ କ୍ଷତି ସାଧନ କରିଛି, ତାହା ଧାର୍ଯ୍ୟ କରିବା ପାଇଁ ଉକ୍ତ ନିଷ୍ପତ୍ତି ପରେ ପଥ ପରିଷ୍କାର ହୋଇଛି। ଏଥିପାଇଁ ମେଟା କର୍ତ୍ତୃପକ୍ଷ କୋର୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏନେଇ କଂଗ୍ରେସ ନେତା ରଣଦୀପ ସୁର୍ଜ୍ୟେୱାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତରେ ଏନ୍‌ଏସ୍‌ଓ ଗ୍ରୁପ୍ ଜରିଆରେ କେନ୍ଦ୍ର ସରକାର ଗୁପ୍ତଚରଗିରି କରାଉଥିଲେ। ଆମେରିକା କୋର୍ଟ ରାୟ ଆସିବା ପରେ ଏହା ସ୍ପଷ୍ଟ ହୋଇଯାଇଛି। ତେଣୁ ଭାରତର କେଉଁ ୩୦୦ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ବିରୋଧରେ ଏହାକୁ ଲଗାଯାଇଥିଲା ସେମାନଙ୍କ ନାମ ପ୍ରଘଟ କରାଯାଉ। ସରକାର ନିଜ ଉତ୍ତରଦାୟିତ୍ୱ ତୁଲାଇ ସୁପ୍ରିମକୋର୍ଟଙ୍କୁ ତଦନ୍ତ ପାଇଁ ଅନୁରୋଧ କରନ୍ତୁ। ୨୦୨୨ ଅଗଷ୍ଟରେ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟକୁ ସୁପ୍ରିମକୋର୍ଟ ସାର୍ବଜନୀନ କରନ୍ତୁ। ମାର୍କ ଜୁକରବର୍ଗଙ୍କ ମେଟା କମ୍ପାନୀ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଭାରତୀୟମାନଙ୍କ ନାମ ପ୍ରକାଶ କରୁ ବୋଲି ସେ ଦାବି କରିଛନ୍ତି। ପ୍ରକାଶ ଯେ, ୨୦୨୧ରେ ଆମେରିକା ପେଗାସସ୍‌କୁ କଳାତାଲିକାଭୁକ୍ତ କରିଥିବାବେଳେ ଭାରତ ସମେତ ଅନେକ ଦେଶରେ ସରକାରଙ୍କୁ ଘେରିବା ପାଇଁ ଏହି ପ୍ରସଙ୍ଗ ଏକ ରାଜନୈତିକ ଅସ୍ତ୍ର ପାଲଟିଥିଲା।

### ନୂଆବର୍ଷରୁ ଶ୍ରୀମନ୍ଦିରରେ ....

ସୁଗମ ହୋଇପାରିବ ସେଥିପାଇଁ ଭିନ୍ନ ଏକ ବ୍ୟବସ୍ଥା କରାଯାଇଛି। ଘଣ୍ଟିଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ ପ୍ରସ୍ଥାନ କରିବେ। ଗାରଦ ଦ୍ୱାରରେ ପୁରୁଷମାନେ ଦର୍ଶନ କରି ବାହାରିବେ। ଏଥିପାଇଁ ବ୍ୟବସ୍ଥା କରାଯାଉଛି। ଯେଉଁ ଜାଗାରେ କାମ ଚାଲିଛି ଶନିବାର ସେ ଓ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ସେଠାକୁ ଯାଇ ତା'ର ସମୀକ୍ଷା କରିଥିଲେ। ସେଠାରେ କାମ ସନ୍ତୋଷଜନକ ଭାବେ ଚାଲିଛି ବୋଲି ଆଇନ ମନ୍ତ୍ରୀ ପ୍ରକାଶ କରିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ହୋଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଭିତରେ ପ୍ରବଳ ଗହଳି ହେଉଥିବାରୁ କ୍ରାଉଡ୍ ମ୍ୟାନେଜମେଣ୍ଟ ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହିକ୍ରମରେ ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୧ରୁ ଶ୍ରୀମନ୍ଦିର ଭିତରେ ଅସ୍ଥାୟୀ ବ୍ୟାରିକେଡ୍ ମାଧ୍ୟମରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଭକ୍ତମାନେ ଉକ୍ତ ଧାଡ଼ିରେ ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରସ୍ତାବିତ ଡିଜାଇନ୍ ମୁତାବକ, ବାହାରକାଠ ନିକଟରୁ ଗରୁଡ଼ସ୍ତମ୍ଭ ପର୍ଯ୍ୟନ୍ତ ଷ୍ଟେପ୍ ଓ ରାମ୍ପ ବ୍ୟବସ୍ଥା ହେବା ସହ ୬ଥାକିଆ ବା ୬ଟି ଧାଡ଼ି କରାଯିବ। ପ୍ରତି ଧାଡ଼ି ଗୋଟିଏ କରି ଷ୍ଟେପ୍ ହୋଇ ରହିବ। ପ୍ରଥମ ଧାଡ଼ି ତଳ ଚଟାଣରେ ରହିବ। କିନ୍ତୁ ଦ୍ୱିତୀୟ ଧାଡ଼ି ତା ପଛକୁ ଅର୍ଥାତ ୬ ଇଞ୍ଚ ଉପରକୁ ଷ୍ଟେପ୍ ହୋଇ ରହିବ। ଏଭଳି ୬ ଇଞ୍ଚ ଲେଖାଏ ଉଚ୍ଚତାରେ ଷ୍ଟେପ୍‌ଗୁଡ଼ିକ ୬ଷ୍ଠ ଧାଡ଼ି ପର୍ଯ୍ୟନ୍ତ ଅନୁସରଣ କରିବ। ଅର୍ଥାତ୍ ଯିଏ ପଛରେ ରହିବେ, ଆଗ ଲୋକ ଯେପରି ବାଧକ ନ ହେବେ, ସେଭଳି ଦର୍ଶନ କରିପାରିବା ନେଇ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରେ ସମସ୍ୟା ଭୋଗିବେ ନାହିଁ କି ନାଟମଣ୍ଡପ ପରିସରରେ ଠେଲାପେଲା ହେବ ନାହିଁ ବୋଲି ଆଶା କରାଯାଉଛି। ଭକ୍ତ ଓ ସେବାୟତମାନେ ଏହି ନୂତନ ବ୍ୟବସ୍ଥାକୁ ସ୍ୱାଗତ କରିଛନ୍ତି।

### ବଢ଼ିଲା ଶୀତ, ୨୪ରୁ...

ମାଲକାନଗିରି, କନ୍ଧମାଳ ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଅନ୍ୟପକ୍ଷରେ ସୋମବାର ଓ ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି ଓ ଅନୁଗୋଳ ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି କନ୍ଧମାଳ, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, ବରଗଡ଼ ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ ବୋଲି ପାଣିପାଗ କେନ୍ଦ୍ରର ବୁଲେଟିନ୍‌ରୁ ଜଣାପଡିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ରାଶ୍ୟାଧିପତି ଓ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଭଲ ରହିବ। ଯାନବାହନ ଚଳାଚଳରେ, ଆଲୋଚନା କ୍ଷେତ୍ରରେ, ମାତୃବର୍ଗରେ, ଜମିଜମାରେ, ହୋଟେଲ ଆଦିରେ ଉନ୍ନତ ଫଳ ପାଇବେ। ଅଫିସରେ ସମ୍ମାନ ଅକ୍ଷୁଣ୍ଣ ରହିବ। କୃତ୍ତିକା ନକ୍ଷତ୍ର ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ବୃଷ** — ରୋହିଣୀ ନକ୍ଷତ୍ର ଅନ୍ୟକୁ ସାହାଯ୍ୟ କରିବେ, କିନ୍ତୁ ନିଜର ଅଭାବ ଅସୁବିଧାବଶତଃ କରଜ କରିବାକୁ ପଡ଼ିପାରେ। ପରିବାରରେ ପଡିଆରା ଦେଖାଇଲେ ଭଲ ବଦଳରେ ମନ୍ଦ ହୋଇପାରେ। ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ବିବ୍ରତ କରିବ। ଲେଖାପଢ଼ାରେ, ସନ୍ତାନସନ୍ତତିରେ, ସଭାସମିତିରେ ମନ୍ଥର ଗତିରେ କାମ କରିବା ଭଲ।

**ମିଥୁନ** — ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରହିପାରିଲେ କାମ ଶୃଙ୍ଖଳିତ ହେବ। କୌଣସି କାମ ଆରମ୍ଭ କରି ଆତ୍ମତୃପ୍ତି ଲଭିବେ। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆରଦ୍ରା ନକ୍ଷତ୍ର ଅତିଥି ଚର୍ଚ୍ଚାକୁ ନେଇ ପରିବାର ଲୋକଙ୍କ ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** — ଆଜି ହଠାତ୍ କୌଣସି ମହିଳାଙ୍କୁ ମାଧ୍ୟମ କରି ନିଜଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କୌଣସି ମୂଲ୍ୟବାନ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ପରିବହନରେ ସମସ୍ୟା ରହିବ, କିନ୍ତୁ କିଛି ଅସୁବିଧା ହେବନାହିଁ। ଅଶ୍ଲେଷା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ସିଂହ** — ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାରେ ପଡ଼ିବେ। ବୃଥା ସନ୍ଦେହ କାରଣରୁ ନିଜଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର ଆଜି ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଖୁସି ହେବେ।

**କନ୍ୟା** — ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଭୁଲ ନିଷ୍ପତ୍ତି ସମସ୍ୟାକୁ ବଢାଇ ଦେବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ଆପଣ ପାଟି ଖୋଲିଲେ ସହାୟତା କରିବେ। ହସ୍ତା ନକ୍ଷତ୍ର ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି ଭଲ ରହିବ। ଆଇନ ଅଦାଲତ, ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** — ଆର୍ଥିକ ଅନଟନ, ଶାରୀରିକପୀଡାଜନିତ ମନ ବିରସ ରହିପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରଖି ନ ଥିବା ଗାଡିର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ଚିତ୍ରା ନକ୍ଷତ୍ରର ପାଖ ଲୋକଟିର କାର୍ଯ୍ୟ ସନ୍ଦେହଜନକ ହୋଇପାରେ।

**ବିଛା** — କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଅନୁରାଧା ନକ୍ଷତ୍ରର ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିର ସୂଚନା ରହିଛି। ସାମାଜିକ ସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ** — କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ବିଶେଷ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ କିଛି ଅସୁବିଧା ହେବନାହିଁ। ଆବଶ୍ୟକତା ପୂରଣ କରିବା ପାଇଁ ଧାର ଉଧାର କରିବାକୁ ପଡ଼ିପାରେ। ପୂର୍ବାଷାଢ଼ା ନକ୍ଷତ୍ର ସାଧାରଣ କଥାରେ ନିଜ ଲୋକଙ୍କୁ ସନ୍ଦେହ କରିବେ।

**ମକର** — ସାଧାରଣ କଥାରେ ପରିବାରରେ ସନ୍ଦେହ ଓ ଭୁଲ ବୁଝାମଣାରୁ ସମସ୍ୟା ବଢ଼ିପାରେ। ଆକସ୍ମିକ ଭାବରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଧନିଷ୍ଠା ମକର ସକାଶେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** — ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଅବଶ୍ୟ ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଶେଷ ଭାବରେ ଆଜିଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ପିଲାଙ୍କ ପଢ଼ାକୁ ନେଇ ଟେନ୍‌ସନ ଲାଗିରହିବ।

**ମୀନ** — ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ପଡ଼ୋଶୀ ନିଆଁରେ ଘିଅ ଢାଳିଲା ଭଳି କଥା କହିପାରନ୍ତି। ଆକସ୍ମିକ ଭାବରେ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ଉତ୍ତରଭାଦ୍ର ନକ୍ଷତ୍ର ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଯାତ୍ରା ସ୍ଥଗିତ ରହିଯିବାର ଆଶଙ୍କା ରହିଛି।

ଆଜି ଡିସେମ୍ବର ୨୩ ତାରିଖ, ସିଦ୍ଧାନ୍ତଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତ ଏବଂ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ, ପୌଷ କୃଷ୍ଣ ଅଷ୍ଟମୀ ସୋମବାର, ରାଶିନକ୍ଷତ୍ର, ଉତ୍ତରାଫାଲଗୁନୀ/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ ଗତେ, ଘ.୦୭।୪୨ ମଧ୍ୟେ, ସକାଳ ଘ.୦୯।୧୪ ଗତେ, ଘ.୧୧।୨୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୪୨ ମି. ଗତେ, ଘ.୦୯।୦୩ ମଧ୍ୟେ ରାହୁକାଳ।

# ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି ବିରୋଧୀ: ଭାଜପା

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

ଧାନ କିଣା କାରବାରରେ ବ୍ୟାଘାତ ଓ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ବ୍ୟାପକ ଭାବେ ଅପପ୍ରଚାର କରି ସରକାରଙ୍କୁ ବଦନାମ କରିବାକୁ ବିରେଧୀ ଚେଷ୍ଟା କରୁଛନ୍ତି ବୋଲି ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ କହିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଆସିବା ପରେ କୃଷି ଓ କୃଷକଙ୍କ ଉନ୍ନତି ହେବାରେ ଲାଗିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୂହିକ ବିକାଶ ପାଇଁ ବଦ୍ଧପରିକର। ମୋହନ ସରକାରଙ୍କ ନେତୃତ୍ୱରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଖରିଫ ଧାନ କିଣାରେ ବ୍ୟାପକ ସ୍ୱଚ୍ଛତା ଅଣାଯିବା ସହ କଟ୍‌ନି ଛଟ୍‌ନି ବନ୍ଦ କରିବା, ମିଲରଙ୍କ ଦାଦାଗିରି ବନ୍ଦ କରିବା ଏବଂ ଧାନମଣ୍ଡିଗୁଡ଼ିକୁ ଦଲାଲମୁକ୍ତ କରିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଧାନ କିଣା କାରବାରକୁ ଶୃଙ୍ଖଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ବାରମ୍ବାର ଜିଲା ଗସ୍ତରେ ଆସି ଧାନମଣ୍ଡି ପରିଦର୍ଶନ କରିବା ସହ ତଦାରଖ କରୁଛନ୍ତି। ମାତ୍ର ଓଡ଼ିଶାର ବିରୋଧୀ ଦଳ ଏଥିରେ ସହଯୋଗ କରୁନାହାନ୍ତି ବୋଲି ସାହୁ କହିଛନ୍ତି।

ରାଜ୍ୟର ସମସ୍ତ ୩୦ ରାଜସ୍ୱ ଜିଲା 'ଧାନ ସଂଗ୍ରହ କମିଟି'ର ଚାଷୀ ପ୍ରତିନିଧିମାନଙ୍କୁ ନେଇ ରବିବାର ମହେଶ୍ୱରଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହେଶ୍ୱର କହିଛନ୍ତି, ବିରୋଧୀ ଦଳଗୁଡ଼ିକର ଏଭଳି କାର୍ଯ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ତାଙ୍କ ଚାଷୀମାରଣ ନୀତିକୁ ସ୍ପଷ୍ଟ କରୁଛି। ଅସହିଷ୍ଣୁ ବିରୋଧୀ ଦଳଗୁଡ଼ିକ ଅଯଥାରେ ବିଭ୍ରାଟ କରନ୍ତୁ ନାହିଁ। ଲଘୁଚାପଜନିତ ଅଦିନିଆ ଲଗାଣ ବର୍ଷା ଯୋଗୁ ଧାନ ଫସଲର କ୍ଷୟକ୍ଷତିର ତୁରନ୍ତ ଆକଳନ କରି ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କରିଥିବା ଧାନ ଚାଷୀମାନେ ସେମାନଙ୍କ କ୍ଷୟକ୍ଷତିର ସହାୟତା ପାଇବା ନିମନ୍ତେ 'କୃଷି ରକ୍ଷକ ଆପ'ରେ ୭୨ ଘଣ୍ଟା ମଧ୍ୟରେ ତଥ୍ୟ ଦେଇପାରିବେ। ନ ହେଲେ ହେଲ୍‌ପ ଲାଇନ ନମ୍ବର ୧୪୪୪୭କୁ କଲ୍ କରି ସୂଚନା ଦେଇପାରିବେ। ଏ ଦିଗରେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଚାଷୀଙ୍କୁ ସହାୟତା କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିସହ ମଣ୍ଡିରେ ଧାନ କିଣା ସମୟରେ କଟ୍‌ନି ଛଟ୍‌ନି ଓ ମିଲରମାନଙ୍କ ଦାଦାଗିରି ବନ୍ଦ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସମସ୍ତ ଧାନମଣ୍ଡି ଜଗିବା ସହ ତଦାରଖ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ନୀତୀଶଙ୍କ ନେତୃତ୍ୱରେ ବିହାରରେ ଲଢ଼ିବ ଏନ୍‌ଡିଏ

## କହିଲେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ

ନୂଆଦିଲ୍ଲୀ, ୨୨।୧୨

ମହାରାଷ୍ଟ୍ର ମେଣ୍ଟ ବିବାଦର ସମାଧାନ ଓ ସେଠାରେ ସରକାର ଗଢ଼ାଯିବା ପରେ ଭାଜପା ଏବେ ବିହାରରେ ଏନ୍‌ଡିଏ ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଉପରେ ଜୋର୍ ଦେଇଛି। ୨୦୨୫ ଅକ୍ଟୋବର-ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢ଼ିବ ବୋଲି ଭାଜପା ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ରବିବାର ସ୍ପଷ୍ଟ କରିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୀତୀଶଙ୍କୁ ଏନ୍‌ଡିଏ ଆଗାମୀ ନିର୍ବାଚନରେ ଏହାର ନେତା ଭାବେ ଉପସ୍ଥାପନ କରିବା ନେଇ ପୁନର୍ବିଚାର କରିପାରେ କି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ଚୌଧରୀ କହିଥିଲେ, ନେତାଙ୍କୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ।

ବାରମ୍ବାର ମେଣ୍ଟ ବଦଳାଇବା ସତ୍ତ୍ୱେ ନୀତୀଶ ୨,୦୦୦ରୁ ଉଭୟ ଏନ୍‌ଡିଏ ଏବଂ ମହାମେଣ୍ଟ କ୍ୟାମ୍ପରେ ଅପରିହାର୍ଯ୍ୟ ରହିଆସିଛନ୍ତି।




# ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ସାଗର


ଖବରଦାତା ସମ୍ମିଳନୀରେ ବିଧାୟକ ସାଗର ଦାସ।

ଭବାନୀପାଟଣା, ୨୨।୧୨ (ଉତ୍ତମ କୁମାର ଦାଶ)

## ବାବା ସାହେବଙ୍କୁ ଅପମାନ, ଧାନ କଟ୍‌ନି ବନ୍ଦ ପ୍ରସଙ୍ଗ

ରାଜ୍ୟ ସଭା ଭଳି ପବିତ୍ର ଗୃହରେ ବାବା ସାହେବ ଆମ୍ବେଦକରଙ୍କ ନାମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅପମାନଜନକ ଶବ୍ଦ ବ୍ୟବହାର କରିବା ଘଟଣାକୁ ନିନ୍ଦା କରିଛନ୍ତି ଭବାନୀପାଟଣା କଂଗ୍ରେସ ବିଧାୟକ ସାଗର ଚରଣ ଦାସ। ଏ ନେଇ ରବିବାର ଅପରାହ୍ନରେ ସେ ଭବାନୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀ କରି ଭାଜପା ଉପରେ ବର୍ଷିଛନ୍ତି। ଅମିତ ଶାହା ବାବା ସାହେବଙ୍କୁ ଅପମାନ କରିବା ଅର୍ଥ ସମସ୍ତ ଦଳିତ ଆଦିବାସୀ ଶ୍ରେଣୀର ଲୋକ ଓ ସମ୍ବିଧାନକୁ ଅପମାନ କରିବା। ନିର୍ବାଚନ ସମୟରେ ଭାଜପା ସମ୍ବିଧାନ କଥା କୁହେ ଓ ନିର୍ବାଚନ ସରି ଶାସନକୁ ଆସିଲେ ଏପରି ବାବା ସାହେବଙ୍କୁ ଅପମାନ କରିଥାଏ। ଏହାକୁ ବରଦାସ୍ତ କରାଯିବ ନାହିଁ ଓ ଏଥିପାଇଁ ଜୋରଦାର ଆନ୍ଦୋଳନ ମଧ୍ୟ କରାଯିବ। ସଂସଦରେ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ନାମରେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଧକ୍କା ଦେବା ଭଳି ଭାଜପା ମିଥ୍ୟା ଅଭିଯୋଗ ଆଣିଛି। ଯଦି ସତ୍‌ସାହସ ଅଛି ତା'ହେଲେ ସିସିଟିଭି ଫୁଟେଜ ସାମ୍ନାକୁ ଆଣନ୍ତୁ। ନିର୍ବାଚନ ସମୟରେ ଓଡ଼ିଶାରେ ଭାଜପା ସରକାର ଶାସନକୁ ଆସିଲେ ଧାନ କଟ୍‌ନି ବନ୍ଦ ହେବ ବୋଲି କହିଥିଲେ। ଏବେ ଶାସନକୁ ଆସିବା ପରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭ କିଗ୍ରା ଧାନ କଟ୍‌ନି କରାଯାଉଛି। ଭାଜପା ନେତାଙ୍କ ଇସାରାରେ ମିଲର୍ସମାନେ ମନଇଚ୍ଛା ଧାନ କଟ୍‌ନି କରୁଛନ୍ତି। ଭାଜପାର ଡବଲ ଇଞ୍ଜିନ ସରକାର ରାଜ୍ୟ ଓ କେନ୍ଦ୍ରରେ ବିଫଳ ହୋଇଛି ବୋଲି ସାଗର କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ଧନୁର୍ଦ୍ଧର ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କ ଉପରେ ବହିକୁ ନେଇ ରାଜନୀତି

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

ବଙ୍ଗାଳୀ ଲେଖକ ରୁବେନ ବାନାର୍ଜୀଙ୍କ 'ନବୀନ ପଟ୍ଟନାୟକ- ଦ ଅଥରିଟେଟିଭ ବାୟୋଗ୍ରାଫି ରିଭାଇଜ୍‌ଡ ଆପ୍‌ଟୁ ୨୦୨୪ ଇଲେକ୍ସନ' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସେ ଏହି ପୁସ୍ତକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଶାସନକୁ ରାଜନେତା ପାଲଟିଥିବା ତାମିଲ ଅମଲାତନ୍ତ୍ରୀ ଭି.କେ. ପାଣ୍ଡିଆନଙ୍କ ସମ୍ପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି। ବିଶେଷ କରି, ୨୦୨୪ ନିର୍ବାଚନ ସମୟରେ ନବୀନ ଘରେ ରହିବା ଓ ୧୪୭ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ନେତାଙ୍କୁ ଅଣଦେଖା କରି ପାଣ୍ଡିଆନଙ୍କ ଏକାକୀ ପ୍ରଚାର ବିଜେଡି ହାରିବାର ପ୍ରମୁଖ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ରୁବେନ ଲେଖିଥିବା ବିଭିନ୍ନ ବିଷୟକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। କେବେକେ ପୂର୍ବତନ ଏବଂ ବର୍ତ୍ତମାନର ବିଜେଡି ନେତା ଏହାକୁ ନେଇ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ସମୀର ଦାସ କହିଛନ୍ତି, ପାଣ୍ଡିଆନଙ୍କ କୋଟେରୀ ବାବଦରେ ରୁବେନ ଯାହା ଲେଖିଛନ୍ତି ସେଥିରେ ଦ୍ୱିମତ ନାହିଁ। ତାଙ୍କର ଭୁଲ୍ ନ ଥିବା ସତ୍ତ୍ୱେ କୋଟେରୀ ଗ୍ରୁପ ପାଇଁ ମନ୍ତ୍ରୀପଦ ଓ ଟିକେଟ କଟାଗଲା। ଅଫିସରଙ୍କ ଦ୍ୱାରା ଗ୍ରୁପ ଚାଳିଥିଲା। ରାଜନେତାଙ୍କ ସମ୍ପୃକ୍ତି ସେଥିରେ ନ ଥିଲା। ନବୀନବାବୁଙ୍କ ସମର୍ଥନ ବି ପାଣ୍ଡିଆନଙ୍କ ପ୍ରତି ଥିଲା। କୋଟେରୀ ଗ୍ରୁପ ହିଁ ବିଜେଡି ବିପର୍ଯ୍ୟୟର ବଡ଼ କାରଣ ବୋଲି ସେ କହିଛନ୍ତି। ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରୁବେନ ବାନାର୍ଜୀ ଜଣେ ପ୍ରତିଷ୍ଠିତ, ଅଭିଜ୍ଞ ଖବରଦାତା ଓ ସମାଲୋଚକ। ସେ ତାଙ୍କ ବହିରେ ଯେଉଁ ତଥ୍ୟ ଦେଇଛନ୍ତି ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିବେ। ଆରମ୍ଭରୁ ଦଳକୁ ଏବଂ ସଙ୍ଗଠନକୁ ଅତି ପାଖରୁ ନିରୀକ୍ଷଣ କରିଆସିଛନ୍ତି। ସେ ଯୁକ୍ତିଯୁକ୍ତ ମତ ଦେଇଥିବେ। ସେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ପ୍ରସନ୍ନ କହିଛନ୍ତି।

ତେବେ ସମୀକ୍ଷକଙ୍କ ମତରେ କୌଣସି ଜୀବିତ ବ୍ୟକ୍ତିଙ୍କ ଜୀବନୀ (ବାୟୋଗ୍ରାଫି) ସେହି ବ୍ୟକ୍ତିଙ୍କ ଅନୁମୋଦନ କ୍ରମେ ହେବା କଥା। ନବୀନ ଏଭଳି ପୁସ୍ତକର ପ୍ରକାଶନକୁ କାହିଁକି ବହି ଛାପିବାକୁ ମନାକଲେ ନାହିଁ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବଞ୍ଚିଥିବା ବ୍ୟକ୍ତିଙ୍କର ନିଜ ଜୀବନ ବିଷୟରେ ବହି ଛପାଇବାକୁ ହେଲେ ଅନୁମତି ଲୋଡ଼ାଯିବା କଥା। ପ୍ରକାଶକ ତାହା କରିଛନ୍ତି କି ନାହିଁ ସାଧାରଣରେ ଜଣାପଡ଼ିନାହିଁ।

ରାଜ୍ୟ ଖବର

# ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ପରଲୋକ


ବିଧାନସଭା ପରିସରରେ ବିଜୟ ମହାନ୍ତିଙ୍କ ମରଶରୀରକୁ ଶେଷ ଦର୍ଶନ କରୁଛନ୍ତି ବିଧାୟକ ଓ ଅନ୍ୟ ନେତାମାନେ।

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

ପୂର୍ବତନ ବିଧାୟକ ତଥା ବିଜେଡି ନେତା ବିଜୟ ମହାନ୍ତିଙ୍କର ରବିବାର ପରଲୋକ ହୋଇଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ତାଙ୍କର ମୃତ୍ୟୁ କେମିତି ହୋଇଛି ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ। ମିଳିଥିବା ସୂଚନା ମୁତାବକ, ବିଜୟ ମହାନ୍ତି ଭୁବନେଶ୍ୱରରେ ଥିବା ପୂର୍ବତନ ବିଧାୟକମାନଙ୍କ ଗେଷ୍ଟ ହାଉସ୍‌ରେ ଥିଲେ। ସକାଳେ ସେ ବିଳମ୍ବିତ ସମୟ ପର୍ଯ୍ୟନ୍ତ କବାଟ ଫିଟାଇ ନ ଥିଲେ। ଏହାପରେ କିଛି ଲୋକ ପହଞ୍ଚି କବାଟ ଭାଙ୍ଗିବା ପରେ ସେ ଚେତାଶୂନ୍ୟ ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ। ଏହାପରେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ।

କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ବିଜୟ ମହାନ୍ତିଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ତେଣୁ ନିୟମ ଅନୁସାରେ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ। ଅନ୍ୟପକ୍ଷରେ ଯାହା ଜଣାପଡ଼ିଛି, କିଛିଦିନ ହେବ ବିଜୟ ମହାନ୍ତି ହୃଦରୋଗରେ ପୀଡ଼ିତ ଥିଲେ। ବିଜୟଙ୍କ ମୃତଶରୀରକୁ ପ୍ରଥମେ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ବହୁ ନେତା, ମନ୍ତ୍ରୀ, ବିଧାୟକ ବିଜୟଙ୍କ ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଥିଲେ। ପରେ ସମର୍ଥକମାନେ ବିଜୟଙ୍କ ମରଶରୀରକୁ ବିଜେଡି ରାଜ୍ୟ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକପ୍ରକାଶ କରିଛନ୍ତି। ବିଜୟଙ୍କ ଶେଷକୃତ୍ୟ ଭୁବନେଶ୍ୱରର ଏକ ଶ୍ମଶାନରେ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିବା ସହ କହିଛନ୍ତି, ସ୍ୱର୍ଗତ ମହାନ୍ତି ଜଣେ ଦକ୍ଷ ସଙ୍ଗଠକ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଭାବେ ସମସ୍ତଙ୍କ ପ୍ରିୟଭାଜନ ଥିଲେ। ୨୦୦୯ ଓ ୨୦୧୪ରେ ସେ କ୍ରମାଗତ ଭାବେ ମଧ୍ୟ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ତାଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିଥିଲେ। ଛାତ୍ର ରାଜନୀତିରୁ ରାଜନୈତିକ କ୍ୟାରିଅର ଆରମ୍ଭ କରି ରାଜଧାନୀର ଯୁବ ବର୍ଗଙ୍କ ପାଖରେ ବାହଲ ଭାଇ ଭାବେ ସୁପରିଚିତ ଥିଲେ। ଗରିବ ଓ ଅବହେଳିତଙ୍କ କଲ୍ୟାଣ ସାଧନକୁ ସର୍ବଦା ପ୍ରାଧାନ୍ୟ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


୨୦୦୯ ଓ ୨୦୧୪ରେ ସେ ଭୁବନେଶ୍ୱର ମଧ୍ୟ ଆସନରୁ ଜିତିଥିଲେ ମଧ୍ୟ ଏହାପରେ ଦଳ ଆଉ ତାଙ୍କୁ ଟିକେଟ ଦେଇ ନ ଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ଦଳର ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ବିଜେଡି ନେତା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ଓ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି।

# ମୁକୁଳିଲେ ଭିଏତ୍‌ନାମର ୬ ନାବିକ

## ଏମ୍‌ଭି ଦେବୀ ଜାହାଜ ଅଟକ ଘଟଣା

ପାରାଦୀପ, ୨୨।୧୨(ଶରତ ରାଉତ)

ପାରାଦୀପରେ ୨୦୨୩ ନଭେମ୍ବର ୩୦ରୁ ଅଟକ ଥିବା ଏମ୍‌ଭି ଦେବୀ ଜାହାଜର ୨୧ ଜଣ ଭିଏତ୍‌ନାମ ନାବିକଙ୍କ ମଧ୍ୟରୁ ରବିବାର ସନ୍ଧ୍ୟାରେ ମାତ୍ର ୬ ଜଣ ମୁକୁଳିଛନ୍ତି। ପ୍ରତି ବଦଳରେ ଅନ୍ୟ ୬ ଜଣ ନାବିକ ଜାହାଜରେ ପ୍ରବେଶ କରିଛନ୍ତି। ଅନ୍ୟ ୧୫ ଜଣଙ୍କୁ ପର୍ଯ୍ୟାୟକ୍ରମେ ଅଦଳବଦଳ କରାଯିବ ବୋଲି ଜଣାପଡ଼ିଛି। ବୈଦେଶିକ ନୀତି, ଆଇନଗତ କଟକଣା, ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଦି ପ୍ରସଙ୍ଗ ଥିବାରୁ ପ୍ରକ୍ରିୟା ସମୟ ସାପେକ୍ଷ ହେଉଛି ବୋଲି ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ଯେଉଁ ୬ ଜଣ ମୁକୁଳିଛନ୍ତି ସେମାନେ ଆଉ ୨ ଦିନ ଭାରତରେ ରହିବେ। ତା'ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ଉକ୍ତ ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ ଜବତ ହେବା ପରଠାରୁ ୨୧ ଜଣ ନାବିକଙ୍କ ସହ ଜାହାଜ ପାରାଦୀପର ଆଙ୍କରେଜ ଏରିଆରେ ରହିଛି। ମଝିରେ ମଝିରେ ଜାହାଜ ଖାଦ୍ୟ ପାଣି ନେବାପାଇଁ ଇଚ୍ଛା ବର୍ଥକୁ ଆସିଥାଏ। ୨୦୨୪ ନଭେମ୍ବର ୨୯ରେ ଜାହାଜ ବର୍ଥ ପାଖକୁ ଆସିଥିବାବେଳେ ସେଥିରେ ଥିବା ୨୧ ନାବିକ ଘରକୁ ଫେରିବା ପାଇଁ ଜାହାଜ ଭିତରେ ଆନ୍ଦୋଳନ କରିଥିଲେ। ସେବେଠାରୁ ସମ୍ପୃକ୍ତ ନାବିକଙ୍କ ସହ ଜାହାଜ ଜଙ୍କା ବର୍ଥରେ ରହିଛି। ଜାହାଜ ଓ ନାବିକମାନଙ୍କୁ ଛାଡ଼ିବା ପାଇଁ ଜାହାଜ ମାଲିକଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ସମ୍ପୃକ୍ତ ନାବିକଙ୍କ ବଦଳରେ ଅନ୍ୟ ୨୧ ଜଣ ନାବିକଙ୍କୁ ଜାହାଜରେ ରଖିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ଅନୁମତି ମିଳିଥିଲା। ଏହାପରେ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ । -ଶ୍ରୀଅରବିନ୍ଦ

-ପଠାଣି ସାମନ୍ତଙ୍କ ଜୟନ୍ତୀ



# ପରିସ୍ଥିତିର ଦାସ

ରୁଷିଆ-ୟୁକ୍ରେନ ଯୁଦ୍ଧ ଡିସେମ୍ବର ୨୧ରେ ଏକ ଭିନ୍ନ ଚିତ୍ର ତୋଳିଛି। ୨୦୦୧ ସେପ୍ଟେମ୍ବର ୧୧ (୯/୧୧)ରେ ଓସମା ବିନ୍ ଲାଡେନ୍‌ଙ୍କ ସଙ୍ଗଠନ ଅଲ୍-କାଏଦା ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି)ର ଦୁଇଟି ଟାୱାର ଉପରେ ଆକ୍ରମଣ କରି ବ୍ୟାପକ କ୍ଷତି କରିଥିଲା। ଡିସେମ୍ବର ୨୧ରେ ୟୁକ୍ରେନର ଡ୍ରୋନ୍ ମସ୍କୋଠାରୁ ୮୦୦ କିଲୋମିଟର ପୂର୍ବରେ ଥିବା କାଜାନ ସହରର ଦୁଇଟି ଅଟ୍ଟାଳିକାକୁ ଯେଭଳି ଢଙ୍ଗରେ ଆକ୍ରମଣ କଲା ତାହା ୯/୧୧ର ଭ୍ରମ ସୃଷ୍ଟି କରିଛି। ଆବାସିକ କମ୍ପ୍ଲେକ୍ସ ଥିବା ଉକ୍ତ ବିଲ୍ଡିଂ ଉପରେ ଆକ୍ରମଣ ଯୋଗୁ ଅଗ୍ନିପିଣ୍ଡୁଳା ସୃଷ୍ଟି ହେବା ସହ ଧୂଆଁ ଉଠିଥିବା ଦେଖାଯାଇଥିଲା। ତେବେ ଲୋକଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଯେଉଁ ୮ଟି ଡ୍ରୋନ୍ ୟୁକ୍ରେନ ପକ୍ଷରୁ ଆକ୍ରମଣ କରାଯାଇଥିଲା, ସେଥିମଧ୍ୟରୁ ୬ଟି ଆବାସିକ ଅଟ୍ଟାଳିକା ଓ ଗୋଟିଏ ଶିଳ୍ପ ସଂସ୍ଥାକୁ ଟାର୍ଗେଟ କରିଥିବା ବେଳେ ଅନ୍ୟଟିକୁ ନଦୀରେ ଖସାଇ ଦିଆଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଛି ଯେ ରୁଷିଆର ଗୋଇନ୍ଦା ସଂସ୍ଥା ଓ ସାମରିକ ବାହିନୀ ଶକ୍ତିଶାଳୀ ଥିବା ସତ୍ତ୍ୱେ ୟୁକ୍ରେନ୍ କିଭଳି ତା' ଲକ୍ଷ୍ୟ ହାସଲ କରିବାରେ ଲାଗିଛି। ବିଶେଷଜ୍ଞଙ୍କ ମତରେ ଯୁଦ୍ଧ ଯୋଗୁ ରୁଷିଆ ଅର୍ଥନୀତି ଦୁର୍ବଳ ହୋଇ ଚାଲିଛି । ୨୦୨୨ ଫେବୃଆରୀ ୨୪ରେ ରୁଷିଆ ଯେତେବେଳେ ୟୁକ୍ରେନ ଉପରେ ଆକ୍ରମଣ କଲା ସେତେବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ, ଏହି ଯୁଦ୍ଧ ମାତ୍ର ୭ ଦିନରେ ଶେଷ ହୋଇଯିବ। ଦେଖିଲା ବେଳକୁ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଡିସେମ୍ବର ୨୪ରେ ଦୁଇ ବର୍ଷ ୧୦ ମାସ ଅତିକ୍ରମ କରିବ। ପୁଟିନ୍‌ଙ୍କ ଅହଂ ଥିଲା ଯେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ନିକଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିରି ଜେଲେନସ୍କି ଆତ୍ମସମର୍ପଣ କରିବେ। ଯୁଦ୍ଧର ଆରମ୍ଭରେ ରୁଷିଆ ତା'ର ନିଜସ୍ୱ ସୈନ୍ୟଙ୍କୁ ବ୍ୟବହାର କରି ନ ଥିଲା। ଦୁଇ ବର୍ଷ ପୂର୍ବେ ଅଧିକାଂଶ ଲଢ଼େଇରେ ୟେଭଗେନି ପ୍ରିଗୋଝିନ୍‌ଙ୍କ ନେତୃତ୍ୱାଧୀନ ୱାଗନର ଗୋଷ୍ଠୀ ୟୁକ୍ରେନ ସହିତ ଯୁଦ୍ଧ କରୁଥିଲା। ଏବେ ମତ ପ୍ରକାଶ ପାଉଛି ଯେ, ପୁଟିନ ମୁଣ୍ଡ ନୁଆଁଇବା ପାଇଁ ୟୁକ୍ରେନ ପରିବର୍ତ୍ତେ ଆମେରିକା ଓ ଅଧିକାଂଶ ପାଶ୍ଚାତ୍ୟ ଦେଶକୁ ଦାୟୀ କରିହେବ। ଏଭଳି କହିଲା ବେଳକୁ ମନେରଖିବା ଦରକାର ଯେ, ରୁଷିଆ ପାଇଁ ଉତ୍ତର କୋରିଆରୁ ସୈନ୍ୟ ଯୋଗାଡ଼ କରିବାକୁ ପଡୁଛି। ଅପରପକ୍ଷରେ ୟୁକ୍ରେନରେ ରୁଷିଆ ବିରୋଧରେ ଲଢ଼ିବା ସକାଶେ କୌଣସି ବିଦେଶୀ ସୈନ୍ୟଙ୍କର ଉପସ୍ଥିତି ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେବଳ ଅତ୍ୟାଧୁନିକ ଅସ୍ତ୍ର ପାଇଗଲେ ଯେକୌଣସି ଦେଶ ରୁଷିଆ ଭଳି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦେଶକୁ ନୁଆଁଇ ଦେଇପାରିବା ସମ୍ଭବପର ହେବ ନାହିଁ। ଏଥିରୁ ପ୍ରମାଣିତ ହେଉଛି ଯେ, ୟୁକ୍ରେନବାସୀ ଓ ଜେଲେନସ୍କିଙ୍କର ଦୃଢ଼ ମନୋବଳ ଆଜି ବିଶ୍ୱର ଗୋଟେ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆକୁ ଆଣ୍ଠେଇ ଦେଇପାରିଛି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ବିଜୟ ଶାନ୍ତି ପ୍ରତିଷ୍ଠା କରିବାରେ ସଫଳ ହେବା ଏକ ଦିବାସ୍ୱପ୍ନ। କିନ୍ତୁ ଇସ୍ରାଏଲର ଉଭୟ ଲେବାନନ ଓ ସିରିଆରେ ସଫଳତା ଗୋଟେ ପଟେ ଇରାନକୁ ଦୁର୍ବଳ କରିଦେବା ସହିତ ସେହି ଅଞ୍ଚଳରେ ନୂଆ ପରିସ୍ଥିତି ସୃଷ୍ଟି କରିଛି।

ରୁଷିଆର ଅନେକ ନାଗରିକ ଯୁଦ୍ଧ ଚାହୁଁନାହାନ୍ତି ବୋଲି ସାଧାରଣରେ ପ୍ରକାଶ କରିବା ପରେ ପୁଟିନ ଦୁଇ ଦେଶ ମଧ୍ୟରେ ସଂଘର୍ଷ ବନ୍ଦ କରିବାକୁ ବାଟ ଖୋଜୁଛନ୍ତି। ଡିସେମ୍ବର ୨୦ରେ ବାର୍ଷିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ପୁଟିନ କହିଥିଲେ ଯେ, ଯୁଦ୍ଧ ବନ୍ଦ କରିବା ସକାଶେ ସେ ସାଲିସ କରିବାକୁ ପ୍ରସ୍ତୁତ ଅଛନ୍ତି। ଏ ନେଇ ସେ ସଫେଇ ଦେବାକୁ ଯାଇ ଆହୁରି କହିଥିଲେ ଯେ, ରୁଷିଆ ଦୁର୍ବଳ ବୋଲି ଯେଉଁ ଗୋଟେ ହୁରି ପଡ଼ିଛି ତାହା ଆଦୌ ଠିକ୍ ନୁହେଁ। ସାମୟିକ ଯୁଦ୍ଧ ବିରତି ଅପେକ୍ଷା ସେ ସ୍ଥାୟୀ ସମାଧାନ ଆଣିବା ପାଇଁ ଏଭଳି ପ୍ରସ୍ତାବ ଦେଇଥିବା କଥା କହିଛନ୍ତି। ଏଥିରୁ ଯେକେହି ବୁଝି ନେବା ଦରକାର ଯେ ପୁଟିନଙ୍କ ଟାଣପଣରେ କେଉଁଠି ନା କେଉଁଠି ଅସ୍ୱାଭାବିକତା ଲକ୍ଷ୍ୟ କରାଗଲାଣି। ଅନ୍ୟପକ୍ଷରେ ଜେଲେନସ୍କିଙ୍କ ଚରିତ୍ରକୁ ଦେଖିଲେ ସେ ମୁଣ୍ଡ ଟେକି ଚାଲିବାକୁ ପସନ୍ଦ କରୁଛନ୍ତି। ଜୀବନର ଆଦ୍ୟ ଅବସ୍ଥାରେ ଜଣେ ହାସ୍ୟ ଅଭିନେତା ଭାବେ ଜଣାଶୁଣା ଥିବା ଜେଲେନସ୍କି ନିଜେ ୱାର୍‌ରୁମ୍‌ରେ ରହି ପ୍ରତ୍ୟକ୍ଷ ଯୁଦ୍ଧ ପରିଚାଳନା କରିବା ସହ ସୈନିକଙ୍କ ମନୋବଳ ବଢ଼ାଇ ଚାଲିଥିବାରୁ ସେ ୟୁକ୍ରେନବାସୀଙ୍କ ଅତି ପ୍ରିୟ ପାଲଟି ଯାଇଛନ୍ତି। ସେଥିପାଇଁ ସେଠାକାର ନାଗରିକ ଯୁଦ୍ଧରୁ ଯନ୍ତ୍ରଣା ପାଉଥିଲେ ମଧ୍ୟ ସବୁ ପ୍ରକାର ବଳ ଓ ବୁଦ୍ଧି ଖଟାଇ ରୁଷିଆକୁ ଉଚିତ ଜବାବ ଦେବାକୁ ଅଣ୍ଟା ଭିଡ଼ିଛନ୍ତି। କହିବାକୁ ଗଲେ ଶକ୍ତିଶାଳୀ ସେନା, ବିପୁଳ ଅର୍ଥର ଅଧିକାରୀ ଓ ସର୍ବୋଚ୍ଚରେ ଅଣୁ ଅସ୍ତ୍ର ଥିବା ସତ୍ତ୍ୱେ ଜନସମର୍ଥନ ନ ପାଇଲେ ଜଣେ ରାଜା ଯେଭଳି ଦୁର୍ବଳ ହୋଇଯାଆନ୍ତି, ପୁଟିନଙ୍କ ଅବସ୍ଥା ଆଜି ସେୟା। ଏଭଳି ପରିପ୍ରେକ୍ଷୀରେ ପୁଟିନଙ୍କ ଆଡୁ ଯୁଦ୍ଧାବସାନ ପାଇଁ ହେଉଥିବା ପ୍ରଚେଷ୍ଟା ନିଶ୍ଚିତ ଭାବେ ବିଶ୍ୱକୁ ଏକ ବାର୍ତ୍ତା ଦେଉଛି ଯେ, ସମସ୍ତଙ୍କ ମତକୁ ସମ୍ମାନ ନ ଜଣାଇ ନିଜ ଜିଦ୍ ଓ ଅହଂକାରକୁ ଚରିତାର୍ଥ କରିବାକୁ ଚହୁଁଥିବା କ୍ଷମତାଶାଳୀ ରାଜନେତା ମଧ୍ୟ ସମୟକ୍ରମେ ପରିସ୍ଥିତିର ଦାସ ପାଲଟିବାକୁ ବାଧ୍ୟ ହେବେ।

କହିବାକୁ ଗଲେ ଶକ୍ତିଶାଳୀ ସେନା, ବିପୁଳ ଅର୍ଥର ଅଧିକାରୀ ଓ ସର୍ବୋଚ୍ଚରେ ଅଣୁ ଅସ୍ତ୍ର ଥିବା ସତ୍ତ୍ୱେ ଜନସମର୍ଥନ ନ ପାଇଲେ ଜଣେ ରାଜା ଯେଭଳି ଦୁର୍ବଳ ହୋଇଯାଆନ୍ତି, ପୁଟିନଙ୍କ ଅବସ୍ଥା ଆଜି ସେୟା। ଏଭଳି ପରିପ୍ରେକ୍ଷୀରେ ପୁଟିନଙ୍କ ଆଡୁ ଯୁଦ୍ଧାବସାନ ପାଇଁ ହେଉଥିବା ପ୍ରଚେଷ୍ଟା ନିଶ୍ଚିତ ଭାବେ ବିଶ୍ୱକୁ ଏକ ବାର୍ତ୍ତା ଦେଉଛି ଯେ, ସମସ୍ତଙ୍କ ମତକୁ ସମ୍ମାନ ନ ଜଣାଇ ନିଜ ଜିଦ୍ ଓ ଅହଂକାରକୁ ଚରିତାର୍ଥ କରିବାକୁ ଚାହୁଁଥିବା କ୍ଷମତାଶାଳୀ ରାଜନେତା ମଧ୍ୟ ସମୟକ୍ରମେ ପରିସ୍ଥିତିର ଦାସ ପାଲଟିବାକୁ ବାଧ୍ୟ ହେବେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | | | 1 | |
| | 4 | | | | | 5 | | |
| | | 8 | | 7 | | | | 3 |
| | | 9 | 1 | | | 4 | 6 | |
| | | | 5 | | 7 | 8 | | |
| 3 | | | | 4 | 8 | 1 | | |
| | 1 | | 9 | | | | 5 | |
| | 5 | | | | | | | 6 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 7 | 8 | 9 | 6 | 1 | 3 |
| 6 | 1 | 3 | 2 | 5 | 4 | 7 | 9 | 8 |
| 9 | 8 | 7 | 6 | 3 | 1 | 2 | 4 | 5 |
| 4 | 3 | 6 | 8 | 9 | 2 | 5 | 7 | 1 |
| 1 | 9 | 8 | 5 | 6 | 7 | 3 | 2 | 4 |
| 7 | 5 | 2 | 1 | 4 | 3 | 9 | 8 | 6 |
| 8 | 2 | 9 | 3 | 1 | 6 | 4 | 5 | 7 |
| 3 | 7 | 1 | 4 | 2 | 5 | 8 | 6 | 9 |
| 5 | 6 | 4 | 9 | 7 | 8 | 1 | 3 | 2 |

ଗତକାଲିର ଉତ୍ତର

# ସନ୍ଦେହଘେରରେ ୟୁପିଏସ୍




ବୃହସ୍ପତି ସାମଲ

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକର ସମର୍ଥନ ଓ ଭାଗୀଦାରିରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ (ଏନ୍‌ଜେସିଏ) ଭଳି ଏକ ବୃହତ୍‌କାୟ ସର୍ବଭାରତୀୟ ମିଳିତ ମଞ୍ଚ ଅଧୀନରେ ରେଳ କର୍ମଚାରୀ ମହାସଂଘ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ ଅନୁବନ୍ଧିତ ଅନ୍ୟୁନ ୧୨୬ ସଂଘ ଓ ମହାସଂଘ, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ, ଅଖିଳ ଭାରତ ଶିକ୍ଷକ ମହାସଂଘ ଏବଂ ଅନ୍ୟାନ୍ୟ ବହୁ ସଂଘ, ମହାସଂଘ ପକ୍ଷରୁ ୨୦୦୪ରୁ ପ୍ରଚଳିତ ନୂତନ ପେନ୍‌ସନ ଯୋଜନା (ଏନ୍‌ପିଏସ୍)ର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରାତନ ପେନ୍‌ସନ ଯୋଜନା (ଓପିଏସ୍)ର ପୁନଃ ପ୍ରଚଳନ ପାଇଁ ଦୀର୍ଘ ୨୦ ବର୍ଷ ଧରି ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ ଚାଲିଥିଲା ତାହା ଯେ ଏକୀକୃତ ପେନ୍‌ସନ ଯୋଜନା (ୟୁନିଫାଏଡ୍ ପେନ୍‌ସନ ସ୍କିମ୍ ବା ୟୁପିଏସ୍) ନାମରେ ହଠାତ୍ ପରିବର୍ତ୍ତିତ ହୋଇଯିବ, କେହି କେବେ ଚିନ୍ତାକରି ନ ଥିଲେ। ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ୨୪ ଅଗଷ୍ଟ ୨୦୨୪ରେ କେନ୍ଦ୍ର କ୍ୟାବିନେଟ୍ ଓପିଏସ୍ ଓ ଏନ୍‌ପିଏସ୍ ବଦଳରେ ୟୁପିଏସ୍ ନାମରେ ଏକ ନୂଆ ପେନ୍‌ସନ ଯୋଜନାକୁ ମଞ୍ଜୁର ପ୍ରଦାନକରି ପତ୍ର ସୂଚନା କାର୍ଯ୍ୟାଳୟର ଏକ ପ୍ରେସ୍ ଇସ୍ତାହାର ଜରିଆରେ ଘଟଣାକୁ ସାର୍ବଜନୀନ କଲେ। 'ନାହିଁ ମାମୁଠାରୁ କଣା ମାମୁ ଭଲ' ନ୍ୟାୟରେ କିଛି ନେତୃମଣ୍ଡଳୀ ଓ ସଙ୍ଗଠନ ଏହାକୁ ସ୍ୱାଗତ କରିଥିଲାବେଳେ କିଛି ମିଶ୍ର ପ୍ରତିକ୍ରିୟା ରଖିଲେ ଏବଂ ବହୁ କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ଏହାକୁ ନାପସନ୍ଦ କରି ନିଜ ନିଜର ପ୍ରେସ୍ ଇସ୍ତାହାର ଜାରି କରିବା ସହ ଓପିଏସ୍ ପୁନଃ ପ୍ରଚଳନ ଦାବିକୁ ଦୋହରାଇଲେ ମଧ୍ୟ।

ଏହା ଭିତରେ ପ୍ରେସ୍ ଇସ୍ତାହାର ଜାରି ହେବାର ୪ମାସ ସମୟ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଆମୂଳଚୂଳ ସଞ୍ଚାଳନ ଓ ଲେଖାଙ୍କନ ପ୍ରକ୍ରିୟା ସହ ଆବଶ୍ୟକ ରାଜପତ୍ର ବିଜ୍ଞପ୍ତି ସରକାରଙ୍କ ତରଫରୁ ଏଯାଏଁ ପ୍ରକାଶ ପାଇଲା ନାହିଁ, ଯାହା ୟୁପିଏସ୍‌ର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି କରୁଛି। କହିବା ବାହୁଲ୍ୟ, ନୀତିନିୟମ ପରିବର୍ତ୍ତନ କ୍ଷେତ୍ରରେ ଭାରତ ସରକାରଙ୍କ ରାଜପତ୍ର ବିଜ୍ଞପ୍ତି ଏକ ଆବଶ୍ୟକୀୟ ତଥା ସାର୍ବଜନୀନ ନ୍ୟାୟିକ ଦସ୍ତାବିଜ। ସାଧାରଣ ବିଜ୍ଞପ୍ତିଗୁଡ଼ିକ ପ୍ରତି ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ଦିନରେ ପ୍ରକାଶିତ ହେଉଥିବା ବେଳେ ଅସାଧାରଣ ବିଜ୍ଞପ୍ତିଗୁଡ଼ିକ ଘଟଣାର ପ୍ରାଧାନ୍ୟକୁ ଉପଲବ୍ଧିକରି ପ୍ରତ୍ୟେକ ଦିନ ପ୍ରକାଶିତ ହୁଏ। ତେଣୁ ୟୁପିଏସ୍ ସଂକ୍ରାନ୍ତରେ ରାଜପତ୍ର ବିଜ୍ଞପ୍ତି ତତ୍‌କ୍ଷଣାତ୍ ପ୍ରକାଶିତ ହେବାର ଥିଲା। ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶନର ଏହି ଅହେତୁକ ବିଳମ୍ବ ଏକ ନକାରାତ୍ମକ ଦିଗକୁ ସ୍ପଷ୍ଟ ଇଙ୍ଗିତ କରୁଛି।

ପେନ୍‌ସନ ସଂକ୍ରାନ୍ତରେ ସର୍ବଭାରତୀୟ ସ୍ତରରେ ନିରବଚ୍ଛିନ୍ନ ସଂଗ୍ରାମ ଗଢ଼ିତୋଳି ଏନ୍‌ଜେସିଏ ତରଫରୁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର





ଅର୍ଥମନ୍ତ୍ରୀ ଓ କ୍ୟାବିନେଟ୍ ସଚିବଙ୍କୁ ପର୍ଯ୍ୟାୟକ୍ରମେ ଦାବିପତ୍ର ଦିଆଯାଇଥିଲେ ବି ଏନ୍‌ପିଏସ୍‌ର ଉଚ୍ଛେଦ କଥାକୁ ଏଡ଼ାଇଯାଇ କିଛିଟା ପରିବର୍ତ୍ତନ ଆଣିବା ସକାଶେ କେନ୍ଦ୍ର ସରକାର ଭାରତର ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଏପ୍ରିଲ ୨୦୨୩ରେ ଏକ ପେନ୍‌ସନ କମିଟି ଗଠନକଲେ । ପେନ୍‌ସନ କମିଟି ସହ କର୍ମଚାରୀ ପକ୍ଷର ବାରମ୍ବାର ବୈଠକ ବସିଲା ପରେ କୌଣସି ସୁଫଳ ମିଳିଲା ନାହିଁ। ପରେ ଖୁବ୍ ଶୀଘ୍ର ସରକାର ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନେବେ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଲା। ହେଲେ ଓପିଏସ୍‌ର ପୁନଃ ପ୍ରଚଳନ ବଦଳରେ ସରକାରଙ୍କ ୟୁପିଏସ୍ ଘୋଷଣାନାମା ବହୁ କୋଟି କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପିଠିରେ ଛୁରିକା ଘାତ ସଦୃଶ ହୃଦ୍‌ବୋଧ ହେଲା।

ପ୍ରାରମ୍ଭିକ ତଥ୍ୟାନୁଯାୟୀ ୟୁପିଏସ୍‌ରେ ସୁନିଶ୍ଚିତ ପେନ୍‌ସନ, ସୁନିଶ୍ଚିତ ପାରିବାରିକ ପେନ୍‌ସନ, ସୁନିଶ୍ଚିତ ସର୍ବନିମ୍ନ ପେନ୍‌ସନ, ମୁଦ୍ରାସ୍ଫୀତି ଅନୁରୂପ ପେନ୍‌ସନ ନିର୍ଦ୍ଧାରଣ ଓ ଅବସର ପରେ ଗ୍ରାଚୁଇଟି ବ୍ୟତୀତ ଏକକାଳୀନ ରାଶି ଇତ୍ୟାଦି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ରହିଛି। ୨୫ ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ ଅବସର ପୂର୍ବର ୧୨ ମାସରେ ମିଳିଥିବା ହାରାହାରି ମୂଳ ଦରମାର ୫୦% ମିଳିବ। ଏହି ବେତନ ସର୍ବନିମ୍ନ ୧୦ ବର୍ଷର ଚାକିରି ଅବଧିଠାରୁ ଆରମ୍ଭକରି ୨୫ ବର୍ଷ ପର୍ଯ୍ୟନ୍ତ ସେବା ଅବଧି କ୍ଷେତ୍ରରେ ଆନୁପାତିକ ଭାବେ ମିଳିବ। ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନ୍‌ସନର ୬୦% ହାରରେ ପାରିବାରିକ ପେନ୍‌ସନ ମିଳିବ। ସର୍ବନିମ୍ନ ୧୦ ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦,୦୦୦ ଟଙ୍କା ସୁନିଶ୍ଚିତ ପେନ୍‌ସନ, ସୁନିଶ୍ଚିତ ପାରିବାରିକ ପେନ୍‌ସନ ଓ ସୁନିଶ୍ଚିତ ସର୍ବନିମ୍ନ ପେନ୍‌ସନ ଉପରେ ସେବା କର୍ମଚାରୀଙ୍କ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ଭଳି ସର୍ବଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରରେ ମହଙ୍ଗା ଭତ୍ତାର ପ୍ରାବଧାନ ମଧ୍ୟ ୟୁପିଏସ୍‌ରେ ରହିଛି। ଏହାବାଦ, ଅବସର ପରେ ଗ୍ରାଚୁଇଟି ବ୍ୟତୀତ ପ୍ରତ୍ୟେକ ସମ୍ପୂର୍ଣ୍ଣ ୬ ମାସ ସେବା ପାଇଁ ଅବସର ତାରିଖରେ ମିଳୁଥିବା ମାସିକ ପାରିଶ୍ରମିକ (ବେତନ+ଡିଏ)ର ଏକ ଦଶାଂଶ ଏକକାଳୀନ ରାଶି ମଧ୍ୟ ଉପଲବ୍ଧ ହେବ ଏବଂ ଏହି ରାଶି କାରଣରୁ ସୁନିଶ୍ଚିତ ପେନ୍‌ସନର ପରିମାଣ କମ୍ ହେବ ନାହିଁ। ପ୍ରକାଶିତ ତଥ୍ୟାନୁଯାୟୀ ୟୁପିଏସ୍ ଓପିଏସ୍‌ର ଠିକ୍ ବିକଳ୍ପ ନୁହେଁ। କର୍ମଚାରୀଙ୍କ ପକ୍ଷରୁ ଓପିଏସ୍ ଭଳି ଶେଷ ଦରମାର ୫୦% ସୁନିଶ୍ଚିତ ପେନ୍‌ସନ ପାଇଁ ଯେଉଁ ଦାବି ହୋଇଥିଲା ତାହା ଯଦିଓ ସରକାର ଗ୍ରହଣ କରିଛନ୍ତି, ଏନ୍‌ପିଏସ୍ ଭଳି ଏହା ଦେୟଯୁକ୍ତ ରହିଛି । ଓପିଏସ୍‌ରେ ଶେଷ ୧୦ମାସର ହାରାହାରି ଦରମା ଅଥବା ଅବସର ମାସର ଦରମାର ୫୦%ରୁ ଯେଉଁଟି କର୍ମଚାରୀ ପାଇଁ ଲାଭଦାୟକ ହେଉଥିଲା, ତାହା ଗ୍ରହଣୀୟ ଥିଲା। କିନ୍ତୁ ୟୁପିଏସ୍‌ରେ କେବଳ ଶେଷ ୧୨ ମାସର ହାରାହାରି ଦରମା କଥା କୁହାଯାଇଛି, ଯାହା ଅଧିକାଂଶଙ୍କ କ୍ଷେତ୍ରରେ ଆତ୍ମଘାତୀ ହୋଇପାରେ। ପୂରା ପେନ୍‌ସନ ପାଇବା ପାଇଁ ସର୍ବନିମ୍ନ ୨୫ବର୍ଷର ଚାକିରି ଅବଧି ପୂର୍ବ ବେତନ ଆୟୋଗଙ୍କ ସୁପାରିସର ବିରୁଦ୍ଧାଚରଣ କରୁଛି। ଅବସରପ୍ରାପ୍ତ କର୍ମଚାରୀଙ୍କର ଯଦି ୬୭ ବର୍ଷ ପୂର୍ବରୁ ଦେହାନ୍ତ ହୋଇଯାଏ, ତେବେ ଓପିଏସ୍‌ରେ ପାରିବାରିକ ପେନ୍‌ସନ ସେହିଭଳି ୫୦% ରହି ୬୭ ବର୍ଷ ପରେ ୩୦% ହେଉଥିଲା। କିନ୍ତୁ ୟୁପିଏସ୍‌ରେ ପ୍ରାରମ୍ଭରୁ ୩୦% (୬୦%ର ୫୦%)। ଏନ୍‌ପିଏସ୍‌ର କର୍ପସ ପାଣ୍ଠିରୁ ଯେଉଁ ଉଠାଣ ବ୍ୟବସ୍ଥା ଥିଲା, ୟୁପିଏସ୍ ସେ ବାବଦରେ ନୀରବ। ତଥାପି, ସରକାରଙ୍କ ଦ୍ୱାରା ଯାହାବି ସାର୍ବଜନୀନ ହୋଇଛି କାର୍ଯ୍ୟକାରିତା ପାଇଁ ଏକ ରାଜପତ୍ର ବିଜ୍ଞପ୍ତି ଏକାନ୍ତ ଅପରିହାର୍ଯ୍ୟ।

ଏହି ପରିପ୍ରେକ୍ଷୀରେ କର୍ମଚାରୀଙ୍କ ସ୍ୱାର୍ଥକୁ ନେଇ କେନ୍ଦ୍ର ସରକାର ପୂର୍ବରୁ ଭିଆଇଥିବା ଏହିଭଳି ଏକ ନକାରାତ୍ମକ ଘଟଣା ଏଠାରେ ଉଲ୍ଲେଖ କରିବା ଉଚିତ ମନେହୁଏ। କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮,୦୦୦ରୁ ୨୬,୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଏନ୍‌ଜେସିଏ ତରଫରୁ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରିକଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ୪ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣାକଲେ। ଲିଖିତ ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଯିବା ପରେ ସେସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ ୪ ମାସ ଯାଇ ୮ ବର୍ଷ ଅତିବାହିତ ହୋଇଯାଇଛି, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏଁ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି। ପତ୍ର ସୂଚନା କାର୍ଯ୍ୟାଳୟର ୱେବ୍‌ସାଇଟ୍‌ରେ ୨୦୧୬ର ଉପରୋକ୍ତ ଇସ୍ତାହାର ଏଯାଏଁ ଉପଲବ୍ଧ ହେଉଥିଲେ ବି କେନ୍ଦ୍ର ସରକାର ତାଙ୍କ ଲିଖିତ ପ୍ରତିଶ୍ରୁତିରୁ ସମ୍ପୂର୍ଣ୍ଣ ଓହରିଯାଇଛନ୍ତି। ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ସନ୍ଦେହ ଉପୁଜିବା ଅତି ସ୍ୱାଭାବିକ ଯେ ୟୁପିଏସ୍ ସଂକ୍ରାନ୍ତୀୟ ପତ୍ର ସୂଚନା କାର୍ଯ୍ୟାଳୟର ୨୪ ଅଗଷ୍ଟ ୨୦୨୪ର ପ୍ରେସ୍ ଇସ୍ତାହାର ସର୍ବନିମ୍ନ ମଜୁରି ବୃଦ୍ଧି ଭଳି ଘୋଷଣା ସର୍ବସ୍ୱ ନୁହେଁ ତ? ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ବିଳମ୍ବିତ କରି ସରକାର ୟୁପିଏସ୍ କ୍ଷେତ୍ରରେ ସେହିଭଳି ଘଟଣାର ପୁନରାବୃତ୍ତି କରିବେ ନାହିଁ ତ?

ମୋ:୯୪୩୭୦୨୨୬୬୯

# ରୋବୋ ଯୁଦ୍ଧ



ଇଂ. ମାୟାଧର ସ୍ୱାଇଁ

କୌଣସି ଯୁଦ୍ଧ ପାଇଁ ସୈନିକ ଏବଂ ଅସ୍ତ୍ରଶସ୍ତ୍ର ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରାଚୀନ କାଳରେ ଖଣ୍ଡା, ତରବାରି ସାହାଯ୍ୟରେ ଯୁଦ୍ଧ ହେଉଥିଲା। ଏହା ଥିଲା ପ୍ରତ୍ୟକ୍ଷ ଯୁଦ୍ଧ। ଦୁଇଜଣ ସୈନିକ ସାମ୍ନାସାମ୍ନି ପରସ୍ପର ସହିତ ଯୁଦ୍ଧ କରୁଥିଲେ। ଅଶୋକ, ଆଲେକ୍‌ଜାଣ୍ଡାର, ନେପୋଲିଅନ ପ୍ରମୁଖ ସମ୍ରାଟ୍‌ମାନେ ବିଶାଳ ସୈନ୍ୟବାହିନୀ ନେଇ ଦିଗ୍‌ବିଜୟ କରିଥିଲେ। ଅସ୍ତ୍ର ଥିଲା ଖଣ୍ଡା ଓ ତରବାରି ଏବଂ ପଦାତିକବାହିନୀ ସହ ଅଶ୍ୱାରୋହୀ ଓ ଗଜାରୋହୀ ସୈନିକମାନେ ମଧ୍ୟ ଏଥିରେ ଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଯୁଦ୍ଧରେ ତୋପ, ଗୋଳାବାରୁଦ ବ୍ୟବହୃତ ହେଲା। ଏହି ପ୍ରଯୁକ୍ତି ବିଦ୍ୟାରେ ଯିଏ ପ୍ରଥମେ ଅଗ୍ରଗତି କରୁଥିଲା, ସେ ଯୁଦ୍ଧରେ ବିଜୟୀ ହେଲା। ମୋଗଲ ବାଦ୍‌ଶାହା ବାବର ସୁଦୂର ଆଫଗାନିସ୍ତାନରୁ ମାତ୍ର ଅଳ୍ପ କେତେଜଣ ସୈନିକଙ୍କୁ ଆଣି ଦିଲ୍ଲୀର ଶାସକ ଇବ୍ରାହିମ ଲୋଦିଙ୍କୁ ପରାସ୍ତ କରି ଭାରତରେ ମୋଗଲ ଶାସନ ପ୍ରତିଷ୍ଠା କରିଥିଲେ। ତାଙ୍କ ବିଜୟର କାରଣ ଥିଲା ଯେ ସେ ତୋପ ଓ ଗୋଳାବାରୁଦ ଧରି ଆସିଥିଲେ ଏବଂ ଭାରତରେ ସେତେବେଳ ପର୍ଯ୍ୟନ୍ତ ଏହାର ବ୍ୟବହାର ଜଣା ନ ଥିଲା। ଆଧୁନିକ ଯୁଗର ଯୁଦ୍ଧରେ ଜଳ, ସ୍ଥଳ ଓ ଆକାଶରୁ ବୋମା ନିକ୍ଷେପ ଯୁଦ୍ଧକୁ ଅଧିକ ଜଟିଳ କରିଦେଇଛି। ଦୁଇ ଶତ୍ରୁଦେଶର ସୈନିକମାନେ ପରସ୍ପରକୁ ନ ଦେଖି ମଧ୍ୟ ଏହି ଯୁଦ୍ଧ ଚାଲିଛି। ବର୍ତ୍ତମାନ ଯୁଦ୍ଧରେ ସୈନିକମାନଙ୍କ ସ୍ଥାନରେ ରୋବୋ ଯୁଦ୍ଧ କରୁଛନ୍ତି, ଯାହା ରଣକୌଶଳରେ ଏକ ନାଟକୀୟ ପରିବର୍ତ୍ତନ ଆଣିଛି।

୨୦୨୦ ମସିହା ମାର୍ଚ୍ଚରେ ଲିବ୍ୟାରେ ଗୃହଯୁଦ୍ଧ ଚାଲିଥିବା ବେଳେ ଏହାର ଜାତୀୟ ସୈନ୍ୟବାହିନୀର କେତେଗୁଡ଼ିଏ ଟ୍ରାକ୍ ଉପରେ ବିଦ୍ରୋହୀମାନେ ଡ୍ରୋନ୍‌ରୁ ବୋମାମାଡ଼ କରି ଅନେକ ସୈନିକଙ୍କୁ ହତ୍ୟା କରିଥିଲେ। ଏହି ଡ୍ରୋନ୍‌ରୁ ଶତ୍ରୁର ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ପଡ଼ି ନ ଥିଲା। ଡ୍ରୋନ୍ ଆପେ ଆପେ ନିଜର ଲକ୍ଷ୍ୟସ୍ଥଳ ସ୍ଥିର କରି ଆକ୍ରମଣ କରିଥିଲା। ଏଥିରେ ଆଧୁନିକ ଜ୍ଞାନକୌଶଳ 'କୃତ୍ରିମ ବୁଦ୍ଧିମତ୍ତା' ଖଞ୍ଜା ଯାଇଥିଲା।

ବର୍ତ୍ତମାନ ବିଶ୍ୱରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଏବଂ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଦୀର୍ଘଦିନ ଧରି ଯୁଦ୍ଧ ଚାଲିଛି। ଏଥିରେ ସଂଶ୍ଳିଷ୍ଟ ପ୍ରତ୍ୟେକ ଦେଶ ପାରମ୍ପରିକ ଯୁଦ୍ଧ ସମେତ ଡ୍ରୋନ୍ ସାହାଯ୍ୟରେ ଶତ୍ରୁକୁ ଆକ୍ରମଣ କରୁଛନ୍ତି। ଡ୍ରୋନ୍ ଯୁଦ୍ଧ ଦ୍ୱାରା ମନୁଷ୍ୟଙ୍କୁ ଯୁଦ୍ଧ କ୍ଷେତ୍ର ବାହାରେ ରଖାଯାଇ ପାରୁଛି। ବର୍ତ୍ତମାନର ବ୍ୟବହୃତ ଅଧିକାଂଶ ଡ୍ରୋନ୍‌କୁ ମନୁଷ୍ୟ ଦୂରରେ ରହି ନିୟନ୍ତ୍ରଣ କରୁଛି। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ବଳୀୟାନ କେତେକ ଡ୍ରୋନ୍ ପାଇଁ ନିରନ୍ତର ନିର୍ଦ୍ଦେଶର ଆବଶ୍ୟକତା ନାହିଁ। ଏହାକୁ କେବଳ ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳକୁ ନିର୍ଦ୍ଦେଶ ଦିଆଯାଏ ଏବଂ ଏହା କିପରି ଓ କେଉଁ ଉପାୟରେ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବ, ତାହା ଏହା ନିଜେ ସ୍ଥିର କରିଥାଏ। ଡ୍ରୋନ୍ ଯୋଗୁ ଶତ୍ରୁ ଦେଶର



ଗଭୀର ପ୍ରଦେଶରେ ପଶି ଆକ୍ରମଣ କରି ହେଉଛି, ଏଥିପାଇଁ ପାଇଲଟ୍‌ର ଜୀବନ ପ୍ରତି ଭୟନାହିଁ। ଏହି ପାଇଲଟବିହୀନ ବିମାନ ଯୁଦ୍ଧକୁ ଅତୀବ ସାଂଘାତିକରେ ପରିଣତ କରିଦେଇଛି। ଏହାଦ୍ୱାରା ବେସାମରିକ ବ୍ୟକ୍ତିଙ୍କର ଜୀବନ ସଙ୍କଟାପନ୍ନ ହେଉଛି। ଡ୍ରୋନ୍‌କୁ ମଧ୍ୟ ବହୁ ଦୂରରୁ ବିପକ୍ଷ ଦେଶକୁ ପଠାଇ ହେଉଛି। ଇରାନରୁ ଇସ୍ରାଏଲ ଉପରେ ନିକଟରେ ଏକଶହରୁ ଅଧିକ ଡ୍ରୋନ୍ ଏକ ସଙ୍ଗରେ କ୍ଷେପଣାସ୍ତ୍ର ବର୍ଷଣ କରିଥିଲେ।

ଯୁଦ୍ଧ କୌଶଳର ଏକ ନିୟମ ହେଉଛି ଯେ ଅସ୍ତ୍ରଶସ୍ତ୍ର ଯେତେ ଉନ୍ନତ ହେବ, ଯୁଦ୍ଧକ୍ଷେତ୍ରରେ ମନୁଷ୍ୟର ପ୍ରତ୍ୟକ୍ଷ ସମ୍ପର୍କ ହ୍ରାସ ପାଇବ ଏବଂ ମନୁଷ୍ୟ ହତ୍ୟା କରିବା କାର୍ଯ୍ୟରୁ ଅଧିକ ଦୂରେଇ ରହିବ। ଏହି କାର୍ଯ୍ୟ ଉନ୍ନତ ଅସ୍ତ୍ରଶସ୍ତ୍ର କରିବ। ଦୂରରୁ ରହି ମନୁଷ୍ୟ କେବଳ ଅସ୍ତ୍ରଶସ୍ତ୍ରକୁ ନିୟନ୍ତ୍ରଣ କରିବ। ଆଜିକାଲିର କ୍ଷେପଣାସ୍ତ୍ର ପାଞ୍ଚ ହଜାର କିଲୋମିଟରରୁ ଅଧିକ ଦୂରରେ ଥିବା ଲକ୍ଷ୍ୟସ୍ଥଳକୁ ବୋମାବାଡ଼ କରିପାରୁଛି। ପରମାଣୁ ଅସ୍ତ୍ର ହେଉଛି ସବୁଠାରୁ ଭୟଙ୍କର। ଏହାର ବ୍ୟବହାରରେ ଲକ୍ଷ ଲକ୍ଷ ବେସାମରିକ ନିରୀହ ଲୋକ ପ୍ରାଣ ହରାଇଥାଆନ୍ତି। ୧୯୪୫ ମସିହାରେ ଜାପାନର ହିରୋସିମା ଓ ନାଗାସାକିରେ ପରମାଣୁ ବୋମା ନିକ୍ଷେପ ପରେ ଆଉ କେଉଁଠାରେ ଏହାର ବ୍ୟବହାର ହୋଇନାହିଁ। ଜାପାନରେ ଦୁଇଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଆଶା କରାଯାଉଥିଲା ଯେ, ପୃଥିବୀରେ ଆଉ ପରମାଣୁ ବୋମା ନିର୍ମାଣ ହେବ ନାହିଁ। କିନ୍ତୁ ସେହି ଆଶା ଆଶାରେ ରହିଗଲା। ଆଜି ଆଠଟି ଦେଶ ପାଖରେ ପାଞ୍ଚ ହଜାରରୁ ଅଧିକ ପରମାଣୁ ବୋମା ଗଚ୍ଛିତ ହୋଇ ରହିଛି। ରୁଷିଆ ମଧ୍ୟ ଏହାକୁ ୟୁକ୍ରେନ ବିପକ୍ଷରେ ବ୍ୟବହାର କରିବା ପାଇଁ କେତେଥର ଧମକ ଦେଇଛି। ରୁଷ ଓ ୟୁକ୍ରେନ ମଧ୍ୟରୁ ଦୁଇବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଛି ଏବଂ ଏଥିରେ ସେମାନଙ୍କର ସୈନିକ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି। ଏଣୁ ରୋବୋ ଯୁଦ୍ଧ ହେଉଛି ଏକ ଉତ୍ତମ ଉପାୟ। ଦୁଇଦେଶ ଡ୍ରୋନ୍ ଯୁଦ୍ଧ ଚଳାଇଥିବାରୁ ବର୍ତ୍ତମାନ ସେଠାରେ ଯୁଦ୍ଧ ଡ୍ରୋନ୍ ଏବଂ ଡ୍ରୋନ୍ ମଧ୍ୟରେ ହେଉଥିବାର ମନେହୁଏ।

ସେହିପରି ଶତ୍ରୁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ମଧ୍ୟ ରୋବଟ୍ ବ୍ୟବହୃତ ହେଉଛି। ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼କୁ ତାହାର 'ଆଇରନ ଡୋମ୍' ରକ୍ଷା କରିଥିଲା। ଏହି ଡୋମ୍ ହେଉଛି ଏକ ସ୍ୱୟଂଚାଳିତ ପ୍ରତିରକ୍ଷା ବ୍ୟବସ୍ଥା। ଦେଶ ଭିତରକୁ କ୍ଷେପଣାସ୍ତ୍ର ଆସିଲେ ଏହା ତୁରନ୍ତ ଏହାର ଚିହ୍ନଟ କରି ଏହାକୁ ଅକାମୀ କରିଦେବା ପାଇଁ ପଦକ୍ଷେପ ନିଏ। କେବଳ ଡ୍ରୋନ୍ ନୁହେଁ, ରୁଷିଆ ଓ ୟୁକ୍ରେନ ଯୁଦ୍ଧରେ ଚାଳକବିହୀନ ଟ୍ୟାଙ୍କ ମଧ୍ୟ ବ୍ୟବହୃତ ହେଉଛି। ସୀମାନ୍ତରେ ସୈନ୍ୟମାନଙ୍କୁ ଖାଦ୍ୟ ଓ ଅସ୍ତ୍ରଶସ୍ତ୍ର ଦେବା ପାଇଁ ମଧ୍ୟ ଚାଳକବିହୀନ ଗାଡ଼ି ବ୍ୟବହୃତ ହେଉଛି।

ବର୍ତ୍ତମାନ ଡ୍ରୋନ୍‌ର ଚାହିଦା ବୃଦ୍ଧି ପାଇଛି। ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଡ୍ରୋନ ପାଇଁ ପ୍ରତ୍ୟେକ ଦେଶ ଆଗ୍ରହୀ। କିନ୍ତୁ ବିଜ୍ଞାନର ଏହି ଉଦ୍ଭାବନ କେବଳ ମାନବ ସେବା ପାଇଁ ହେଉ, ବିନାଶ ପାଇଁ ନୁହେଁ।

ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

କେଶ କାଟିବାକୁ ହେଲେ ସେଲୁନ୍ ଯିବାକୁ ପଡେ। ହେଲେ ସେଲୁନ୍ କେବେ ଲୋକଙ୍କ ପାଖକୁ ଆସିବା ଦେଖିଛନ୍ତି! ଅଜବ କଥା ଭଳି ଲାଗୁଥିଲେ ବି ଏମିତି ଏକ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି ଉତ୍ତରପ୍ରଦେଶ ବାରାଣସୀରେ। ଏଠାରେ ଜଣେ ବ୍ୟକ୍ତି ସାଇକେଲରେ ତାଙ୍କର ସେଲୁନ ଧରି ଘର ଘର ବୁଲି କେଶ କାଟିବା ପାଇଁ ନିମନ୍ତ୍ରଣ ଦେଉଛନ୍ତି। ତା ପୁଣି ମାଗଣାରେ। ହେଲେ ଏଥିପାଇଁ ସେ ଏକ ସର୍ତ୍ତ ରଖିଛନ୍ତି। ଏହି ସର୍ତ୍ତ ଅନୁସାରେ ସେ କେବଳ ଗୋଟିଏ ଷ୍ଟାଇଲ୍‌ରେ ଚୁଟି କାଟିବେ, ତାହା ହେଉଛି ଯୋଗୀ ଷ୍ଟାଇଲ୍ ଅର୍ଥାତ୍ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଭଳି ଯିଏ ଚୁଟି କାଟିବ ସେ ମାଗଣାରେ ତା'ର ଚୁଟି କାଟିଦେବେ ବୋଲି କହିଛନ୍ତି। ଏଭଳି ଏକ ଘୋଷଣା କରି ସହରର ଗଳିକନ୍ଦିରେ ବୁଲୁଥିବା ବ୍ୟକ୍ତିଙ୍କ ନାମ ଛୋଟେ ଲାଲ୍ ଓ ତାଙ୍କ ସେଲୁନର ନାଁ ମୋଦି ହେୟାର କଟିଂ ସେଲୁନ୍। ନିଜକୁ ସେବକ ବୋଲି କହୁଥିବା ଛୋଟେ ଲାଲ୍ ଆଗକୁ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ଏଭଳି ଏକ ଅଫର ଯୋଗାଇ ଦେଉଛନ୍ତି। କୁମ୍ଭ ମେଳା ପାଇଁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରସ୍ତୁତି ଦେଖିବାକୁ ମିଳିଛି। ଆଉ ଏଥିପାଇଁ ଛୋଟେ ଲାଲ୍‌ଙ୍କର ଭ୍ରାମ୍ୟମାଣ ସେଲୁନ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ବି ଖୁବ୍ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଡିସେମ୍ବର ୧୯୭୫

- ସର୍ବୋଦୟଣ ନେତା ନବକୃଷ୍ଣ ଚୌଧୁରୀଙ୍କ ଉପରୁ ଅଟକ ଆଦେଶ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ।
- ଅଗ୍ନି ଉପଶମ ନିମନ୍ତେ ପ୍ରତିରକ୍ଷା ବିଭାଗ ଅଧୀନରେ ଥିବା ନୂଆଦିଲ୍ଲୀସ୍ଥିତ ଅଗ୍ନିଉପଶମ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକ ଦେଶୀୟ ତରଳ ଫେଣ ପଦାର୍ଥର ଉନ୍ନୟନ କରାଯାଇଛି।

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୁଲକେ
ଗଲା ମରି।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନ୍ୟାୟପାଳିକାର ନିରପେକ୍ଷତା

ମହାଶୟ,

ସମ୍ବିଧାନର ୪୨ତମ ସଂଶୋଧନ ମୁତାବକ ସମ୍ବିଧାନ ମୁଖବନ୍ଧରେ ସଂଯୁକ୍ତ ସମାଜବାଦ ଓ ଧର୍ମନିରପେକ୍ଷ ଦୁଇଟି ଶବ୍ଦକୁ ଉଚ୍ଛେଦକରିବା ଲାଗି ସୁପ୍ରିମକୋର୍ଟରେ ଆଗତ ପିଟିଶନକୁ ଖାରଜକରି ନ୍ୟାୟପାଳିକା ନିଜର ନିରପେକ୍ଷତା ପ୍ରଦର୍ଶନ କରିଛନ୍ତି। ଏଥିରେ ହସ୍ତକ୍ଷେପ ନ କରିପାରିବାର କ୍ଷମତା ସମ୍ପର୍କରେ ଖଣ୍ଡପୀଠଙ୍କ ସ୍ୱଷ୍ଟତା 'ସଂସଦ' ଓ ସଂସଦୀୟ ପରମ୍ପରା ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନର ଏକ ନମୁନା। ସରକାର ଯାଏ ଓ ଆସେ, ଛକି... ଶୂନ ଖେଳରେ କିଏ ଜିତେ ତ ପୁଣି କିଏ ହାରେ। ତେଣୁ ଆଜିର ସରକାରରେ ଥିବା କୌଣସି ଶାସକ (ପ୍ରଶାସକ), ରାଜନୈତିକ ବ୍ୟକ୍ତିବିଶେଷ ଭୂଗୋଳ ସହ ଇତିହାସ ବଦଳାଇବାର ଅପଚେଷ୍ଟା କରିବା ନିନ୍ଦନୀୟ। ରାଜନୈତିକ ଦଳରେ ଥିବା କୌଣସି ବ୍ୟକ୍ତି ରାଜନୈତିକ ଫାଇଦା ପାଇଁ ଅଥବା ପ୍ରତିପକ୍ଷର ନିଷ୍କ୍ରିୟତା ନିମନ୍ତେ କୌଣସି ପ୍ରସଙ୍ଗରେ ଚ୍ୟାଲେଞ୍ଜ କରିବା କେବଳ ସମାଲୋଚନାଯୋଗ୍ୟ ନୁହେଁ, ଦୋଷାବହ ମଧ୍ୟ!

-ଦୁର୍ଗାପ୍ରସାଦ ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ପାଳିଡ଼ି ହିଲ ସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରବିନ୍ଦ୍ର କୁମାର ପଟେଲ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଅନ୍ୟତମ ଅତିଥି ତହସିଲଦାର ତ୍ରିବେଦ ରଥ, ଥାନା ଅଧିକାରୀ ବସନ୍ତ ସିଆଲ ଓ ମଧୁସୂଦନ ପଞ୍ଚାୟତ ଦୁକୁନା ଦାସ ଯୋଗଦେଇ ଥିଲେ। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପାଣି ପଞ୍ଚାୟତ ପକ୍ଷ ପାଳିତ

ଫୁଲବାଣୀ,୨୨।୧୨(ରାକେଶ କୁମାର ରାଉତ)

ଫୁଲବାଣୀ ଉଠା ଜଳସେଚନ ବିଭାଜନ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଯନ୍ତ୍ରୀ ଇଂ.ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସରୋଜ କୁମାର ସାହୁ, ପ୍ରଫୁଲ୍ଲ କହଁର, ସମାଜିକ କର୍ମୀ ପ୍ରକାଶ ମଙ୍ଗରାଜ, ଏ.ପ୍ରଣବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ନିବାହୀ ଯନ୍ତ୍ରୀ ଶିତିକଣ୍ଠ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଗପହଣ୍ଡିରେ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ

ଦିଗପହଣ୍ଡି,୨୨।୧୨(ଅଶେଷ ନାଥ ମିଶ୍ର)



ଅତିଥିବୃନ୍ଦଙ୍କ ଶପଥ ପାଠ।

ଦିଗପହଣ୍ଡି ସ୍ଥିତ ଘୋଡାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ପରିସରରେ ରବିବାର ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚିକିଟି ଜଳସେଚନ ବିଭାଜନ କାର୍ଯ୍ୟାଳୟ, ବ୍ରହ୍ମପୁର ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଦିଗପହଣ୍ଡି ଘୋଡାହାଡ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଏ .ଗୋପାଳ ରାଓ ଅଧ୍ୟକ୍ଷତା କରିଥିଲେ। ବାଘଲଟି ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି, ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁ, ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଛେଳିଗଡ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଂ. ସରୋଜ ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ଘୋଡାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର, ରାମନଦୀ ଜଳସେଚନ ପ୍ରକଳ୍ପ ସଭାପତି ଶ୍ରୀନିବାସ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଜଳସମ୍ପଦର ସୁରକ୍ଷା ଦିଗରେ ସମସ୍ତେ ଶପଥ ପାଠ କରିଥିଲେ। ପାଣି ପଞ୍ଚାୟତ ଗୁଡିକରେ ଜଳ ସେଚନ ସମସ୍ୟା ଉପୁଜିଲେ ପାଣି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ମୁଖ୍ୟ ଅତିଥି ଅନୁରୋଧ କରିଥିଲେ। ଜିଲାରେ ଧାନମଣ୍ଡି ୨୩ ତାରିଖ ବଦଳରେ ଆସନ୍ତା ଜାନୁଆରୀ ୩ ତାରିଖରେ ଖୋଲିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିଥିବା ନେଇ ତହସିଲଦାର ଉପସ୍ଥିତ ଚାଷୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଘଟକେଶ୍ୱର ଜଳ ସେଚନ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରମାକାନ୍ତ ମଲ୍ଲିକ, ଘୋଡ଼ାହାଡ଼ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ. କ୍ଷୀରୋଦ ବେହେରା, ଇଂ .ସୁଶାନ୍ତ ମହାପାତ୍ର, ଇଂ .ନିରଞ୍ଜନ ସାହୁ, ଇଂ.ଦେବରାଜ ଗୌଡ, ବାଘଲଟି ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ .ସଞ୍ଜୀବ ସାହୁ, ଇଂ.ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ବାହୁଦା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ .ସସ୍ମିତା ସାହୁ, ଇଂ ବିଶ୍ୱନାଥ ପାତ୍ର, ପାଣି ପଞ୍ଚାୟତ ଶୀର୍ଷ କମିଟି ସମ୍ପାଦକ କିର୍ତ୍ତୀଚନ୍ଦ୍ର ଗୌଡ, କୋଷାଧ୍ୟକ୍ଷ ରାମନାଥ ବିଷୋୟୀ, ପୂର୍ବତନ ସଭାପତି ବିଦ୍ୟାଧର ମହାପାତ୍ରଙ୍କ ସମେତ ଦିଗପହଣ୍ଡି, ରାମନଦୀ, ବାହୁଦା ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ କାର୍ଯ୍ୟକର୍ତ୍ତା, ସଦସ୍ୟ ଏବଂ ଦିଗପହଣ୍ଡି, ଚିକିଟି ଓ ପାତ୍ରପୁର ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ପରିଶେଷରେ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

## ନଷ୍ଟ ହୋଇଥିବା ଧାନଫସଲ ଦେଖିଲେ ବିଧାୟକ



କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖୁଛନ୍ତି ବିଧାୟକ

ଖଲ୍ଲିକୋଟ,୨୨।୧୨(ପ୍ରଶାନ୍ତ କୁମାର ମିଶ୍ର)

ଦୁଇ ଦିନ ବର୍ଷାରେ ଖଲ୍ଲିକୋଟ ଅଞ୍ଚଳରେ କଟା ହୋଇଥିବା ପାଚିଲା ଧାନ ଓ ଖଳାରେ ଥିବା ଧାନ ଭିଜିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। ଏପରି ସମୟରେ ରବିବାରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଲଙ୍ଗଳେଶ୍ୱର ପଞ୍ଚାୟତ, ଆଇତିପୁର, ବାକୁଟଗାଁ, ଭିକାପଡା, ତେନ୍ତୁଳିଆ, ବଧିନୂଆପଲ୍ଲୀ, ତୁଳସୀପୁର, ଚିକିଲି, ବଡ଼ରାମପଲି, ବିଳାସପୁର ଆଦି ପଞ୍ଚାୟତର କେତେକ ଧାନ ବିଲରେ ପହଞ୍ଚି କ୍ଷୟକ୍ଷତି ପରିମାଣ ବିଷୟରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ପୁରୁଷୋତ୍ତମପୁର ବ୍ଲକର ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଅରୁଣ କୁମାର ପଣ୍ଡାଙ୍କ ସମେତ କେତେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଚାଷୀଙ୍କ ଏହି ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ବିଜ୍ଞାନ ପ୍ରସାର ପାଇଁ ଡ.ବିନୟକୃଷ୍ଣ ପୁରସ୍କୃତ



ଡ.ବିନୟକୃଷ୍ଣଙ୍କୁ ପୁରସ୍କୃତ କରାଯାଉଛି।

ଫୁଲବାଣୀ,୨୨।୧୨(ରାକେଶ କୁମାର ରାଉତ)

ପ୍ରଫେସର ଏଚ୍.ଏସ. ଶ୍ରୀବାସ୍ତବ ଫାଉଣ୍ଡେସନ ପକ୍ଷରୁ ଲକ୍ଷ୍ନୌରେ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଉତ୍ତାପ ବୃଦ୍ଧିର ଯୁଗରେ ଜଳବାୟୁ ପରିବର୍ତ୍ତନକୁ ସନ୍ତୁଳିତ କରିବାରେ ଗଛଲତାଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଦେଶର ବିଭିନ୍ନ ବିଜ୍ଞାନ ଗବେଷଣା ସଂସ୍ଥାର ପ୍ରତିଷ୍ଠିତ ବୈଜ୍ଞାନିକମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭାରତର ଜଳ ପୁରୁଷ ନାମରେ ସ୍ୱୀକୃତ ଡ଼.ରାଜେନ୍ଦ୍ର ସିଂ, ସମ୍ମାନିତ ଅତିଥି ଭାବେ ଡ଼.ଅଜିତ ଶାସାନି ଓ ଡ଼.ପ୍ରବୋଧ ତ୍ରିବେଦୀ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଓ ବିଜ୍ଞାନ ଗବେଷକ ବିନୟକୃଷ୍ଣ ପଟ୍ଟନାୟକଙ୍କୁ ଗତ ତିନି ଦଶକର ବିଜ୍ଞାନ ଶିକ୍ଷା ପ୍ରସାର ପାଇଁ ପୁରସ୍କୃତ କରା ଯାଇଥିଲା। ସୂଚନାଯୋଗ୍ୟ ବିନୟକୃଷ୍ଣ ୧୯୮୬ ମସିହାରେ ବ୍ରହ୍ମପୁର ବିଶବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ଏଠାରେ ଗବେଷଣାରତ ଥିବା କାଳରେ ୧୯୮୭ରେ 'ଭାରତ ଜନ ବିଜ୍ଞାନ ଯାତ୍ରା'ରେ ଯୋଗ ଦେଇଥିଲେ। ଭୁବନେଶ୍ୱରର ଶିକ୍ଷା–ବିଜ୍ଞାନ ପ୍ରୟୋଗଶାଳା 'ସୃଜନିକା'ଠାରେ ଓଡ଼ିଶାରେ ବିଜ୍ଞାନ ପ୍ରସାର ଓ ବିଜ୍ଞାନ ଶିକ୍ଷାର ବିକାଶ ଦିଗରେ ଅନେକ ଉଲ୍ଲେଖନୀୟ ବିଜ୍ଞାନ ଶିକ୍ଷା କାର୍ଯ୍ୟକ୍ରମ ଚଳାଇଥିଲେ।

## ବର୍ଷା ଉଜାଡ଼ିଲା ମୁଗ ଫସଲ

**କୃଷି ଋଣ ଛାଡ଼ ସହ ବିହନ ଯୋଗାଣ ପାଇଁ ଦାବି**

ଧରାକୋଟ,୨୨।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ )



ଦୁଇଦିନର ଲଘୁଚାପଜନିତ ଲଗାଣ ବର୍ଷା ଧରାକୋଟ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଏକର ଏକର ଜମିରେ ପାଣି ଜମିରହିଛି। ଏହାକୁ ନେଇ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି। ଚଳିତ ବର୍ଷ ଅଭାବୀ ବର୍ଷା ଯୋଗୁ ଖରିଫ ଋତୁର ଧାନ ଫସଲ ବିଳମ୍ବରେ ଆରମ୍ଭ ହୋଇଥିଲା। ବନ୍ଧ ଗାଡ଼ିଆ ଶୁଖିଲା ପଡ଼ିଥିବାରୁ ଯେନତେନ ପ୍ରକାରେ ନିଜସ୍ୱ ଉଦ୍ୟମରେ ଖର୍ଚ୍ଚାନ୍ତ ହୋଇ ଚାଷୀ କୁଳ ଖରିଫ ଋତୁର ଧାନ ଫସଲ କରିଥିଲେ। ହେଲେ ଲଘୁଚାପଜନିତ ବର୍ଷାର ପ୍ରଭାବ ଧାନ ଫସଲ ଉପରେ ପଡ଼ିଥିଲା। ଅନ୍ୟପଟରେ ଝିପିଝିପି ବର୍ଷା ଯୋଗୁ ମୁଗ ବିଲରେ ପାଣି ଜମି ରହିଥିବାରୁ ମୁଗ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଏଣୁ ଚାଷୀମାନେ ମୁଗ ବିଲରୁ ପାଣି ନିଷ୍କାସନ ପାଇଁ ଲାଗି ପଡ଼ିଛନ୍ତି। ଗୋଟିଏ ପଟେ ବିଲରେ ଧାନ ଗଜା ହେବାକୁ ବସିଥିବା ବେଳେ ଅନ୍ୟପଟରେ ମୁଗ ଜମିରେ ପାଣି ଭାସୁଛି। ଏଣୁ ଚଳିତବର୍ଷ ଚାଷୀର ମେରୁଦଣ୍ଡ ଦୋହଲି ଯିବା ସହ ଚାଷୀକୁଳ କ୍ଷତି ସହିବାକୁ ଯାଉଛନ୍ତି। ସରକାର ତୁରନ୍ତ ରାଜସ୍ୱ ବିଭାଗ କର୍ମଚାରୀ ଓ ସର୍ଭେ କରି ଚାଷୀମାନଙ୍କର କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ସହ ମାଗଣା ବିହନ ଓ ଆର୍ଥିକ ସହାୟତା ପ୍ରଦାନ ପାଇଁ ଧରାକୋଟ ବ୍ଲକ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ସମ୍ପ୍ରତି ଯୋଗାଣ ବିଭାଗ ପକ୍ଷରୁ ଏଫ୍ଏକ୍ୟୁ ମାନର ଧାନ ମଣ୍ଡିରେ ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଲଗାଣ ବର୍ଷା ଯୋଗୁ ସେଥିରେ ବାଧା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଗୋଟିଏ ପଟେ ଉଜୁଡ଼ିବା ଫସଲ ସାଉଁଟିବାରେ ଚାଷୀ ବ୍ୟସ୍ତ ଥିବାବେଳେ ଏଫ୍ଏକ୍ୟୁ ମାନର ଧାନ ମଣ୍ଡିରେ ନ ଦେଲେ ସରକାରଙ୍କ ପକ୍ଷରୁ ଘୋଷିତ ୩୧୦୦ ଟଙ୍କା କୁଇଣ୍ଟାଲ ପିଛା ମିଳିବ ନାହିଁ। ଅନ୍ୟପଟରେ ସଫା ଓ ମାନଯୁକ୍ତ ଧାନ ନ ଦେଲେ ତାକୁ ମଣ୍ଡିରେ ଗ୍ରହଣ କରା ନ ଯିବାକୁ ସ୍ଥିର ହୋଇଥିବାରୁ ଚାଷୀର ଚିନ୍ତା ଦୁଇଗୁଣ ବଢ଼ି ଯାଇଛି। ଏଣୁ ସରକାର ନିଜ ନିଷ୍ପତ୍ତିରେ ପରିବର୍ତ୍ତନ ସହ ଏଫ୍ଏକ୍ୟୁ ମାନରେ କୋହଳ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ୩ ପ୍ରତିଯୋଗିତାରେ ଅଭିଲାଷ ପ୍ରଥମ

ଜି.ଉଦୟଗିରି,୨୨।୧୨(ଚିନ୍ମୟ କୁମାର ସେଠୀ)

**ପାଣି ପଞ୍ଚାୟତ ପକ୍ଷ ପାଳନ**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଜି.ଉଦୟଗିରି ଉପଖଣ୍ଡ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସ୍ଥାନୀୟ ହବାକ୍ ଉଚ୍ଚବିଦ୍ୟାଳୟଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ୪ଟି ବ୍ଲକର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପାଣି ପଞ୍ଚାୟତର ପରିଚୟ, ଇତିହାସ, ଆବଶ୍ୟକତା ଉପରେ ହୋଇଥିବା କୁଇଜ୍, ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ହବାକ୍ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅଭିଲାଷ ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅମିୟ କୁମାର ପ୍ରଧାନ, ପ୍ରିୟଙ୍କା ପାଣିଗ୍ରାହୀ, ଅର୍ପିତା ପ୍ରଧାନ ଦ୍ୱିତୀୟ ସ୍ଥାନ ଓ ବଚନ ନାୟକ, ଶ୍ରିୟା ସାଗର ମହାପାତ୍ର, ପ୍ରିୟଙ୍କା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରବିବାର ଫିରିଙ୍ଗିଆ ଠାରେ କ୍ଷୁଦ୍ର ଜଳସେଚନ ବିଭାଜନ, କନ୍ଧମାଳ ସୌଜନ୍ୟରେ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, କନିଷ୍ଠ ଯନ୍ତ୍ରୀ କ୍ଷୁଦ୍ର ଓ ଜଳ ସେଚନ ବିଭାଗ, ସମିତି ସଭ୍ୟ, ସରପଞ୍ଚ ପ୍ରମୁଖ କୃତି ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ଆସନ୍ତା ୨୪ ତାରିଖରେ କୃତି ପ୍ରତିଯୋଗୀମାନେ ଫୁଲବାଣୀ ଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଗାଇଡ୍ ଶିକ୍ଷକ ମୃତ୍ୟୁଞ୍ଜୟ ନାୟକ ସୂଚନା ଦେଇଛନ୍ତି।

## ମାଲିକାପଡ଼ି ବାପଟିଷ୍ଟ ଚର୍ଚ୍ଚ ତରଫରୁ କ୍ୟାଣ୍ଡେଲ୍ ଯାତ୍ରା

ଜି.ଉଦୟଗିରି,୨୨।୧୨(ଚିନ୍ମୟ କୁମାର ସେଠୀ): କନ୍ଧମାଳ ଜିଲାର ଗାଁରୁ ସହର ଡିସେମ୍ବର ୨୫ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ପାଳନ ନିମନ୍ତେ ଚଳଚଞ୍ଚଳ ରହିଥିବା ବେଳେ ବିଭିନ୍ନ ଗ୍ରାମ, ସହରରେ ଥିବା ଚର୍ଚ୍ଚ ତରଫରୁ କ୍ୟାଣ୍ଡେଲ ଜାଳି ପଦଯାତ୍ରା କରି ବଡ଼ ଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ମାଲିକାପଡ଼ିଠାରେ ଥିବା ମାତୃମଣ୍ଡଳି ରବିବାର ବାପଟିଷ୍ଟ ଚର୍ଚ୍ଚ ତରଫରୁ କ୍ୟାଣ୍ଡେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଭୂପତି ନାୟକ, ଉପ ସଭାପତି ଅରୁଣ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବା ସହିତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଓ ଯୁବତୀ ଯୁବକ ସହର ପରିକ୍ରମା କରିଥିଲେ।

# ଗୁମ୍ମାରେ ସଫାହେଉନି ଡ୍ରେନ୍



ପାରଳାଖେମୁଣ୍ଡି,୨୨।୧୨(ଗିରିଧାରୀ ପରିଚ୍ଛା): ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ସ୍ୱଚ୍ଛତା କେବଳ କାଗଜ କଲମରେ ସୀମିତ ରହିଥିବା ଦେଖିବାକୁ ମିଳିଛି। ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ପାଇକ ସାହି, ଖ୍ରୀଷ୍ଟିୟାନ ସାହି ଓ ହାଟପଦା ଛକ ରାସ୍ତାପାର୍ଶ୍ୱ ଡ୍ରେନର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଗୁମ୍ମା ପଞ୍ଚାୟତର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମା ସଫା ହେଉ ନ ଥିବା ଯୋଗୁଁ ଜଳ ନିଷ୍କାସନ ନ ହୋଇ ବହୁ ସ୍ଥାନରେ ଆବର୍ଜନା ପାଣି ଜମି ରହୁଛି। ଏପରିକି କେତେକ ସ୍ଥାନରେ ଡ୍ରେନଗୁଡ଼ିକ ସଂପୂର୍ଣ୍ଣ ପୋତି ହୋଇ ଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଡ୍ରେନଗୁଡ଼ିକୁ ସଠିକ ଭାବରେ ମରାମତି ଓ ସଫେଇ କରାଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେବାରେ ଲାଗିଛି।ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ସରକାର ଅଞ୍ଚଳର ବିକାଶ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏସବୁ ଅର୍ଥ ଉପଯୁକ୍ତ ମାର୍ଗରେ ଖର୍ଚ୍ଚ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ପ୍ରଶାସନ ଏ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୁମ୍ମା ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗୁମ୍ମା କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଉର୍ବଶୀ ପାଣିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ପୂର୍ବରୁ ସେ ଏହି ସମସ୍ୟା ବିଷୟରେ ଅବଗତ ନ ଥିଲେ। କିନ୍ତୁ ଏବେ ଏହାର ତୁରନ୍ତ ସମସ୍ୟାର ସମାଧାନ କରାଯିବ।

## ଅନ୍ତର୍ଜାତୀୟ ଧ୍ୟାନ ଦିବସ ପାଳିତ

**ଆସିକା,୨୨।୧୨(ସୁରେନ୍ଦ୍ର ନାଥ ସାହୁ):** ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତିଶକ୍ତି ଭବନରେ ରବିବାର ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଥିଲା। ଭବନର ସଂଚାଳିକା ପ୍ରଭାତୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ଓକିଲ ସଂଘ ସଂପାଦକ ବିଦେଶୀ ନାହାକ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମିଳିତ ଜାତି ସଂଘ ପକ୍ଷରୁ ଡିସେମ୍ବର ୨୧କୁ ବିଶ୍ୱ ଧ୍ୟାନ ଦିବସ ରୂପେ ଘୋଷଣା କରାଯିବା ମାନବ କଲ୍ୟାଣ ଲାଗି ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଇଥିଲା । ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବୁଲୁ, ସ୍ମିତା, ଜ୍ୟୋତି, ନିଳିମା, ବସନ୍ତ, ରାଧାଶ୍ୟାମ ପ୍ରମୁଖ ସହଯୋଗ କରିଥିଲେ । ପରେ ରାଜଯୋଗ ଅଭ୍ୟାସ କରାଯାଇଥିଲା ।


**PANCHAYAT SAMITI OFFICE, TARBHA**

Tender Call Notice No. 02/2024-25 dt. 20.12.2024

**INVITATION OF BID**

No.i-380

Last date of receipt of Bid - Dt. 09.01.2025
Date of opening of Bid - Dt. 10.01.2025
The Block Development Officer, Tarbha invite percentage rate bid from the contractor/bidder for execution of following works.

| Sl. No. | Name of the work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Completion of Additional Class room at MBR Degree College at Menda | WODC | 15,52,834/- | D & C |
| 2 | Construction of Additional Class Room (ACR) at Baghiamunda PS | Samagra Sikhya | 12,45,454/- | D & C |

For details visit our District website www.subarnapur.nic.in.

Sd./- Block Development Officer, Tarbha

OIPR-19369/11/0002/2425



No.CAD-1964

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (CIVIL-II), IDCO, IDCO TOWER, BHUBANESWAR**

Tender Call Notice No. HO/CIVIL/T&E/E-5201/04/2024 35379 Dt. 18.12.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work : Supply, Installation, Testing and Commissioning of 11/0.4KV, 250KVA plinth mounted Sub-station, 11KV DP on 11 mtr joist pole, 11KV Line DP along with Construction of 3-Phase 4 wire AB cable for power supply to GCPE, Kulundi, Sambalpur.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM(Civil-II), IDCO, IDCO Towers, Janpath, Bhubaneswar | CIVIL/EST/12/2024-25 | From 17.00 Hours of dt. 26.12.2024 | To 17.00 Hours of dt. 06.01.2025 |

Further details can be seen from the e-procurement portal. www.tendersodisha.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Chief General Manager (Civil-II) IDCO, Bhubaneswar

OIPR-14003/11/0087/2425



No.O-926

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**

eMail : se_nerwkjr@rediffmail.com

**eProcurement Notice for Road Works under MMSY-TRIP**

**Bid Identification No. NCB-21 / RWCKJR / 2024-25**

No. 3786 / Date : 18.12.2024

1. Name of the work : Construction and Maintenance of road under MMSY-TRIP in the District of Keonjhar. 2. No. of work : 05 (Five) Nos. 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-21/ RWCKJR /2024-25 | Dt. 27.12.24 at 11.00 A.M. | Dt. 10.01.25 up to 5.00 P.M. | Dt. 09.01.25 up to 5.00 P.M. | Dt. 13.01.25 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**

Sd./- Chief Construction Engineer R.W. Circle, Keonjhar

OIPR-25177/11/0027/2425



GOVERNMENT OF ODISHA

No.C-1317

**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**

NATIONAL COMPETITIVE BIDDING THROUGH e-PROCUREMENT

Invitation for REQUEST FOR PROPOSAL (RFP) Dt.20.12.2024

| Sl. No. | Name of the Water Supply Project | BID ID No. | Bid Security (in Rs.) | Cost of RFP Document (in Rs.) | Assignment Period |
|---|---|---|---|---|---|
| 1 | Request for Proposal (RFP) for Selection of Consultant for Setting up PMU for Planning, Project Management, Policy Support, Implementation of Central and State Government Urban Water Supply Projects in Odisha, Coordination and Monitoring Support to PHEO, WATCO, OWSSB & WRU Cell. | EICPH-05/ 2024-25 | 6,00,000.00 | 10,000.00 | 12 (Twelve Months) |

The complete RFP document can be viewed/downloaded from e-procurement portal of the State Government https://tendersodisha.gov.in from **27.12.2024 (11.00 Hrs. IST) to 28.01.2025 (17.00 Hrs. IST)**. RFP must be submitted online. RFP through any other mode shall not be entertained.
**Name & Address of the Officer Inviting RFP: The Engineer-in-Chief (PH), 1st Floor, Unnati Bhawan, Satyanagar, Bhubaneswar-751 007, Dist. Khordha, Odisha. Phone No.0674-2575309, email: eicphodisha@gmail.com**
Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-13254/11/0001/2425

Sd./- ENGINEER-IN-CHIEF (PH)



**ODISHA UNIVERSITY OF TECHNOLOGY AND RESEARCH**
**P.O. : MAHALAXMI VIHAR, BHUBANESWAR - 751 029**

Notice No. : OUTR/RG/Outsourcing/2024-25/18 Date : 19.12.2024

**No.KK-281** : **Notice Inviting Tender Through E-Procurement** under two bid systems from well-established and financially sound Proprietorship/Partnership Firm / Private Limited / Limited Company/ Registered Manpower Service Provider Agencies for "Outsourcing of Manpower Service **(Technical and Non-Technical at OUTR, Bhubaneswar".**
Date & time of available in Tenders Odisha Portal: 20/12/2024, 6.00 p.m. Last date and time of submission of Bid: 13/01/2025 upto 6.00 p.m. For details: Please visit: http://tendersodisha.gov.in & http://www.outr.ac.in. For Technical query please contact Prof. Abhimanyu Mohapatra, Ph. No. 9348670120, E-mail : amohapatra@outr.ac.in

OIPR-16005/11/0047/2425

REGISTRAR



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
**CHIPLIMA HYDRO ELECTRIC PROJECT, CHIPLIMA**
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph:(0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1966:

No.-CHEP/TW-230 (Vol.-II)/5288 Date: 19.12.2024

**'e'-Procurement Notice**

**TENDER CALL NOTICE NO.-CHEP-53/2024-25**

**C & P Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No. | Name of the Work | Estimated Cost/ EMD | Cost of Tender Specification | Com-pletion Period |
|---|---|---|---|---|
| 1 | Construction of Temporary Shed for Hired Vehicle at Hanger Store of CHEP, Chiplima | Rs.14,39,971.00 / EMD = Rs.14,400.00 | Rs.7,080.00 (Rs.6,000.00 + GST@18%) | 90 Days |
| 2 | Pump Shifting Ramp from River Side at Water Supply System of CHEP, Chiplima | Rs.11,43,981.00 / EMD = Rs.11,440.00 | Rs.7,080.00 (Rs.6,000.00 + GST@18%) | 90 Days |
| 3 | Construction of Toilet at Hanger Store of CHEP, Chiplima | Rs.4,05,756.00 / EMD = Rs.4,060.00 | Rs.2,360.00 (Rs.2,000.00 + GST@18%) | 90 Days |

1. Availability of bids **ONLINE**: **from 11:00 AM of dtd.24.12.2024 up to 05:00 PM of dtd.06.01.2025.**
2. The date & time of opening of tender: **At 11:30 AM of dtd.07.01.2025 for Sl. No.1**
**At 12:00 PM of dtd.07.01.2025 for Sl. No.2**
**At 12:30 PM of dtd.07.01.2025 for Sl. No.3**

For further details and downloading of tender documents, Terms & Conditions, eligibility, corrigendum if any, please visit website **https://tendersodisha.gov.in.**

OIPR-04006/11/0051/2425

Sd/- C & P Head, CHEP, Chiplima

# ଦୃଷ୍ଟାନ୍ତ

ଶେଷ ପାଦରେ ଉପନୀତ ୨୦୨୪। ପ୍ରତି ବର୍ଷ ସ୍ୱାସ୍ଥ୍ୟ ବିଜ୍ଞାନ, ମହାକାଶ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟାରେ ଅନେକ ନୂଆ କଥା ଦେଖିବାକୁ ମିଳିଥାଏ । କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏ କ୍ଷେତ୍ରରେ ଚଳିତବର୍ଷ ବିଭିନ୍ନ ନୂତନ ଜିନିଷ ଉଦ୍ଭାବନ ହୋଇଛି । କେବଳ ସେତିକି ନୁହେଁ, ମହାକାଶ ବିଜ୍ଞାନ କ୍ଷେତ୍ରରେ ପୃଥିବୀ ପରି ଆଉ ଏକ ଗ୍ରହର ଆବିଷ୍କାର ଏ ବର୍ଷ ଚର୍ଚ୍ଚାର ପରିସରକୁ ଆସିଥିଲା । ଚଳିତବର୍ଷ ଏସବୁ କ୍ଷେତ୍ରରେ ସଂଗଠିତ ବିଭିନ୍ନ ଘଟଣାବଳୀକୁ ନେଇ ଉପସ୍ଥାପନା...


ସୁନୀତା

## ଶଙ୍କା ଆଶଙ୍କାରେ ସୁନୀତାଙ୍କ ଲେଉଟାଣି

ଚଳିତ ବର୍ଷ ଜୁନ୍ ୫ ତାରିଖରେ ଆମେରିକୀୟ କମ୍ପାନୀ 'ବୋଇଙ୍ଗ'ର ଷ୍ଟାର୍‌ଲାଇନର ଅନ୍ତରୀକ୍ଷ ଯାନରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ଏବଂ ଅନ୍ୟ ଜଣେ ସହ-ମହାକାଶଯାତ୍ରୀ ବୁଚ୍ ୱିଲିମୋର ଇଣ୍ଟରନ୍ୟାଶନାଲ ସ୍ପେଶ ଷ୍ଟେଶନ ଯାତ୍ରା କରିଥିଲେ। ସେମାନଙ୍କର ପୃଥିବୀ ପ୍ରତ୍ୟାବର୍ତ୍ତନ ଏବେ ଶଙ୍କା ଆଶଙ୍କା ମଧ୍ୟରେ ରହିଛି। ନିକଟରେ ଶିଳ୍ପପତି ଏଲନ୍ ମସ୍କ 'ସ୍ପେସ୍ ଏକ୍ସ' କମ୍ପାନୀର ଏକ ସ୍ୱତନ୍ତ୍ର ଯାନ 'କ୍ରୁ ଡ୍ରାଗନ-୯' ଜରିଆରେ ପୃଥିବୀକୁ ଫେରାଇ ଆଣିବାର ଯୋଜନା କରାଯାଇଛି। ଏହି ଅଭିଯାନ ନିମନ୍ତେ ଉକ୍ତ ଯାନର ଗଠନକୁ ପୁନର୍ବିନ୍ୟାସ କରାଯାଇଛି। ଏବେ ଏଥିରେ ଚାରି ଜଣ ମହାକାଶଚାରୀ ଯାତ୍ରା କରିପାରିବେ। ଏହାକୁ ନେଇ ଜଣେ ରୁଷୀୟ ଏବଂ ଜଣେ ଆମେରିକୀୟ ମହାକାଶଚାରୀ ସ୍ପେଶ ଷ୍ଟେଶନ ଅଭିମୁଖେ ଯାଇଛନ୍ତି। ସେପ୍ଟେମ୍ବର ୩୦ରେ ପ୍ରେରିତ ଏହି ଯାନର ଅବଶିଷ୍ଟ ଦୁଇଟି ଆସନରେ ସୁନୀତା ଏବଂ ୱିଲିମୋର ବସି ଫେରିଆସିବେ। ଆସନ୍ତା ବର୍ଷ ଫେବୃଆରୀରେ ପୃଥିବୀ ପୃଷ୍ଠକୁ ଫେରି ଆସିବା ଆଶା ରଖାଯାଇଛି।

## ଦୀର୍ଘକାଳୀନ ରୋଗ ଆଶଙ୍କା ଦୂର କରେ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବ୍ୟାୟାମ କରିବା ସମୟରେ ଅନେକେ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ହେଲେ ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'କୁ ପ୍ରତିଦିନ ଖାଉଥିବା ଖାଦ୍ୟରେ ସାମିଲ କରିବେ, ତେବେ ଅନେକାଂଶରେ ଏଥିରୁ ରକ୍ଷା ପାଇପାରିବେ। ପରୀକ୍ଷାସ୍ୱରୂପ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେଜଣ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଇଥିଲା। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରାକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।


କ୍ରୁଜ୍ କ୍ଷେପଣାସ୍ତ୍ର

## 'କ୍ରୁଜ୍' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'କ୍ରୁଜ୍' କ୍ଷେପଣାସ୍ତ୍ରର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ଉନ୍ନତ ଏବଂ ଅତ୍ୟାଧୁନିକ ଆଭିଓନିକ୍ସ ସଫ୍ଟୱେର ରହିଛି।

## କ୍ୟାନ୍ସର ପାଇଁ ଟିକା

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚିନ୍ତାର ଅନ୍ୟତମ କାରଣ ସାଜିଛି କ୍ୟାନ୍ସର। ଚଳିତବର୍ଷ ଶେଷାର୍ଦ୍ଧରେ ରୁଷିଆ ଏକ ଟିକା ବିକଶିତ କରିଛି, ଯାହା କ୍ୟାନ୍ସର ରୋଗୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏମ୍‌ଆର୍‌ଏନ୍‌ଏ ନାମକ ଏହି ଟିକା କ୍ୟାନ୍ସର ରୋଗୀଙ୍କୁ ମାଗଣାରେ ବଣ୍ଟାଯିବାର ଯୋଜନା ରହିଛି ବୋଲି ରୁଷିଆ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରେଡିଓ ଜେନେରାଲ ଡାଇରେକ୍ଟର ଆନ୍ଦ୍ରେ କାପ୍ରିନ ପ୍ରକାଶ କରିଛନ୍ତି। ଏହି ଟିକା ଟ୍ୟୁମର ବୃଦ୍ଧିକୁ କେତେକାଂଶରେ ରୋକିବାର କ୍ଷମତା ରଖେ ବୋଲି ଜଣାପଡ଼ିଛି। ଯଦି ଏହି ଟିକା ଠିକ୍ ଭାବରେ କାମ କରେ, ତେବେ କ୍ୟାନ୍ସର ଚିକିତ୍ସାରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ।

## ଇସ୍ରୋର କ୍ଷୁଦ୍ର ସାଟେଲାଇଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) କ୍ଷୁଦ୍ର ସାଟେଲାଇଟ୍ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ 'ଏସ୍‌ଏସ୍‌ଏଲ୍‌ଭି-ଡି୩'କୁ ସଫଳତାର ସହ ଲଞ୍ଚ କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡ୍‌ରୁ ଏହାକୁ ଉତ୍କ୍ଷେପଣ କରାଯାଇଥିଲା। ମୁଖ୍ୟ ପେ-ଲୋଡ୍ ଅଲଗା ହେବାର କିଛି ମିନିଟ୍ ମଧ୍ୟରେ ଉକ୍ତ ସାଟେଲାଇଟ୍ ରକେଟ୍‌ରୁ ଅଲଗା ହୋଇ ନିର୍ଦ୍ଧାରିତ କକ୍ଷରେ ଅବସ୍ଥାପିତ ହୋଇଥିଲା।



## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା

କଲରାରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରିଥାଏ। ଏଭଳି ତଥ୍ୟ ବିଷୟରେ ନିକଟରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କୁ ଏହି ସର୍ଭେ ପରିସରଭୁକ୍ତ କରାଯାଇଥିଲା। ସର୍ଭେ ସମୟରେ ସେମାନଙ୍କୁ ନିୟମିତ କଲରାରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ରକ୍ତ ସଞ୍ଚାଳନ କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା ମଧ୍ୟ କରାଯାଇଥିଲା। କିଛି ମାସ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ସନ୍ତୁଳିତ ସ୍ତରକୁ ଆସିଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ମସ୍ତିଷ୍କ କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅତ୍ୟଧିକ ଜଙ୍କ୍ ଫୁଡ୍

ଆବଶ୍ୟକତାଠାରୁ ଅଧିକ ଜଙ୍କ୍ ଫୁଡ୍ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। 'ଜଙ୍କ୍ ଫୁଡ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ପ୍ରାୟ ପ୍ରତିଦିନ ଏଭଳି ଖାଦ୍ୟ ଖାଉଥିଲେ, ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିବା ପରେ ଏକଥା ଜାଣିପାରିଥିଲେ। ତେଣୁ ଏଭଳି ଅଭ୍ୟାସକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ, ସେ ନେଇ ଚେଷ୍ଟା କରାଯିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଅତ୍ୟଧିକ ମିଠା ଓ ମେଦବହୁଳତା

ଅଧିକ ପରିମାଣରେ ଖାଇଲେ ତାହା ମେଦବହୁଳତାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେଜଣ ବ୍ୟକ୍ତିଙ୍କୁ ସେମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏହାର ପ୍ରଭାବ ସେମାନଙ୍କ ଓଜନ ଉପରେ କିପରି ପଡୁଛି, ତାହାକୁ ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମେଦବହୁଳତା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ପ୍ରଥମ ଦୂରଗାମୀ ହାଇପରସୋନିକ କ୍ଷେପଣାସ୍ତ୍ରର ପରୀକ୍ଷଣ

ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛି। ପ୍ରତିରକ୍ଷା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଦେଶର ପ୍ରଥମ ଦୂରଗାମୀ ହାଇପର୍‌ସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆର୍‌ଡିଓ ଅଧୀନ ଧାମରାସ୍ଥିତ ଡ. ଏପିଜେ ଅବ୍‌ଦୁଲ କଲାମ ଦ୍ୱୀପରୁ ଏହାକୁ ପରୀକ୍ଷା କରାଯାଇଥିଲା। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତୀୟ ସେନାରେ ନିୟୋଜିତ ହେବ ଏବଂ ୧୫୦୦ କିମିରୁ ଅଧିକ ଦୂରତା ପର୍ଯ୍ୟନ୍ତ ଏହା ଯୁଦ୍ଧାସ୍ତ୍ର କ୍ଷେପଣ କରିପାରିବ।

## ରୁମାଟଏଡ୍ ଆର୍ଥ୍ରାଇଟିସ୍‌ରୁ ଉପଶମ ଦିଏ ଯୋଗ

ନିଜକୁ ସୁସ୍ଥ ରଖିବାକୁ ଆଜିକାଲି ଅନେକ ଯୋଗକୁ ଅନ୍ୟତମ ପ୍ରମୁଖ ମାଧ୍ୟମ ଭାବରେ ଆପଣାଉଛନ୍ତି। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ, ରୁମାଟଏଡ୍ ଆର୍ଥ୍ରାଇଟିସ୍ ସମସ୍ୟାରୁ ଯୋଗ କେତେକାଂଶରେ ଉପଶମ ଦେଇଥାଏ। ଉକ୍ତ ବିଶ୍ୱବିଦ୍ୟାଳୟର ରୁମାଟୋଲୋଜି ବିଭାଗ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତି ସାଧାରଣ ଯୋଗ ବ୍ୟତୀତ କିଛି ସମୟ ପ୍ରାଣାୟାମ କଲେ ତାହା ରୁମାଟଏଡ୍ ଆର୍ଥ୍ରାଇଟିସ୍ ସମସ୍ୟାରୁ ଉପଶମ ଦେଇଥାଏ। ଏହି ସମୟରେ ସେମାନେ ଏଭଳି ସମସ୍ୟ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ନିୟମିତ ସେମାନଙ୍କୁ ସାଧାରଣ ଯୋଗ ଏବଂ କିଛି ସମୟ ପ୍ରାଣାୟାମ କରିବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ରୁମାଟଏଡ୍ ଅର୍ଥ୍ରାଇଟିସ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଦେଖିବାକୁ ମିଳିଥିଲା।

## ଆଘ୍ରାଣ ଶକ୍ତି ଓ ହୃଦ୍‌ଜନିତ ସମସ୍ୟା

ଯଦି ଆଘ୍ରାଣ ଶକ୍ତି ଦୁର୍ବଳ ହେଲା ତେବେ ତାହାର ପ୍ରଭାବ ହାର୍ଟ ଉପରେ ପଡ଼ିବାର ଆଶଙ୍କା ରହିଛି। ଏ ବିଷୟରେ ଗବେଷଣା କରିବା ବେଳେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି କଥା ଜାଣିପାରିଥିଲେ। ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଆଘ୍ରାଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା, ସେମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ ହୃଦ୍‌ଜନିତ ଲକ୍ଷଣ ସେମାନେ ଲକ୍ଷ୍ୟ କରିଥିଲେ।




ଅଗ୍ନି-୫


## 'ଅଗ୍ନି-୫'ର ସଫଳ ପରୀକ୍ଷଣ

ଭଦ୍ରକର ଧାମରାସ୍ଥିତ ଅବ୍‌ଦୁଲ କଲାମ ଦ୍ୱୀପରୁ ବହୁ ଦୂରଗାମୀ 'ଅଗ୍ନି-୫'ର ସଫଳ ପରୀକ୍ଷଣ କରାଯାଇଛି। ଏହା ସହ ଭାରତ ଏବେ ଏଲିଟ୍ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର କ୍ଲବ୍‌ରେ ସାମିଲ ହୋଇଛି। ଏହି କ୍ଷେପଣାସ୍ତ୍ର ୧.୫ ଟନ୍ ଓଜନର ଉଭୟ ପାରମ୍ପରିକ ଏବଂ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହାର ଓଜନ ୫୦ ଟନ୍, ଲମ୍ବ ୧୭.୫ ମିଟର ଏବଂ ମୋଟେଇ ୨ ମିଟର।



## ପୃଥିବୀଠାରୁ ପାଞ୍ଚଗୁଣା ବଡ଼ ଗ୍ରହ ଆବିଷ୍କୃତ

ଗୁଜରାଟର ଅହମଦାବାଦ ଠାରେ ଅବସ୍ଥିତ ଫିଜିକାଲ ରିସର୍ଚ୍ଚ ଲାବରେଟୋରି (ପିଆର୍‌ଏଲ୍)ର ବୈଜ୍ଞାନିକମାନେ ସୌରମଣ୍ଡଳ ବାହାରେ ଥିବା ଏକ ବଡ଼ ଗ୍ରହକୁ ଆବିଷ୍କାର କରିଛନ୍ତି। ଏହାର ଆକାର ପୃଥିବୀଠାରୁ ପାଖାପାଖି ୫ ଗୁଣ ଅଧିକ ବୋଲି ସେମାନେ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରହକୁ ସେମାନେ 'ଟିଓଆଇ-୬୬୫୧ବି' ନାମରେ ନାମିତ କରିଛନ୍ତି। ସୂର୍ଯ୍ୟଙ୍କ ଭଳି ଆଉ ଏକ ବଡ଼ ତାରାକୁ ଏହି ଗ୍ରହ ପରିକ୍ରମା କରୁଛି।



ଫଟୋବୁଟ୍ ରୋବୋ

## ରୋବୋ ଫଟୋଗ୍ରାଫର

ଦିନକୁ ଦିନ ରୋବୋର ବ୍ୟବହାର ବଢ଼ିବାରେ ଲାଗିଛି। ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ କରାଯାଇ ସଫଳତା ମିଳୁଛି। ତେବେ ନିକଟରେ ଏଭଳି ଏକ ରୋବୋ ପ୍ରସ୍ତୁତ କରାଯାଇଛି, ଯାହାର ନିଶା ହେଉଛି କେବଳ ଫଟୋଗ୍ରାଫି। ଏହି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ ରୋବୋକୁ 'ଫଟୋବୁଟ୍ ରୋବୋ' ନାମରେ ନାମିତ କରାଯାଇଛି। ଏଥିରେ ଏଭଳି ଉଚ୍ଚ ଶକ୍ତିସମ୍ପନ୍ନ କ୍ୟାମେରା ଖଞ୍ଜାଯାଇଛି, ଯାହା ସାହାଯ୍ୟରେ ରୋବୋ ବେଶ୍ ସୁନ୍ଦର ରିଜୋଲ୍ୟୁଶନ ଥିବା ଫଟୋ ଉଠାଇ ପାରିବ। କିନ୍ତୁ ଯଦି ଆପଣ ନିଜ ମନ ପସନ୍ଦର ଫଟୋ ଉଠାଇବାକୁ ଚାହୁଁଛନ୍ତି, ତେବେ ସେ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ରୋବୋକୁ ଜଣାଇବାକୁ ପଡ଼ିବ। ବାସ୍ ତା'ପରେ ଉକ୍ତ ରୋବୋ ଆପଣଙ୍କ ମନ ମୁତାବକ ଫଟୋ କ୍ଲିକ୍ କରିପାରିବ। ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ଏଥିରୁ ସଫଳତା ମିଳିଛି ବୋଲି ଜଣାପଡ଼ିଛି।

# ନୋବେଲ ପୁରସ୍କାର

## ପଦାର୍ଥ ବିଜ୍ଞାନ


ଜନ୍ ହପ୍‌ଫିଲ୍ଡ


ଜେଫ୍ରି ହିଣ୍ଟନ

ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତାର ବିକଶିତ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିବା ଦୁଇ ଜଣ ପଦାର୍ଥ ବିଜ୍ଞାନୀ- ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟର ଜନ୍ ହପ୍‌ଫିଲ୍ଡ ଏବଂ କାନାଡା ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଜେଫ୍ରି ହିଣ୍ଟନଙ୍କୁ ଚଳିତବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ କମ୍ପ୍ୟୁଟର ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦ କରିପାରୁଛି। ଜଣଙ୍କ ପ୍ରତିବିମ୍ବକୁ ଚିହ୍ନି ପାରୁଛି ଏବଂ ଯଥାସମ୍ଭବ ବାର୍ତ୍ତାଳାପ ମଧ୍ୟ କରିପାରୁଛି। ଏହା ମେଶିନ ଲର୍ନିଂ ଓ କୃତ୍ରିମ ବୁଦ୍ଧିମତ୍ତା ଯୋଗୁ ସମ୍ଭବ ହୋଇପାରିଛି। ଏହିସବୁ ୨୦୦୦ ମସିହା ପରେ କ୍ରମଶଃ ବିକଶିତ ହୋଇଛି, କିନ୍ତୁ ଏହାର ମୂଳଦୁଆ ୧୯୮୦ ଦଶକର ଆରମ୍ଭରେ ପଡ଼ିଥିଲା। ଏହି ପ୍ରକାର ପ୍ରଯୁକ୍ତି ବିଦ୍ୟା ବିପୁଳ ପରିମାଣର ତଥ୍ୟକୁ ଅଲଗା କରିବା ଓ ବିଶ୍ଳେଷଣ କରିବା ସମେତ ଅନେକ ପ୍ରମୁଖ ଗବେଷଣାରେ ବ୍ୟବହୃତ ହୋଇଛି। ହପ୍‌ଫିଲ୍ଡ ଏକ ଆସୋସିଏଟେଡ ମେମୋରି ସୃଷ୍ଟି କରିଛନ୍ତି, ଯାହା ତଥ୍ୟକୁ ସାଇତି ରଖିପାରେ ଏବଂ ପୁନଃ ନିର୍ମାଣ କରିପାରେ। ଏହାକୁ 'ହପ୍‌ଫିଲ୍ଡ ନେଟୱର୍କ' କୁହାଯାଏ। ହିଣ୍ଟନ ଏକ ପଦ୍ଧତି ଉଦ୍ଭାବନ କରିଛନ୍ତି, ଯାହା ସ୍ୱୟଂକ୍ରିୟ ଭାବରେ ତଥ୍ୟର ପ୍ରକୃତିକୁ ଆବିଷ୍କାର କରିପାରିବା ସହିତ ଚିତ୍ରରେ ନିର୍ଦ୍ଦିଷ୍ଟ ଉପାଦାନଗୁଡ଼ିକୁ ଚିହ୍ନଟ କରିପାରିବ। ହପ୍‌ଫିଲ୍ଡ ନେଟୱର୍କ ବ୍ୟବହାର କରି ହିଣ୍ଟନ ଏକ ଅଲଗା ପଦ୍ଧତିରେ ନୂଆ ନେଟୱର୍କ ସ୍ଥାପନ କଲେ, ଯାହାକୁ 'ବୋଲଜମାନ ମେଶିନ୍' କୁହାଯାଏ। ଏହି ଦୁଇ ବୈଜ୍ଞାନିକ ମୋଟ ପୁରସ୍କାର ରାଶି ୧୧ ନିୟୁତ ସୁଇଡେନ୍ ମୁଦ୍ରା (୧.୫ ନିୟୁତ ଆମେରିକୀୟ ଡଲାର)କୁ ସମାନ ଭାବରେ ପାଇଛନ୍ତି।

## ଚିକିତ୍ସା ବିଜ୍ଞାନ


ଭିକ୍ଟର ଆମ୍ବ୍ରୋସ


ଗ୍ୟାରି ରୁଭକୁନ୍

ମାଇକ୍ରୋଆର୍‌ଏନ୍‌ଏସ୍ ଜିନ୍‌ର ଆବିଷ୍କାର ପାଇଁ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଭିକ୍ଟର ଆମ୍ବ୍ରୋସ ଏବଂ ଗ୍ୟାରି ରୁଭକୁନ୍‌ଙ୍କୁ ଚଳିତ ବର୍ଷର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ୭୧ ବର୍ଷ ବୟସ୍କ ଆମ୍ବ୍ରୋସ ସମ୍ପ୍ରତି ଆମେରିକାର ୟୁନିଭର୍ସିଟି ଅଫ୍ ମାସାଚୁସେଟ୍‌ସ ମେଡିକାଲ ସ୍କୁଲର ପ୍ରାକୃତିକ ବିଜ୍ଞାନ ବିଭାଗରେ ସିଲଭରମ୍ୟାନ୍ ପ୍ରଫେସର ରୂପେ ଅଧିଷ୍ଠିତ। ଅନ୍ୟପକ୍ଷରେ ୭୨ ବର୍ଷ ବୟସ୍କ ରୁଭକୁନ୍ ମାସାଚୁସେଟ୍‌ସ ଜେନେରାଲ ହସ୍ପିଟାଲ ଆଣ୍ଡ ହାର୍ଭାର୍ଡ ମେଡିକାଲ ସ୍କୁଲରେ ପ୍ରଫେସର ଅଫ୍ ଜେନେଟିକ୍ସ ଭାବେ କାର୍ଯ୍ୟରତ। ଏହି ବିଜ୍ଞାନୀଦ୍ୱୟ ଆବିଷ୍କାର କରିଛନ୍ତି ମାଇକ୍ରୋଆର୍‌ଏନ୍‌ଏସ୍। ମାଇକ୍ରୋଆର୍‌ଏନ୍‌ଏସ୍ ଜିନ୍‌କୁ ନିର୍ଭୁଲ ଭାବରେ ନକଲ କରିବା ଏବଂ ନିୟନ୍ତ୍ରଣ କରିବାରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ-ଏ ବିଷୟରେ ସବିଶେଷ ଆଲୋକପାତ କରିବାରେ ଏମାନେ ସଫଳ ହୋଇଛନ୍ତି। ଜୀବମାନେ କିପରି ବିକାଶ ଲାଭ କରନ୍ତି, କିପରି କ୍ରିୟା କରନ୍ତି ଏବଂ ସେହି କ୍ରିୟା କିପରି ବେଳେବେଳେ ଭୁଲ୍ ହୋଇଯାଏ, ଏ ସଂକ୍ରାନ୍ତରେ ଏମାନଙ୍କର ରହିଛି ମୌଳିକ ଅବଦାନ। ଆମ ମଣିଷମାନଙ୍କ ସମେତ ସମସ୍ତ ବହୁକୋଷୀ ପ୍ରାଣୀଙ୍କ କ୍ଷେତ୍ରରେ ଉଭୟ ବିଜ୍ଞାନୀଙ୍କର ଆବିଷ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ମୁଦ୍ରା ଅନୁସାରେ ମୋଟ ୮.୯କୋଟି ଟଙ୍କା ଉଭୟଙ୍କୁ ସମାନ ପରିମାଣରେ ପ୍ରଦାନ କରାଯାଇଛି।

## ରସାୟନ ବିଜ୍ଞାନ


ଡାଭିଡ୍ ବେକର୍


ଡେମିସ୍ ହାସାବିସ୍


ଜନ୍ ଜୁମ୍ପର

ପ୍ରୋଟିନ୍ ବିକାଶ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଲାଗି ଇଂଲଣ୍ଡର ଗୁଗଲ୍ ଡିପ୍ ମାଇଣ୍ଡର ଡେମିସ୍ ହାସାବିସ୍ ଓ ଜନ୍ ଜୁମ୍ପର ଏବଂ ୱାଂଶିଟନ୍ ବିଶ୍ୱବିଦ୍ୟାଳୟର ଡାଭିଡ୍ ବେକର୍‌ଙ୍କୁ ଚଳିତ ବର୍ଷ ରସାୟନ ବିଜ୍ଞାନ ଲାଗି ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରୋଟିନ୍‌ଗୁଡ଼ିକ ହେଲେ ବିଶାଳ ଏବଂ ଜଟିଳ ଅଣୁ, ଯାହାକି ପ୍ରାୟ ସମସ୍ତ ଜୈବିକ କ୍ରିୟା ପ୍ରକ୍ରିୟା ଲାଗି ଅତ୍ୟାବଶ୍ୟକ। ଏହା ହର୍‌ମୋନ୍, ଏଞ୍ଜାଇମ୍, ପ୍ରତିପିଣ୍ଡ, ଶରୀରର ବିଭିନ୍ନ ତନ୍ତୁ ଗଠନକାରୀ ଉପାଦାନ ଆଦି ରୂପେ କାର୍ଯ୍ୟକରି ସାମଗ୍ରିକ ଭାବେ ଜୀବନର ମୂଳଭିତ୍ତି ହୋଇଥିବା ରାସାୟନିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ ଓ ପରିଚାଳନା କରନ୍ତି। ମାତ୍ର ୨୦ଟି ଆମିନୋ ଅମ୍ଳରୁ ଗଠିତ ହଜାର ହଜାର ସଂଖ୍ୟକ ପ୍ରୋଟିନ୍ କ୍ରିୟାକଳାପ ସେଗୁଡ଼ିକର ସଂରଚନା ଉପରେ ନିର୍ଭର କରେ। ଏହି ବୈଜ୍ଞାନିକଦ୍ୱୟ ତାଙ୍କ ଗବେଷଣା ମାଧ୍ୟମରେ କୃତ୍ରିମ ମେଧା ସମେତ ଅନ୍ୟାନ୍ୟ ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରି ପ୍ରୋଟିନ୍ ସମ୍ପର୍କିତ କେତେକ ନୂଆ ତଥ୍ୟ ଉଦ୍ଭାବନ କରିଛନ୍ତି। ଏହାଫଳରେ ପ୍ରୋଟିନ୍ ଗବେଷଣାରେ ସୃଷ୍ଟି ହୋଇଛି ଏକ ନୂତନ ଦିଗନ୍ତ।

## ଟାଇପ୍-୨ ଡାଇବେଟିସ୍ ଆଶଙ୍କା ବୃଦ୍ଧି କରେ ଅସନ୍ତୁଳିତ ୟୁରିକ୍ ଏସିଡ୍

ଆମ ଶରୀରରେ ୟୁରିକ୍ ଏସିଡ୍ ପରିମାଣ ସବୁବେଳେ ଅସନ୍ତୁଳିତ ରହିଲେ ତାହା ଟାଇପ-୨ ଡାଇବେଟିସ୍ ଆଶଙ୍କାକୁ ଆହୁରି ବୃଦ୍ଧି କରିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାଦ୍ୱାରା କିଡ୍‌ନୀର କାର୍ଯ୍ୟ ପ୍ରଭାବିତ ହୋଇଥାଏ। ଏହା ଯଦି ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ କିଡ୍‌ନୀ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। କେବଳ ସେତିକି ନୁହେଁ, ଆଣ୍ଠୁଗଣ୍ଠିଜନିତ ସମସ୍ୟା ସୃଷ୍ଟି କରିବାରେ ଏହା ସାହାଯ୍ୟ କରେ। ତେଣୁ ଶରୀରରେ ଏହି ତତ୍ତ୍ୱ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦେବା ନିହାତି ଦରକାର। ଖାଦ୍ୟ ତାଲିକାରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ଫ୍ୟାଟ୍‌ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ବର୍ଜନ କରନ୍ତୁ। ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ।

## ସଂକ୍ଷେପରେ

### ଛତ୍ରପୁରର ଶ୍ୱେତାଶ୍ରୀଙ୍କୁ ସ୍ୱର୍ଣ୍ଣପଦକ



ଛତ୍ରପୁର,୨୨।୧୨(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଭୁବନେଶ୍ୱର ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପଞ୍ଚମ ସମାବର୍ତ୍ତନ ଉତ୍ସବରେ ବିଟେକ କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗରେ ଛତ୍ରପୁରର ଶ୍ୱେତାଶ୍ରୀ ଶତପଥୀ ଶ୍ରେଷ୍ଠ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଓ ପଦ୍ମଭୂଷଣ ତଥା ଭାରତ ବର୍ଷର ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଂଗଠନ ବିଭାଗର ବୈଜ୍ଞାନିକ ଡଃ. ଶିବତନୁ ପିଲାଇ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକରେ ପୁରସ୍କୃତ କରି ସମ୍ମାନିତ କରିଛନ୍ତି। ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ସଞ୍ଜିବ କୁମାର ରାଉତ, ଉପସଭାପତି ଶୈଳାଜା ରାଉତ, ଅନୁଷ୍ଠାନର କୁଳପତି ପ୍ରଫେସର ଡ. ଗୁଡା ଶ୍ରୀଦେବୀ, ପ୍ରଶାସନିକ ଅଧିକାରୀ ଡ. ବନିତା ପଣ୍ଡା, ପ୍ରଫେସର ଡ. ବଂଶୀଧର ମାଝୀ, ଉପଦେଷ୍ଟା ଶରତ ଚନ୍ଦ୍ର ଭଦ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶ୍ୱେତାଶ୍ରୀ ଛତ୍ରପୁର କାରମେଲ କନଭେଣ୍ଟ ସେକେଣ୍ଡାରୀ ବିଦ୍ୟାଳୟର ଛାତ୍ରୀ ତଥା ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଦୁର୍ଗାପ୍ରସାଦ ଶତପଥୀ ଏବଂ ରଶ୍ମିତା ଶତପଥୀଙ୍କ ଝିଅ ।

### ଘର ତାଲାଖୋଲି ଚୋରି

ହିଞ୍ଜିଳିକାଟୁ,୨୨।୧୨( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ମଠପଦର ସାହିରେ ଜଣଙ୍କ ଘରର ତାଲାଖୋଲି ଦୁର୍ବୃତ୍ତ ଭିତରେ ଥିବା ଆଲମାରୀରୁ ସୁନା ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ମଠପଦର ସାହିର ସୁଷମା ପଣ୍ଡା ଘର ତାଲା ପକାଇ ଚାବିକୁ ଘର ସାମନାରେ ଏକ ସ୍ଥାନରେ ରଖି ମୂଲ ମଜୁରୀ କାମ ପାଇଁ ଯାଇଥିଲେ। କାମରୁ ଫେରିବା ପରେ ଘରୁ କେହି ପ୍ରାୟ ତିନି ତୋଳା ଓଜନର ସୁନା ନାନୁ ମାଳି, କାନ ଫୁଲ, ମୁଦି ଓ ଅନ୍ୟାନ୍ୟ ଜିନିଷ ନେଇଯାଇଥିବା ଜାଣି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୧୦୩୬/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବାଲିବାଘ ଦଣ୍ଡଅଧିକାରୀଙ୍କ ପରଲୋକ

ବେଲଗୁଣ୍ଠା,୨୨।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ନେଟଙ୍ଗା ପଞ୍ଚାୟତ ଅନ୍ତର୍ଗତ ବାଲିବାଘର ଦଣ୍ଡ ଅଧିକାରୀ ତଥା ବରିଷ୍ଠ ବିଜେଡି ନେତା ତ୍ରିନାଥ ଗୌଡ (୮୮)ଙ୍କ ରବିବାର ପରଲୋକ ଘଟିଛି। ସେ ବାଲିବାଘ ଦଣ୍ଡ କମିଟି ମୁଖ୍ୟ ପରିଚାଳନା ଅଧିକାରୀ, ଗ୍ରାମ ସଭାପତି, ବିଦ୍ୟାଳୟ ସଭାପତି, ଗୌଡ଼ ସମାଜର ପରିଚାଳନା ସଭ୍ୟ ଭଳି ଅଞ୍ଚଳର ବହୁ ଗୁରୁ ଦାୟିତ୍ୱ ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ରାଜନେତା ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଗଞ୍ଜାମରେ ଜଳସେଚନ ସୁବିଧା ପାଇଁ ବୌଦ୍ଧ, ଦଶପଲ୍ଲାରେ ପ୍ରକଳ୍ପ

ଭଞ୍ଜନଗର,୨୨।୧୨(ବାବୁଲା ପ୍ରଧାନ)

- ପ୍ରାୟ ୮ ହଜାର କୋଟି ଟଙ୍କା ବ୍ୟୟ ଯୋଜନା
- ପାଣି ପଞ୍ଚାୟତରେ ସର୍ବାଧିକ ଦୁର୍ନୀତି ବିଜେଡି ଶାସନରେ ହେଉଥିଲା

ଭଞ୍ଜନଗର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ରବିବାର ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୨ଟି ବ୍ଲକର ପାଣି ପଞ୍ଚାୟତ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ ଯେ, ପାଣି ପଞ୍ଚାୟତ ଯେଉଁ ଲକ୍ଷ୍ୟ ନେଇ ହୋଇଛି ତାହା କାର୍ଯ୍ୟକାରୀ ହେଉନାହିଁ। ବିଜେଡି ସରକାର ସମୟରେ ପାଣି ପଞ୍ଚାୟତରେ ସର୍ବାଧିକ ଦୁର୍ନୀତି ହେଉଥିଲା। ଏଣିକି ଆଉ ତାହା କରିବାକୁ ଦିଆଯିବ ନାହିଁ। ମିଳିମିଶି କୃଷକଙ୍କ ଉନ୍ନତୀ କରାଯିବ। ଯୋଗ୍ୟ ଚାଷୀ ସରକାରୀ ଯୋଜନାର ସୁବିଧା ପାଇବେ। ଏଥିରେ ଯଦି କୌଣସି ଅଧିକାରୀ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଗଞ୍ଜାମ ଜିଲାରେ ଜଳସେଚନ ସୁବିଧା ପାଇଁ ଆଗାମୀ ଦିନରେ ବୈଦ୍ଧ ଏବଂ



ଉପସ୍ଥିତ ଅତିଥି ।

ଦଶପଲ୍ଲାରୁ କେନାଲ ମାଧ୍ୟମରେ ପାଣି ଆଣିବା ଯୋଜନା ଅଛି। ଏ ବାବଦରେ ପ୍ରାୟ ୮ ହଜାର କୋଟି ଟଙ୍କା ବ୍ୟୟ ଯୋଜନା ଅଛି। ବୈଦ୍ଧ ବ୍ୟାରେଜ ନିର୍ମାଣ ହେବ। ଏ ବାବଦରେ ୨୫୦୦ କୋଟି ବ୍ୟୟ ହେବ। ତାହାର ସର୍ଭେ ଚାଲିଛି। ସେହପରି ଦଶପଲ୍ଲା ନିକଟସ୍ଥ ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ହେବ। ଏ ବାବଦରେ ମଧ ୫ ହଜାର କୋଟି ଟଙ୍କା ବ୍ୟୟ ଲକ୍ଷ୍ୟ ରଖାଯାଇଛି। ଉଭୟ ପ୍ରକଳ୍ପ ହେବାପରେ କେନାଲ ମାଧମରେ ପାଣି ଆଣି ବଡନଦୀରେ ଛଡ଼ାଯିବ। ଏହାଦ୍ୱାରା ଭଞ୍ଜନଗର ସମେତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳକୁ ଜଳସେଚନ ସୁବିଧା ହେବ। ଅଦିନିଆ ବର୍ଷାରେ ଜିଲାରେ ବ୍ୟାପକ ଫସଲ କ୍ଷତି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାର ବିଧାୟକମାନଙ୍କ ଅନୁରୋଧ ରକ୍ଷା କରି ତୁରନ୍ତ କ୍ଷୟକ୍ଷତି ଆକଳନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗତ ସରକାରରେ କାଗଜ କଲମରେ କୃଷକଙ୍କ ଉନ୍ନତୀ ହେଉଥିଲା ବୋଲି କହିଥିଲେ। କୃଷକ ମାନେ ଦୁଇମାସ ବଦଳରେ ୬ ମାସ ଚାଷ କରିବାକୁ ହେବ। ତାହା ହେଲେ ଯାଇ କୃଷକଙ୍କ ଉନ୍ନତୀ ସହ ରାଜ୍ୟର ବିକାଶ ହୋଇପାରିବ। ଏଥିପାଇଁ ଯାହା ସହାୟତା ଲୋଡ଼ା ସରକାର ଯୋଗାଇ ଦେବେ ବୋଲି ନୀଳମଣି କହିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ ସଭାରେ ଅଧକ୍ଷତା କରିଥିଲେ। ଉହ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା, ଭଞ୍ଜନଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର, ପାଣି ପଞ୍ଚାୟତର ପୂର୍ବତନ ସଭାପତି ଗଙ୍ଗାଧର ନାୟକ, ବୈଜ୍ଞାନିକ ଅନିତା ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ଯନ୍ତ୍ରୀ ବିଶ୍ୱ ମୋହନ ବେହେରା ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିସହ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲା ହୋଇଥିଲା।

# ପାଣିରେ ବୁଡ଼ିଥିବା ପାଚିଲା ଧାନ ଦେଖିଲେ ବିଧାୟକ



ବିଧାୟକ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖୁଛନ୍ତି।

ଛତ୍ରପୁର,୨୨।୧୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଅଦିନିଆ ବର୍ଷା ଉଜାଡ଼ି ଦେଇଛି ଚାଷୀର ବର୍ଷକର ଦାନାପାଣି। ଗଞ୍ଜାମ ଜିଲାର ସମସ୍ତ ଅଞ୍ଚଳ ସହ ଛତ୍ରପୁର ବ୍ଲକ ଅଞ୍ଚଳର ସବୁଠି କ୍ଷେତ ମଝିରେ ଅମଳ ଧାନ ଗଜା ହେବା ପ୍ରାୟ ସୁନିଶ୍ଚିତ। ଛତ୍ରପୁର ବ୍ଲକର ବଡମାଧପୁର, ଗୋବା, ବରଙ୍ଗ, ପୋଟଲାମପୁର, ବଉଳଗାଁ, ମହାନାଦପୁର, ବିପୁଲିଙ୍ଗି, ଭିକାରୀପଲ୍ଲି, ଅଗସ୍ତି ନୂଆଗାଁ, ପୋଡାପଦର ଆଦି ଅଞ୍ଚଳରେ ବିଶେଷ ପ୍ରଭାବିତ ହୋଇଛନ୍ତି ଚାଷୀ। ଏଠାକାର ଅଞ୍ଚଳରେ ଅଧିକାଂଶ ଲୋକ କଞ୍ଚାଲଙ୍କା, ଚିନାବାଦାମ ଆଦି ଚାଷ କରନ୍ତି।

### କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ

ଯାହାକି ଅଦିନିଆ ବର୍ଷାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରବିବାର ଛତ୍ରପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁକୁ ବୁଲି ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏହାର ସମୀକ୍ଷା କରିଛନ୍ତି। କ୍ଷୟକ୍ଷତିର ଆକଳନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାଂଶ ଚାଷୀଙ୍କ ଚାଷ ଜମିରେ ପାଣି ଜମି ପାଚିଲା ଧାନ ନଷ୍ଟ ହୋଇଯାଇଛି। ତେଣୁ ଧାନ କିଣାରେ ଏଫଏକ୍ୟୁ ମାନର କୋହଳ ପାଇଁ ଚାଷୀ କୁଳ ଦାବି କରିଛନ୍ତି।

# ଏସ୍‌ବିଆଇ ତରଫରୁ ଅନ୍ନଦାତା ମହୋତ୍ସବ

ତୁମୁଡିବନ୍ଧ,୨୨।୧୨(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଶନିବାର ତୁମୁଡ଼ିବନ୍ଧ ବ୍ଲକ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ରୁଷି ନାଥ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଉପ ଶାଖା ପରିଚାଳକ ରୁଦ୍ର ପ୍ରଶନ୍ନ ରଥ କହିଛନ୍ତି, ଏହି ଅନ୍ନଦାତା ମହୋତ୍ସବ ପ୍ରତିବର୍ଷ ଡିସେମ୍ବର ୧୬ ତାରିଖଠାରୁ ୨୩ ତାରିଖ ଏକ ସପ୍ତାହ ଧରି ପାଳନ କରାଯାଏ। ଏହା ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚୌଧୁରୀ ଚରଣ ସିଂଙ୍କ ଜନ୍ମଦିନକୁ କୃଷକ ଦିବସ ରୂପେ ପାଳନ କରାଯାଏ। କାରଣ ଚୌଧୁରୀ ଚରଣ ସିଂ ଜଣେ କୃଷକ ପରିବାରରୁ ଜନ୍ମ ହୋଇଥିଲେ। ଏକ ସମୃଦ୍ଧ ରାଷ୍ଟ୍ର ସମୃଦ୍ଧ କୃଷକଠାରୁ ହିଁ ଆରମ୍ଭ ହୋଇଥାଏ। କୃଷକମାନଙ୍କୁ ଏକତ୍ରିତ କରି ଉତ୍ତମ ମୂଲ୍ୟ ଗୁଣାତ୍ମକ ସାମଗ୍ରୀ ଏବଂ ଜ୍ଞାନ କୌଶଳ ହାସଲ କରିବାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରିବାରେ ଏକ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଏବଂ ସର୍ବଦା କୃଷକ ସମୁଦାୟର ଏକ ଦୃଢ଼ ସହଯୋଗୀ ଅଟେ। ଏହି ଅବସରରେ ବ୍ଲକ ଅଧକ୍ଷା ମାଝି କୃଷକମାନେ ଦେଶର ମେରୁଦଣ୍ଡ, ସେମାନଙ୍କ ଉନ୍ନତି ହିଁ ଦେଶର ଉନ୍ନତି ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ତୁମୁଡ଼ିବନ୍ଧ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଅକ୍ଷୟ କୁମାର ପ୍ରଧାନ, ସମସ୍ତ ଏମ୍‌ବିକେ, ସିଆର୍‌ପିସିଏମ୍, କୃଷି ମିତ୍ର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଏବଂ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କୃଷକ ଯୋଗଦେଇଥିଲେ।

# କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଲେ ମନ୍ତ୍ରୀ ବିଭୂତି



କ୍ଷତିଗ୍ରସ୍ତ ଧାନ ଚାଷ ଜମି ଦେଖୁଛନ୍ତି ମନ୍ତ୍ରୀ।

ଗୋପାଳପୁର,୨୨।୧୨(ନବୀନ ରାଜ ଆଚାରୀ)

ଅଦିନିଆ ବର୍ଷାରେ ଗଞ୍ଜାମ ଜିଲାରେ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ରବିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗସ୍ତ କରି କ୍ଷତିଗ୍ରସ୍ତ ଧାନଜମି ବୁଲି ଦେଖିଛନ୍ତି। ପୂର୍ବାହ୍ନରେ ଗୋଳନ୍ଥରା କୁଠାରସିଂ ପଞ୍ଚାୟତରେ ପଡ଼ି ରହିଥିବା କଟାଧାନ ଦେଖି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଏଫଏକ୍ୟୁର ମାନ କୋହଳ କରିବାକୁ ଚାଷୀମାନେ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଚାଷୀ ଠିକ୍ ପ୍ରାପ୍ୟ ପାଇପାରିବେ ବୋଲି କହିଥିଲେ। ଅନ୍ୟପଟେ ମନ୍ତ୍ରୀ ରାଜସ୍ୱ ଓ କୃଷି ବିଭାଗକୁ ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଟାଳଟୁଳ ନୀତି ଅବଲମ୍ବନ ନ କରିବାକୁ ମଧ କହିଥିଲେ। ସେଠାରୁ ମନ୍ତ୍ରୀଡ଼ି, ଶାସନପଦର, ମେଣ୍ଢରାଜପୁର, କୋଳଥିଗାଁ, ପଦ୍ମପୁର, ଚାନ୍ଦପୁର, ଫୁଲଟା, ବୁରୁକୁଦି, ଗଉଞ୍ଜୁ, କମଳାପୁର, ଡୁରା ଓ ଅନ୍ୟ ପଞ୍ଚାୟତରେ କ୍ଷତି ହୋଇଥିବା ଚାଷ ଜମି ବୁଲି ଦେଖିବା ସହ ଚାଷ ଓ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକର ୮୯୦୦ ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ସେଥିରୁ ୫୦ ପ୍ରତିଶତ କଟା ହୋଇଛି। କିଛି ଧାନକୁ ଖଳାକୁ ଅଣାଟାଇଥିବା ବେଳେ ଆଉ କିଛି ଧାନ ଜମିରେ ପଡ଼ି ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ କନିଷ୍ଠ ତହସିଲଦାର କବିରାଜ ପ୍ରଧାନ, ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ଜେନା, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର, କୁଠାରସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡ଼ି, ସନ୍ତୋଷ ବିଷୋଇ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଧାୟକ, ଉପଜିଲାପାଳ, ତହସିଲଦାର କଲେ କ୍ଷତି ଆକଳନ

ପୁରୁଷୋତ୍ତମପୁର/ ଗଞ୍ଜାମ, ୨୨।୧୨
(ସିମାଞ୍ଚଳ ମିଶ୍ର/ବିଦ୍ୟାଧର ସାହୁ)

ପୁରୁଷୋତ୍ତମପୁର ଅଞ୍ଚଳରେ ଭଲ ଧାନ ଫସଲ ହୋଇଥିଲା। ଯାହାକି ବର୍ଷାରେ ଭଜୁଡି ଯାଇଛି। ଅମଳ ସମୟରେ ବର୍ଷା ହେବା ଯୋଗୁ ଚାଷୀମାନେ ଧାନ କାଟି ଜମିରେ ରଖିଥିବା ବେଳେ ତାହା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ଧାନର ମାନ କମିଯିବା ନେଇ ଆଶଙ୍କା ଦେଖାଦେଇଛି। ସରକାର କେବଳ ଏଫଏକ୍ୟୁ ମାନର ଧାନ କିଣୁଥିବା ବେଳେ ଓଦା ହୋଇଥିବା ଧାନକୁ ମଧ ସରକାର କିଣନ୍ତୁ ବୋଲି ଚାଷୀମାନେ ଦାବି କରିବା ସହ କ୍ଷତିପୂରଣ ପ୍ରଦାନ ଲାଗ ଦାବି କରିଛନ୍ତି। ପୁରୁଷୋତ୍ତମପୁରରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ ନେଇ ରବିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ଛତ୍ରପୁର ଉପ ଜିଲାପାଳ ଦେବଦତ୍ତ ମହନ୍ତ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷ ଜମିକୁ ଯାଇ ସମୀକ୍ଷା କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସାନ୍ତ୍ୱନା ଦେଇଛନ୍ତି।

ସେହିପରି ଗଞ୍ଜାମ ବ୍ଲକ ଅଞ୍ଚଳରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଛନ୍ତି। ବର୍ଷା ଯୋଗୁ ଅଧିକାଂଶ ଜମିରେ ପାଚିଲା ଧାନ ପାଣିରେ ବୁଡ଼ି ରହିଥିବା ବେଳେ ନଷ୍ଟ ମଧ ହୋଇଯାଇଥିବା ତହସିଲଦାର ଜାଣିବାକୁ ପାଇଛନ୍ତି।

# ଶିକ୍ଷାନୁଷ୍ଠାନ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୁଗୁଡ଼ା,୨୨।୧୨(କାଳିଚରଣ ଦାଶ)

ସ୍ଥାନୀୟ ନିଉ ଏରା ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଉପାଧକ୍ଷ ଅନିରୁଦ୍ଧ ଗୌଡ଼ ଅଧକ୍ଷତା କରିଥିବା ବେଳେ ବୁଗୁଡ଼ା ମିଡ଼ିଆ କ୍ଲବ୍ ସଭାପତି ଅନିଲ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କ୍ରୀଡ଼ା ପ୍ରମୁଖ ବୈଷ୍ଣବ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକୁ ସିମାଞ୍ଚଳ ଦାଶ, ରୁଦ୍ର ପ୍ରତାପ ପ୍ରଧାନ, ନାରାୟଣ ସେଠୀ, ସୁଦିପ୍ତା କୁମାରୀ ମିଶ୍ର, ନମିତା ପଟ୍ଟନାୟକ, ସୋନମ୍ ଦାଶ, କବିତା ସେଠୀ, ରୋଜାଲିନ ସ୍ୱାଇଁ, ଅଦିତି ପୋଲାଇ, ରମାଦେବୀ ତ୍ରିପାଠୀ, ଶିଳ୍ପା ମହାନ୍ତି, ଶୁଭଶ୍ରୀ ଜେନା, ଶିବାନୀ ସେଠୀ,, ମିନତୀ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

# ଅବସର ପରେ ବି ସରିନାହିଁ ଶିକ୍ଷାଦାନ ନିଶା



ଜି.ଉଦୟଗିରି, ୨୨।୧୨ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ କଳିଙ୍ଗା ସ୍ଥିତ ସିଟି ସ୍କୁଲରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବଳରାମ ସାର୍‌ଙ୍କ ୫ ଦିନିଆ ବିଜ୍ଞାନ ଶିକ୍ଷା ସମ୍ବନ୍ଧିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳା ସ୍କୁଲ ଅଧକ୍ଷ ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ପଢୁଥିବା ପ୍ରାୟ ୮୦ ଜଣ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ବିଷୟକୁ ଭୟ ନ କରି ଆଗ୍ରହର ସହ ଯେପରି ବୁଝିପାରିବେ ସେ ନେଇ ବିସ୍ତୃତ ଭାବେ ବିଭିନ୍ନ ପରୀକ୍ଷଣ ସହ ଶିକ୍ଷାଦାନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଆଗ୍ରହର ସହ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ବଳରାମ ସାର୍‌ଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ନିଜ ଶିକ୍ଷା ବୃତ୍ତିରୁ ଅବସର ନେବା ପରେ ମଧ ବିଦ୍ୟା ଓ ବିଦ୍ୟାର୍ଥୀ ମାନଙ୍କ ସହ ପୂର୍ବରୁ ଥିବା ନିବିଡ଼ ସମ୍ପର୍କକୁ ଆଜି ବି ଭୁଲି ପାରୁନଥିବା ଏହି ଅବସରପ୍ରାପ୍ତ ଶିକ୍ଷକ ସମାଜରେ ବହୁ ବିରଳ ବୋଲି କହିଛନ୍ତି ସିଟି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ। ଶିକ୍ଷକତା ପେଶାରୁ ଅବସର ନେଇଥିଲେ ମଧ ଶିକ୍ଷାଦାନ ନିଶାରୁ ବିରତ ରହି ପାରୁନଥିବା ଏହି ଶିକ୍ଷକ ବିରଳ। ସମାଜରେ ଶିକ୍ଷକତା ବୃତ୍ତିରେ ଥିବା ସମସ୍ତ ଶିକ୍ଷକଙ୍କ ପାଇଁ ବଳରାମ ସାର୍ ହୋଇଛନ୍ତି ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରିଛନ୍ତି।

# ଧାନ ଫସଲ ନଷ୍ଟ, ଋଣ ଛାଡ଼ ଦାବି

ଶେରଗଡ଼,୨୨।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଲଘୁଚାପ ଜନିତ ବର୍ଷାରେ ଶେରଗଡ଼ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏକର ଏକର ଧାନ ଫସଲ ନଷ୍ଟ ହେବା ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ବ୍ଲକର ୮୦୦୦ ହେକ୍ଟର ଜମିରେ ହୋଇଥିବା ଧାନ ଫସଲ ରୁ ୩୦୦୦ ହେକ୍ଟର ଜମିର ଧାନ ଫସଲ ପାଣିରେ ବୁଡ଼ି ରହିଛି। ଏନେଇ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରାଯାଇଛି। ଡେଙ୍ଗାପଦର ମୌଜାର ସମସ୍ତ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଋଣ ଛାଡ଼ କରିବାକୁ ସାଧାରଣରେ ଦାବି ହୋଇଛି।

# କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ–ବିଗ୍ରହ

- ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ
- ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗଇନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟି ମୁକୁଟକୁ ମିଶାଇ ୪୬ଟି ହେବ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ



ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ।
(ସୌଜନ୍ୟ – ଡ. କୁମାର ଆରଜ୍ୟୋତି)

ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଙ୍ଗୁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା ?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।

# ଖବରଦାତାଙ୍କ ପେନ୍‌ସନ ବ୍ୟବସ୍ଥା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରିବି: ଧର୍ମେନ୍ଦ୍ର



ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

ଓଡ଼ିଶାରେ ଖବରଦାତା ବନ୍ଧୁମାନେ ଖବର ପ୍ରକାଶଣ ସହ ବିଭିନ୍ନ କାର୍ଯ୍ୟରେ ଗୁରୁଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡ଼ିଶାର ଅଧିକାରରେ ଖବରଦାତା ବନ୍ଧୁମାନଙ୍କ ମଧ୍ୟ ଦାୟିତ୍ୱ ରହିଛି। ଏହି ବନ୍ଧୁମାନଙ୍କ ସୁରକ୍ଷା, ଅଧିକାର ଓ ସୁବିଧା ପାଇଁ ଖବରଦାତା ସୁରକ୍ଷା ଅଧିନିୟମ ଆଣିବା ସହ ସେମାନଙ୍କୁ ବିଧିବଦ୍ଧ ଭାବେ ମାନ୍ୟତା ପ୍ରଦାନ କରିବା ତଥା ପେନ୍‌ସନ ବ୍ୟବସ୍ଥା କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଖବରଦାତାଙ୍କ ସ୍ୱାର୍ଥ, ସୁରକ୍ଷା ଓ ସଂଗଠନକୁ ସୁଦୃଢ଼ କରିବା ଦେଇ ଆସୁଥିବା ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟ ପ୍ରଶଂସନୀୟ। ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି। ତେବେ ସମ୍ବିଧାନ ପ୍ରଣୟନ ହେବା ପରେ ଦେଶରେ ପ୍ରଥମ କରି ଯେଉଁ ନିର୍ବାଚନ ହୋଇଥିଲା, ତାହା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ସମ୍ବିଧାନର ସଂଶୋଧନ କରାଇଥିଲେ, ଖବରଦାତାମାନେ ଏହାର ବଡ଼ ଶିକାର ହୋଇଥିଲେ। ସମାଲୋଚନାରୁ ବଞ୍ଚିବା ପାଇଁ ବାକ୍ ସ୍ୱାଧୀନତାକୁ ସଂଶୋଧନ କରାଗଲା। ଆମ ଦେଶ ହେଉଛି ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ଗଣତନ୍ତ୍ରର କିଛି ସର୍ତ୍ତ ଅଛି। ସର୍ତ୍ତ ହେଉଛି ୫ ବର୍ଷରେ ଥରେ ଜନପ୍ରତିନିଧିଙ୍କ ପାଇଁ ପରୀକ୍ଷା ସୁସ୍ଥ ନିର୍ବାଚନ ହେବ। ସମସ୍ତ ଜନପ୍ରତିନିଧି ଗଣତନ୍ତ୍ରର ପୂଜାରୀ। ଅନେକ କଳ୍ପନା ଓ ଯୋଜନାକୁ ନେଇ ସେମାନେ ସମାଜ ପାଖକୁ ଯାଆନ୍ତି। ସେବେ ତାହା ଠିକ୍ ନା ଭୁଲ ତାହାକୁ ଦେଖାଇବା ଖବରଦାତାମାନଙ୍କ ଦାୟିତ୍ୱ। ଜନପ୍ରତିନିଧିଙ୍କ କଥାର ନିର୍ଣ୍ଣୟ ସମାଜ କରିବେ। ମାତ୍ର ବର୍ତ୍ତମାନ ଦଳେ ଲୋକ ସତ୍ୟକୁ ସାମ୍ନା କରିବାର ସାହସ ରଖୁନାହାନ୍ତି। ୨୦୩୬ ଓ ୨୦୪୭ ସମୟ ଅବଧି ମଧ୍ୟରେ ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ ତିଆରି କରିବାରେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଗଣମାଧ୍ୟମର ବଡ଼ ଭୂମିକା ରହିବ। ଅଧିକାର ସେତେବେଳେ ପୂରା ହେବ, ଯେତେବେଳେ ଜଣେ ଦାୟିତ୍ୱ ନେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ପାଣିପାଗ ପୂର୍ବ ସୂଚନାର ମୂଳକେନ୍ଦ୍ର ହେବ ସମ୍ବଲପୁର

■ ୬ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଡପ୍‌ଲର ୱେଦର ରାଡାର
■ ୯ ଜିଲ୍ଲାକୁ ମିଳିବ ପାଣିପାଗ ଓ ବିପର୍ଯ୍ୟୟ ସମ୍ପର୍କିତ ଆଗୁଆ ସୂଚନା

ସମ୍ବଲପୁର,୨୨।୧୨ (ପ୍ରମୋଦ ବହିଦାର)

ରାଜ୍ୟରେ ପାଣିପାଗ ପୂର୍ବ ସୂଚନାର ମୂଳ କେନ୍ଦ୍ର ହେବ ସମ୍ବଲପୁର। ଉପକୃତ ହେବେ ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାର ଚାଷୀ ଓ ଜନସାଧାରଣ। ହୀରାକୁଦ ଜଳଭଣ୍ଡାରର ଜଳ ପରିଚାଳନା, ଜଳସେଚନ ଓ ଜଳ ବିଦ୍ୟୁତ୍ ଉତ୍ପାଦନ ସାଙ୍ଗକୁ ବିମାନ ଚଳାଚଳରେ ଏହା ସହାୟକ ହେବ। ରବିବାର ସମ୍ବଲପୁର ଉପଖଣ୍ଡ ଯୁଗିପାଲିଠାରେ ପ୍ରାୟ ୬.୫କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ଡପଲର ୱେଦର ରାଡାର(ଡିଡବ୍ଲୁଆର) ସି-ବ୍ୟାଣ୍ଡ ସ୍ଥାପନ କାର୍ଯ୍ୟର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ପାରାଦ୍ୱୀପ ଓ ଗୋପାଳପୁରରେ ଦୁଇଟି ଡିଡବ୍ଲୁଆର ଷ୍ଟେଶନ କାର୍ଯ୍ୟକ୍ଷମ ହେଉଛି। ମାତ୍ର ପଶ୍ଚିମ ଓଡ଼ିଶା ପାଣିପାଗଜନିତ ପୂର୍ବ ସୂଚନାରୁ ବଞ୍ଚିତ ରହିଥିଲା। ଆବଶ୍ୟକତା ଦୃଷ୍ଟିରୁ ସମ୍ବଲପୁରରେ ଡିଡବ୍ଲୁଆର ସ୍ଥାପନ ପାଇଁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁରିପ୍ରାପ୍ତ ହୋଇ



ସମ୍ବଲପୁରରେ ଡିଡବ୍ଲୁଆର୍ ସି-ବ୍ୟାଣ୍ଡ ସ୍ଥାପନ କାର୍ଯ୍ୟର ଶୁଭାରମ୍ଭ ଅବସରରେ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

କାର୍ଯ୍ୟାରମ୍ଭ ହୋଇଥିଲା। ମାତ୍ର ବିଗତ ୧୦ ବର୍ଷ ହେଲା ଏହା ସୁପ୍ତ ହୋଇ ପଡ଼ିଥିବା ବେଳେ ଏହି ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଓଡ଼ିଶାର ନୂତନ ସରକାର କ୍ଷମତାକୁ ଆସିଲା ପରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭାବେ ସେ ଏହି ପ୍ରସ୍ତାବକୁ ପୁନର୍ଜୀବିତ କରି ଏହାର ପୁନଃ କାର୍ଯ୍ୟାରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ପୂଜାରୀ। ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନିର୍ବାହୀ ନିର୍ଦ୍ଦେଶକ କମଳଲୋଚନ ମିଶ୍ର କହିଥିଲେ, ବିପର୍ଯ୍ୟୟ ଘଟିବା ସମୟର ବହୁ ପୂର୍ବରୁ ଏ ସମ୍ପର୍କିତ ସୂଚନା ରାଜ୍ୟର ଲୋକଙ୍କ ନିକଟରେ ପହଞ୍ଚାଇ ସତର୍କ କରିବାର ଆବଶ୍ୟକତା ରହିଛି। ପାରାଦୀପ ଓ ଗୋପାଳପୁର ପରେ ରାଜ୍ୟର ତୃତୀୟ ଡିଡବ୍ଲୁଆର୍ ସମ୍ବଲପୁରରେ ଆରମ୍ଭ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ବାଲେଶ୍ୱରରେ ମଧ୍ୟ ଚତୁର୍ଥ ଡିଡବ୍ଲୁଆର୍ ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଜୟାନନ୍ଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ, ଫଣିନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁରରେ ଡିଡବ୍ଲୁଆର୍ ସ୍ଥାପନ ପାଇଁ ଭାରତ ପାଣିପାଗ ବିଭାଗ ପକ୍ଷରୁ ଜମାଦାରପାଲି ଯୁଗିପାଲିରେ ୧.୫୨ କୋଟି ବ୍ୟୟରେ ଏକ ୫ ମହଲା ବିଶିଷ୍ଟ କୋଠା ନିର୍ମାଣ ହୋଇସାରିଛି। ବର୍ତ୍ତମାନ ନୂତନ ରାଡାର ଡିଡବ୍ଲୁଆର ଡୋମ ଷ୍ଟ୍ରକ୍ଚର ଓ କୋଠାର ବଳକା କାର୍ଯ୍ୟ ପାଇଁ ୪.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିପାଇଁ ବାହ୍ୟ ବିଦ୍ୟୁତ ଯୋଗାଣ, ସିବିଭି ଓ ଆସବାବପତ୍ର ପାଇଁ ଅତିରିକ୍ତ ୮୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ୬ ମାସର ସମୟ ସୀମା ଧାର୍ଯ୍ୟ କରାଯାଇଛି।

# ଜାନୁଆରୀ ୩ରୁ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହେବ ଧାନ ସଂଗ୍ରହ

ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

ଗଞ୍ଜାମ ଜିଲ୍ଲାରେ ଆସନ୍ତା ଜାନୁଆରୀ ୩ରୁ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ଶନିବାର ଗଞ୍ଜାମ ଜିଲ୍ଲାପାଳ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବଙ୍କୁ ଏନେଇ ଏକ ପତ୍ର ଲେଖି ଜଣାଇଛନ୍ତି। ଗଞ୍ଜାମ ଜିଲ୍ଲାପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଜିଲ୍ଲାରେ ଡିସେମ୍ବର ୨୩ରୁ ମଣ୍ଡିରେ ଧାନ ସଂଗ୍ରହ କରିବା ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଲଘୁଚାପ ଯୋଗୁ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ସେଥିପାଇଁ ଧାନ ଅମଳରେ ବିଳମ୍ବ ହୋଇପାରେ। ତେଣୁ ମଣ୍ଡିରେ ଧାନ ସଂଗ୍ରହ ଦିନକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୩ରୁ ଜିଲ୍ଲାରେ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଓ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦିତ କରିବା ପାଇଁ ଏହି ତାରିଖକୁ ବଢ଼ାଯାଇଛି। ସୂଚନାଯୋଗ୍ୟ, ଲଘୁଚାପ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅମଳକ୍ଷମ ଅବସ୍ଥାକୁ ଚାଲି ଆସିଥିବା ଧାନ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି, ତେଣୁ ଚାଷୀମାନେ ଚିନ୍ତିତ ଅଛନ୍ତି।

# ଭିତରକନିକା କୁମ୍ଭିରିଆ ନଦୀ ମଧ୍ୟରେ ୨ ବୋଟ୍ ଅଚଳ

■ ଫସିଲେ ୨୮ ପର୍ଯ୍ୟଟକ ■ ବନ ବିଭାଗ ବୋଟ୍ ପହଞ୍ଚି ଉଦ୍ଧାର କଲା

ରାଜନଗର,୨୨।୧୨ (ଭାସ୍କର ରାଉତରାୟ)



କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକା ପରିଭ୍ରମଣରେ ରବିବାର ୨ ବୋଟ୍‌ରେ ୨୮ ଜଣ ପର୍ଯ୍ୟଟକ ଯାଇଥିଲେ। ୨ ବୋଟ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇପଡ଼ିବାରୁ କୁମ୍ଭୀର ସାଲୁବାଲୁ କୁମ୍ଭିରିଆ ନଦୀ ମଝିରେ ଗୋଧରାପାଳ ନିକଟରେ ୨ ଘଣ୍ଟା ଫସି ରହିଥିଲେ। ବନ ବିଭାଗ ବୋଟ୍ ପହଞ୍ଚି ସୁରକ୍ଷିତ ଭାବେ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲା। କଟକର ବିଦ୍ୟାଧର ପାଣିଙ୍କ ସହ ଆସିଥିବା ୧୮ଜଣ ପର୍ଯ୍ୟଟକ ଗୁପ୍ତି ବୋଟିଂ ପଏଣ୍ଟରୁ ମା' ମଙ୍ଗଳା ବୋଟ୍ ନେଇ ଭିତରକନିକା ବୁଲି ଯାଇଥିଲେ। ବୋଟ୍‌ଟି ଗୁପ୍ତିରୁ ଡାଙ୍ଗମାଳ ଆସିଥିଲା। ଭିତରକନିକା ବୁଲିସାରି ଫେରିବା ବେଳେ ବୋଟ୍‌ଟି ଭିତରକନିକା କୁମ୍ଭିରିଆ ନଦୀର ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇପଡ଼ିଥିଲା। ସେହି ସମୟରେ ଯାଜପୁର ରୋଡର ୧୦ଜଣ ପର୍ଯ୍ୟଟକଙ୍କୁ ନେଇ ଗୁପ୍ତି ଫେରୁଥିବା ମା' ଗୁପ୍ତଚଣ୍ଡୀ ବୋଟ ମା' ମଙ୍ଗଳା ବୋଟ୍‌କୁ ଦଉଡ଼ି ଲଗାଇ ଟାଣିକି ଆଣୁଥିଲା। ୫୦୦ ମିଟର ଆସିବା ପରେ ମା' ଗୁପ୍ତଚଣ୍ଡୀ ବୋଟ୍‌ର ମୋଟରରେ ଲାଗିଥିବା ବେଲ୍ଟ ଛିଣ୍ଡି ଯାଇଥିଲା। ଫଳରେ ୨ଟି ବୋଟ୍ କୁମ୍ଭିରିଆ ନଦୀରେ ଅଟକି ରହିଥିଲା। ୨ଟି ବୋଟ୍‌ରେ ଥିବା ପର୍ଯ୍ୟଟକମାନେ ଭୟଭୀତ ହୋଇପଡ଼ିଥିଲେ। ପର୍ଯ୍ୟଟକ ଓ ବୋଟ୍ ଡ୍ରାଇଭର ବନ ବିଭାଗକୁ ଏ ନେଇ ଜଣାଇଥିଲେ। ବନ ବିଭାଗର କନ୍ୟାକୁମାରୀ ଓ ପିବି ଆଶିଷ ନାମକ ଦୁଇଟି ବୋଟ୍ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି ଗୁପ୍ତିରେ ସୁରକ୍ଷିତ ଭାବେ ପହଞ୍ଚାଇ ଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ, ଘଟଣାସ୍ଥଳରେ ୨ ମୃତ

ନବରଙ୍ଗପୁର,୨୨।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ଗ୍ଲେଜ ହୋଟେଲ ସମ୍ମୁଖ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ୨ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବଡ଼ଡାଇଭଙ୍ଗା ଅଞ୍ଚଳର ଅମିତ ବାଘ ଓ ନବରଙ୍ଗପୁର ସହର ଗାନ୍ଧୀନଗର ସାହିର ତ୍ରିଲୋଚନ ଯାନୀ।

ସୂଚନାନୁଯାୟୀ, ତ୍ରିଲୋଚନ ସହର ଉପକଣ୍ଠ କୋରାପୁଟ ଜିଲ୍ଲାର ଆଉଁଳିସ୍ଥିତ ଏକ ଢ଼ାବାରେ କାମ କରନ୍ତି। ଶନିବାର ସେ ନିଜ ସ୍କୁଟି (ଓଡି–୨୪ବି ୬୩୮୩)ରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅମିତ ବାଇକ୍ (ଓଡି–୨୪ଏ–୯୨୮୨)ରେ ବଡ଼ଡାଇଭଙ୍ଗାକୁ ଯାଉଥିଲେ। ଉଭୟଙ୍କ ଗାଡ଼ି ଗ୍ଲେଜ ହୋଟେଲ ଆଗରେ ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକାଙ୍କୁ ହସ୍ତାନ୍ତର କରିଛି। ଏନେଇ ନବରଙ୍ଗପୁର ଥାନାରେ ୫୨୫/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ଏଏସ୍‌ଆଇ ରାମଚନ୍ଦ୍ର ବେହେରା ଘଟଣାର ତଦନ୍ତ କରୁଛନ୍ତି।


GOVERNMENT OF ODISHA No.O-933
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-mail ID: eerwrairangpur@yahoo.com
"e" Procurement Notice for Building Works
Bid Identification No.- RWDRRP-10/2024-25

1. Name of the Work : Construction of Buildings under NHM for the year 2024-25. 2. Estimated Cost: From Rs. 4.20 to Rs.30.61 lakhs (approximately). 3. Class of Contractor : 'D' & 'C' Class or relevant Class of works license. 4. Period of Completion : 01 (One) to 03 (Three) Calendar Months. 5. Tender Paper Cost: As per Annexure/-.
The details are as follows:

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking tender Clarification | Date & Time of Opening of Tender in O/o. S.E.R.W. Division, Rairangpur, Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W. Division, Rairangpur | RW-DRRP-10/ 2024-25 | 26.12.2024 at 11.00 A.M. | 09.01.2025 upto 5.00 P.M. | 08.01.2025 upto 5.00 P.M. | 10.01.2025 at 11.30 A.M. |

Further details can be seen from the website www.tendersodisha.gov.in. Sd./- Er.D. Behera
OIPR-25107/11/0012/2425 Superintending Engineer, R.W.Division, Rairangpur



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 35144/ଭୁ.ଉ.କ., ଭୁବନେଶ୍ୱର ତା: ୧୯।୧୨।୨୦୨୪ରିଖ
ବିଜ୍ଞପ୍ତି

No. CAD-1955: ଏତଦ୍ୱାରା BDAର ସମସ୍ତ ଆବଣ୍ଟନଗ୍ରାହୀମାନଙ୍କୁ ଜଣାଇ ଦିଆଯାଉଅଛି କି ସେମାନଙ୍କ ନାମରେ ଆବଣ୍ଟନ ହୋଇଥିବା ଘର, ଦୋକାନ ଘର, ସପ୍ କମ୍ ରେସିଡେନ୍ସ (SCR) ଇତ୍ୟାଦିର ବକେୟା କିସ୍ତି, ଅତିରିକ୍ତ ସୁଧ ଓ ଅନ୍ୟାନ୍ୟ ବକେୟା ଦେୟଗୁଡ଼ିକ ପୈଠ କରିବା ପାଇଁ କର୍ତ୍ତୃପକ୍ଷ ତା31.12.2024କୁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରିଛନ୍ତି।
ଏଣୁ ସମସ୍ତ ଆବଣ୍ଟନଗ୍ରାହୀମାନଙ୍କୁ ଉକ୍ତ ଧାର୍ଯ୍ୟ ତାରିଖ ବା ତା ପୂର୍ବରୁ ସମସ୍ତ ବକେୟା ଦେୟ ପରିଶୋଧ କରି ନିଜ ନାମରେ ପୂର୍ବରୁ ହୋଇଥିବା ଆବଣ୍ଟନକୁ ନିୟମିତ କରିବାର ସୁଯୋଗ ନିଅନ୍ତୁ।
ଉକ୍ତ ଧାର୍ଯ୍ୟ ତାରିଖ ପରେ କୌଣସି ଦେୟ ଗ୍ରହଣ କରାଯିବ ନାହିଁ ଏବଂ ଦେୟ ଖିଲାପକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଯେଉଁ ଆବଣ୍ଟନଗ୍ରାହୀମାନଙ୍କ ନାମ Task Force Report ଏବଂ G.A. Audit Reportରୁ ଏ ପର୍ଯ୍ୟନ୍ତ ବାଦ୍ ହୋଇନଥିବ କିମ୍ବା କୌଣସି ଅଦାଲତରେ ପ୍ରତିବନ୍ଧକ ଥିବ ଉକ୍ତ ଗୃହ/ଦୋକାନ ଘର/ସପ୍ କମ୍ ରେସିଡେନ୍ସ (SCR) ଗୁଡ଼ିକର ଆବଣ୍ଟନ ନିୟମିତ କରାଯାଇ ପାରିବ ନାହିଁ।
ସ୍ୱା./– ସଚିବ
OIPR-13033/11/0204/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



OFFICE OF THE SUPERINTENDING ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
"e"-Procurement Notice No.A-767
Bid Identification No. : 06 MID JSP/2024-25

| | | | |
|---|---|---|---|
| 1 | Name of the Inviting Officer | : | Superintending Engineer, Minor Irrigation Division, Jashipur |
| 2 | Name of the Work | : | Improvement to MIPs in different Blocks of Mayurbhanj District under various Scheme |
| 3 | No. of Works | : | 02 (Two) Nos. |
| 4 | Tender Amount Varies From | : | 59.08 lakhs to 71.76 lakhs |
| 5 | Date and Time of Availability of BID Document in the Portal for online Bidding from | : | 10.00 hrs Dt. 20.12.2024 to 17.00 hrs Dt. 30.12.2024 |
| 6 | Last Date and Time of receipt of Bids in the Portal | : | 17.00 hrs Dt. 30.12.2024 |
| 7 | Last Date and Time for Clarification up to | : | 17.00 hrs Dt. 30.12.2024 |
| 8 | Date of opening of Bid | : | 11.00 hrs onwards Dt. 31.12.2024 |

The detail tender call notice can also be seen in the DOWR website : http://dowrorissa.gov.in

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO - Khairi / Dist. : Mayurbhanj, PIN - 757091, E-Mail : eemijashipur@yahoo.com |
| Further details can be seen from the e-Procurement market place | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./-
Additional Chief Engineer
OIPR-32282/11/0006/2425 MI Division, Jashipur



ODISHA PUBLIC SERVICE COMMISSION
CUTTACK
NOTICE
No.7479/P.S.C., Dt. 21.12.2024
(1E-12-2024/25)(DR-II)
Website - http://www.opsc.gov.in

No.D- :It is for information of all concerned that the Written Examination for recruitment to the posts of Assistant Professor (Super Speciality) of Government MCHs under Health & Family Welfare Department, Odisha, pursuant to Advertisement No. 15 of 2022-23 will be held on 21.01.2025 (Tuesday) as per the programme indicated below. The detailed programme along with venue shall be notified later.

PROGRAMME OF EXAMINATION

| Date | Time | Disciplines |
|---|---|---|
| 21.01.2025 (Tuesday) | 10.00 A.M. to 1.00 P.M. | 1. Cardiology |
| | | 2. C.T.V.S |
| | | 3. Endocrinology |
| | | 4. Nephrology |
| | | 5. Neurosurgery |
| | | 6. Paediatric Surgery |
| | | 7. Plastic & Reconstructive Surgery |
| | | 8. Surgical Gastroenterology |

The concerned candidates are advised to visit the website of OPSC (www.opsc.gov.in) regularly for further updates.
Sd./- Secretary
OIPR-12002/11/0113/2425



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୨୨୪ ତା:୧୯।୧୨।୨୦୨୪
ବିଜ୍ଞାପନ

No. CAD-1972: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଲ୍.ଆଇ.ଜି.–୧–୫୦୭ (LIG-1-507), ଡୁମୁଡୁମା, ୩ୟ ପର୍ଯ୍ୟାୟ ହାଉସିଂ ସ୍କିମ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ପ୍ରିୟମ୍ବଦା ପଟ୍ଟନାୟକ, ସ୍ୱାମୀ: ନୃସିଂହ ପ୍ରସାଦ ପଟ୍ଟନାୟକ, ସା: ଶ୍ୟାମସୁନ୍ଦରପୁର, ପୋ.: ସାନହଣ୍ଟୁଆଡ଼, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ପ୍ରିୟମ୍ବଦା ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ମହମ୍ମଦ ତସଲିମ, ପିତା: ସ୍ୱର୍ଗତ ମହମ୍ମଦ ଆଜିମ, ସା/ପୋ.: ଯଦୁପୁର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0374/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
No. B-779 Bid Identification No. S.E. (R&B) KPT-13/2024-25
1. Name of the Work : Road Works
2. Total No. of Works : 01 No.
3. Estimated Cost : Rs.80.98 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 30.12.2024 at 11.00 hours to 13.01.2025 upto 17.00 hours
6. Last date/time for receipt of bids in the portal : 13.01.2025 upto 17.00 hours
7. Date of Opening of Tender : 15.01.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division
Further details can be seen from the e-procurement portal https://tendersorissa.gov.in.
Sd./- Superintending Engineer
OIPR-34096/11/0008/2425 Koraput (R&B) Division



ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel.No.:0674-239539, Fax No.:0674-2395291, website:www.oscsc.in
Tender No.15440/P-II/91/2023/PDS Dt.21.12.24
No.CAD-1970: Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source district Dhenkanal to recipient district Bhadrak in the State of Odisha |
| 2 | Availability of bid document in the portal | From 23.12.2024 |
| 3 | Last Date/Time for receipt of bids in the portal | Dt.30.12.2024 upto 5.00 PM |
| 4 | Date/Time of Opening of Technical Bid | Dt.31.12.2024 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/ Corrigendum/ Cancellation/ retenders etc. if any shall be published only in above websites.
By Order of Managing Director
OIPR-07002/11/0018/2425 Sd./- General Manager (PDS)



ZILLA SWASTHYA SAMITI, ANGUL
O/o- The Chief District Medical & Public Health Officer, Angul
TENDER CALL NOTICE FOR HIRING OF VEHICLES
No: 2601 Date: 19.12.24
No.E-616 : Sealed tenders are invited from Travel Agencies/ Tour Operators/ Individual for hiring of commercial light diesel/petrol vehicles towards engagement as follows: 1. CDM&PHO/ADPHO(FW), Angul, & 2. DHH Angul, on monthly/daily basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.odisha.gov.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.
Sd./-
OIPR-10142/11/0006/2425 CDM & PHO, Angul



ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com, Tel.: 0674-2391847
e-Procurement Notice
Bid Identification No. 3690/2024-25 Dt.19.12.2024
No. CAD-1946: The Executive Engineer, Lift Irrigation Division, Bhubaneswar on behalf of Odisha Lift Irrigation Corporation Limited, Bhubaneswar invites Percentage Rate Bids in Online Mode for installation & Energisation of Lift Irrigation Projects in Puri district under BKVY (RIDF-XXX) 2023-24 in TURNKEY BASIS as mentioned below from the reputed Contractors/Firms having valid HT Licence issued by E.L.B.O., Odisha and Civil licnece as mentioned below.
1. Nature of Work : Execution of work for installation & Energisation of 02 Nos. L.I. Projects in different blocks of Puri district.
2. Period of Completion : 90 Days
3. Date & time of availability of bid documents in the portal : 26.12.2024 at 10.00 A.M.
4. Last date & time for receipt of bids in the portal : 03.01.2025 upto 5.00 P.M.
5. Date & time of seeking clarification : 26.12.2024 at 10.00 A.M. to 02.01.2025 upto 5.00 P.M.
6. Opening Date & Time : 04.01.2025 at 11.00 A.M.
7. Name & Address of the Officer Inviting Bid : Executive Engineer, Lift Irrigation Division, Bhubaneswar
The details of tender are available in the Government tender website i.e. www.tendersorissa.gov.in and other related documents are available in the DTCN for bidding. Any Addendum/Corrigendum/Cancellation of tender will be available in the said website.
Sd./- Executive Engineer
OIPR-32155/11/0002/2425 L.I. Division, Bhubaneswar



GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
ID : ee.randbjyp@gmail.com
e-Procurement Notice
Bid Identification No. S.E (R&B)-05/2024-25/JYP(K)
No. 13575 Date : 16.12.2024
No.B-788 : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the Work | : | Building Works as mentioned in DTCN |
| 2 | No. of Works | : | 2 Nos. |
| 3 | Estimated Cost | : | Rs. 62.76 lakhs to Rs. 70.03 lakhs |
| 4 | Period of completion | : | 6 (Six) Months |
| 5 | Date & Time of bidding | : | From 11.00 hours of 26.12.2024 Up-to 17.00 hours of 09.01.2025 |
| 6 | Last date & time for receipt of bids in portal | : | 17.00 hours of 09.01.2025 |
| 7 | Bids received online shall be opened on | : | 11.00 hours of 10.01.2025 |
| 8 | Name and address of the officer inviting Bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in.
Sd./- Superintending Engineer
OIPR-34027/11/0007/2425 Jeypore (R&B) Division


See Career Appointment on every Wednesday & Saturday

## ସଂକ୍ଷେପରେ

### ୧୧ ଚୋରା ଗାଡ଼ି ଜବତ, ଜଣେ ଗିରଫ

ବ୍ରହ୍ମପୁର,୨୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସିରିଜ୍ ବାଇକ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଦୁଇ ଜଣଙ୍କୁ ଧରିଛି। ସେମାନଙ୍କ ନିକଟରୁ ୧୧ଟି ବାଇକ ଜବତ କରିଛି। ପୋଲିସ ଧରିଥିବା ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରାଯାଇଛି। ଅନ୍ୟ ଅଭିଯୁକ୍ତ ଜି.ଶିବା ରେଡ୍ଡିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶାସ୍ତ୍ରୀନଗର ଅଞ୍ଚଳର ଲବମିତା ପାଢ଼ୀଙ୍କ ଏକ ବାଇକ ଚୋରି ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ୫୮୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଅନ୍ୟପଟେ ବାଇକ ଚୋରି ରାକେଟକୁ ଧରିବା ପାଇଁ ଏକ ଟିମ ଗଠନ ହୋଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଏକାଧିକ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### କୃଷିଋଣ ଛାଡ଼ ଦାବି କଲେ ଜିଲା ସମବାୟ ସଂଘ ସଭାପତି

ବ୍ରହ୍ମପୁର,୨୨।୧୨(ନରସିଂହ ସାହୁ)

ଅଦିନିଆ ବର୍ଷା ଯୋଗୁ ଚଳିତ ବର୍ଷର ଖରିଫ ଧାନ ଫସଲ ନଷ୍ଟ ହୋଇଯାଇଛି। ବିଲରେ ପଡ଼ିଥିବା କଟାଧାନ ବର୍ଷା ପାଣିରେ ବୁଡ଼ି ରହିବାରୁ ଗଜା ହେବାକୁ ବସିଛି। କୃଷି ପ୍ରଧାନ ଗଞ୍ଜାମ ଜିଲାରେ ଲକ୍ଷାଧିକ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ବହୁ କଷ୍ଟରେ ଉଦ୍ଧାର କରାଯାଇଥିବା ଧାନ ମଣ୍ଡିକୁ ନେବ ସମ୍ଭବ ହେଉନି। ଫଳରେ ଋଣ ପରିଶୋଧ ଲାଗି ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ତେଣୁ ସରକାର କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ଏବଂ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି କୈଳାସ ରଣା ଦାବି କରିଛନ୍ତି। ରବିବାର ବ୍ରହ୍ମପୁରରେ ସେ ଆହୁରି କହିଛନ୍ତି ଜିଲାର ସବୁ ବ୍ଲକ ଅଞ୍ଚଳରେ ଚାଷୀଙ୍କ ବର୍ଷାଜନିତ ରୋଜଗାର ପାଣିରେ ବୁଡ଼ି ଯାଇଛି। ସେମାନେ ପରିବାର ପୋଷଣ କିଭଳି କରିବେ ତାହା ଚିନ୍ତାର କାରଣ ହୋଇଯାଇଛି। ତେଣୁ ସେମାନଙ୍କୁ ସହାୟତା ପ୍ରଦାନ ଜରୁରୀ। ସରକାର ଅବିଳମ୍ବେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସେ କହିଛନ୍ତି। ସମବାୟ ଆନ୍ଦୋଳନର ନେତା ଅଜୟ ମହାରଣା, ବୃନ୍ଦାବନ ଖଡେଇ, ସୂର୍ଯ୍ୟକାନ୍ତ ପରିଡ଼ା, ସୁରେଶ ସାହୁ, କାଳୁ ପ୍ରଧାନ ପ୍ରମୁଖ ଧାନ ଫସଲ ନଷ୍ଟ ଉପରେ ପ୍ରକାଶ ସହ ଅନୁରୂପ ଦାବି କରିଛନ୍ତି।

### ସିପିଆଇ ପକ୍ଷରୁ ସ୍ମୃତିସଭା

ଛତ୍ରପୁର,୨୨।୧୨(ଦ୍ୱିଜାପତି ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚମାଖଣ୍ଡି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ସକ୍ରିୟ ନେତା ଶରତ ଚନ୍ଦ୍ର ନାହାକଙ୍କ ସ୍ମୃତିସଭା ଶ୍ରମିକ ନେତା କେଶବ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ ତାଙ୍କର ପାର୍ଟି ଅବଦାନ ଉପରେ ଆଲୋକପାତ କରିଥିଲେ। ସିପିଆଇ ଜିଲା ସହସମ୍ପାଦକ ନାଗେନ୍ଦ୍ର ଦାଶ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିବ୍ ଜନାର୍ଦ୍ଦନ ରେଡ୍ଡୀ, ସହସମ୍ପାଦକ ଗୁରୁନାଥ ପ୍ରଧାନ, ନାରାୟେନ୍ଦ୍ରୀ ଏନ.ଭାନୁମତି ରେଡ୍ଡୀ, ମାଗୁଣି ବିଷୋୟୀ, ଏମ. ମଧୁସୂଦନ ଆର. ସନ୍ତୋଷ ରେଡ୍ଡୀ, ଏନ୍. କାମରାଜୁ ରେଡ୍ଡୀଙ୍କ ସମେତ ବହୁ ନେତା ଓ କର୍ମୀ ତାଙ୍କର ସ୍ମୃତିଚାରଣ କରିଥିଲେ।

# ଉପକୂଳ ସୁରକ୍ଷା ଉପରେ ଗୁରୁତ୍ୱ

- ୧୫ତମ ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଯାପିତ
- ସାମୁଦ୍ରିକ ପର୍ଯ୍ୟାବରଣ ସନ୍ତୁଳନ ପାଇଁ ୧୬ ପ୍ରସ୍ତାବ ପାରିତ

ବ୍ରହ୍ମପୁର,୨୨।୧୨(ସ୍ୱାଧୀନ ଶେଖର ପାଢ଼ୀ)



କୁଳପତି ଓ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପରିବେଶବିତ ଓ ଗବେଷକ।

ଓଡ଼ିଶାର ଉପକୂଳ ବିଷୟ ବସ୍ତୁ ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାଲିଥିବା ୩ଦିନିଆ ଓଡ଼ିଶା ପରିବେଶ କଂଗ୍ରେସ ରବିବାର ସରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଥିଲେ ରାଜ୍ୟ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଓଡ଼ିଶା ଉପକୂଳର ପ୍ରାକୃତିକ ସମ୍ପଦ ଓ ପରିବେଶକୁ ସୁରକ୍ଷା ଦେବା ପାଇଁ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ ଜରୁରୀ ବୋଲି କହିଥିଲେ। ଜଳବାୟୁ ପରିବର୍ତ୍ତନ ଓ ବିକାଶ ପ୍ରକ୍ରିୟା ଆମ ଉପକୂଳ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ସାମାଜିକ ସଂଗଠନ, ସାମାଜିକ କର୍ମୀ ତଥା ଗବେଷଣା ସଂସ୍ଥାଗୁଡିକ ଭିତରେ ସମନ୍ୱୟ ପ୍ରତିଷ୍ଠା କରି ଏହାର ମୁକାବିଲା ପାଇଁ ସେ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତା ଭାବେ ଖବରଦାତା ସତ୍ୟ ପ୍ରକାଶ ନାୟକ କହିଲେ ଯେ ଅର୍ଥନୈତିକ ବିକାଶ ଓ ପରିବେଶ ଭିତରେ ସନ୍ତୁଳନର ଅଭାବ ଆଜି ପରିସ୍ଥିତିକୁ ବିଗାଡି ଦେଇଛି। ଲୋକେ ସଜାଗ ନହେଲେ ଭବିଷ୍ୟତରେ ପରିସ୍ଥିତି ଆହୁରି ଜଟିଳ ହେବ । ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ କହିଥିଲେ ଯେ ଓଡ଼ିଶାର ସମୁଦ୍ର ଉପକୂଳବାସୀ, ସାମାଜିକ କର୍ମୀ ଏବଂ ଅନୁଷ୍ଠାନ ଗୁଡିକର ସଂପୃକ୍ତି ଓ ଗବେଷଣା ତଥା ବୈଷୟିକ ସଂସ୍ଥା ସହାୟତାରେ ଉପକୂଳ ସୁରକ୍ଷା ଯୋଜନା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଦିଆଯିବ। ପରିବେଶ କଂଗ୍ରେସର ଉପାଧକ୍ଷ ଡ ଜୟକୃଷ୍ଣ ପାଣିଗ୍ରାହୀ ଉପକୂଳର ଜୈବ ବିବିଧତା, ଚିଲିକା ହ୍ରଦ ଉପରେ ପ୍ରସ୍ତାବିତ ଉପକୂଳ ଜାତୀୟ ରାଜପଥ ର କୁପ୍ରଭାବ, ବନ୍ଦର ଶିଳ୍ପ, ମତ୍ସ୍ୟଜୀବୀ ମାନଙ୍କ ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦିକୁ ନେଇ ୧୬ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଯାହା ସଭାରେ ଗୃହୀତ ହୋଇଥିଲା । ଋଷିକୂଲ୍ୟାରେ କଇଁଛ ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ପରିବେଶବିତ ରବୀନ୍ଦ୍ରନାଥ ସାହୁଙ୍କୁ ଚଳିତ ବର୍ଷ ପ୍ରଫେସର ରାଧାମୋହନ ଗ୍ରୀନ ଆମ୍ବସାଡାର ବିଜେତା ପୁରସ୍କାର ପ୍ରଦାନ କରାଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷକ ସ୍ମୃତିରେଖା ଆଚାର୍ଯ୍ୟଙ୍କୁ ପଦ୍ମଶ୍ରୀ ଅଜୟ ପରିଡ଼ା ଯୁବ ବିଜ୍ଞାନୀ ପୁରସ୍କାର, ଉଷାରାଣୀ ବ୍ରହ୍ମାଙ୍କୁ ବେଉରା ଯୁବ ପରିବେଶବିତ୍ ପୁରସ୍କାର, ଏମସିଏଲକୁ ସୁଧାଂଶୁ ଭୂଷଣ ଗ୍ରୀନ କର୍ପୋରେଟ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ତମୋଘ୍ନ ଆଚାର୍ଯ୍ୟ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ ଶରତ କୁମାର ପାଲିତା, ଡ ସୁଧୀର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ କଂଗ୍ରେସ ସମ୍ପାଦକ ଭୃଗୁ ବକ୍ସିପାତ୍ର ଧନ୍ୟବାଦ ଦେଇଥିଲେ। ଆସନ୍ତା ବର୍ଷ ପାଇଁ ୧୬ ତମ ପରିବେଶ କଂଗ୍ରେସ ର ବିଷୟ ବସ୍ତୁ 'ମହିଳା ଓ ପରିବେଶ' ରହିବ ବୋଲି ପ୍ରସ୍ତାବ ଦେଇଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳପତି ଡ.ପ୍ରତାପ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିବ ପ୍ରସାଦ ଅଧିକାରୀ, ଡ ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟର ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ମନୋଜ ବାରିକ, ଶ୍ୟାମସୁନ୍ଦର ଖାଡଙ୍ଗା, ଶଙ୍କର୍ଷଣ ବେଜ, ଇ.ଟି.ରାଓ ପ୍ରମୁଖ ସହଯୋଗ କରିଥିଲେ। ପରିବେଶ ବିତ ଡ.ସୁଧୀର ରାଉତ ତୃଣମୂଳ ସ୍ତରରେ କର୍ଯ୍ୟକରୁଥିବା ୧୫ ରୁ ଉର୍ଦ୍ଧ ପରିବେଶ କର୍ମୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କୁଇଜ୍ ପ୍ରତିଯୋଗିତାରେ ୭୫ ବିଦ୍ୟାର୍ଥୀ

ବ୍ରହ୍ମପୁର,୨୨।୧୨(ସ୍ୱାଧୀନଶେଖରପାଢ଼ୀ)

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଜିଲା ସ୍ତରୀୟ ଜାତୀୟ ଗଣିତ ଦିବସ ରାମହରି ନଗର ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଗାଇଡ଼ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ୭୫ ବିଦ୍ୟାର୍ଥୀ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀନିବାସ ରାମାନୁଜଙ୍କ ଗଣିତ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ ହୋଇଥିଲା। କୁଇଜ ପ୍ରତିଯୋଗିତାରେ କୁଶଗୁମା ଆଦର୍ଶ ବିଦ୍ୟାଳୟର ଅମନ ସାହୁ ଓ ଜ୍ୟୋତି ରଞ୍ଜନ ସାହୁ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ରାଜପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ସୁଧାଂଶୁ ଶେଖର ମିଶ୍ର ତୃତୀୟ ହୋଇଥିଲେ। ଜିଲା ଶିକ୍ଷାଧିକାରୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସାଦ କୁମାର ଦାସ, ପୁରୁଣା ପାଗଳା ଉଚ୍ଚମାଧ୍ୟମିକବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳ କୃଷ୍ଣ ପଣ୍ଡା, ବୋମକେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ଗଣିତ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୨।୧୨(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସ-୨୦୨୪ ରବିବାର ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ଡ଼. ମନୋଜ କୁମାର ପଟ୍ଟନାୟକ ଉତ୍ସବ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଆଇ.ଆଇ.ଟିର ବରିଷ୍ଠ ପ୍ରାଧ୍ୟାପିକା ତଥା ଗଣିତ ବିଭାଗର ମୁଖ୍ୟା ଡ.ଗୀତାଞ୍ଜଳି ପଣ୍ଡା ରାମାନୁଜଙ୍କ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଶୋକ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୀନା ରାଣୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଇନ୍ଦ୍ରଜିତ ସୁଆର, ସୁନୀଲ କୁମାର ସାହୁ, ଦେବସ୍ମିତା ମାଝୀ, ମୋନାଲିସା ମାଇତି, ରାଜୀବ କୁମାର ସେଠୀଙ୍କ ସହ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୩୦ ଲକ୍ଷ ନ ଦେଲେ ହତ୍ୟା ଧମକ

**୨ ଜଣଙ୍କୁ ବାନ୍ଧିଲା ପୋଲିସ, ମାଷ୍ଟରମାଇଣ୍ଡ ଭାଲୁ ଫେରାର**

ବ୍ରହ୍ମପୁର,୨୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ ପୁଣିଥରେ ଗୋଟିଏ ଗୋଷ୍ଠୀ ଭାଇଗିରି ଦେଖାଇବା ଆରମ୍ଭ କରିଛି। ଭାଲୁ ସାମଲ ଓ ତାଙ୍କ ଗ୍ୟାଙ୍ଗ ଜଣେ ଯୁବକଙ୍କୁ ୩୦ଲକ୍ଷ ଟଙ୍କା ନ ଦେଲେ ଖେଳ ଶେଷ କରିଦେବୁ ବୋଲି ଧମକ ଦେଇଛନ୍ତି। ଏହି ଘଟଣାରେ ବଡ଼ବଜାର ଥାନା ପୋଲିସ ୨ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ଶ୍ରୀରାମନଗରର ରିଙ୍କୁ ସାମଲ(୨୩) ଓ ମେଷାଲ ବିକି(୨୭)। ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ୨ ବାଇକ ଜବତ କରିଛି। ନଂ. ୪୩୪/୨୪ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାର ମାଷ୍ଟରମାଇଣ୍ଡ ଭାଲୁ ଓ ତାଙ୍କର କେତେଜଣ ସହଯୋଗୀ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଥାନାଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ଶ୍ରୀରାମନଗରର କବିର ପାତ୍ରଙ୍କ ଘରକୁ ଗତ ୧୯ତାରିଖ ସକାଳେ ଭାଲୁ ଓ ତାଙ୍କ ଗ୍ୟାଙ୍ଗର ୮ ସଦସ୍ୟ ଯାଇଥିଲେ। ସେଠାରେ ସେମାନେ ତାଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ପ୍ରତିବାଦ କରିବାରୁ ଭାଲୁ ଉକ୍ତ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଆମ ଅଞ୍ଚଳରେ ରହିବାକୁ ହେଲେ ଦାବିପୂରଣ କରିବାକୁ ଦାଦାବଟି ଦେବାକୁ ପଡ଼ିବ। ନଚେତ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲେ। ଏନେଇ କବିର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଅପରାଧୀ ଗ୍ୟାଙ୍ଗକୁ ଚିହ୍ନଟ କରିଥିବା କହିଛି।



ଗିରଫ ୨ ଅଭିଯୁକ୍ତ।

## ଭାଜପା ପାଳିବ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ

ବ୍ରହ୍ମପୁର,୨୨।୧୨(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପାଳିବ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ। ୨୫ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ରେଶମ ସହରରେ ଜିଲାସ୍ତରୀୟ ପ୍ରଦର୍ଶନୀ ଖୋଲାଯିବ ଏବଂ ତାଙ୍କ ସୁଶାସନ କାଳରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକ ସ୍ଥାନ ପାଇବ। ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ୪ ଜଣିଆ କମିଟି ଗଠନ ହୋଇଛି। ପ୍ରଭାତ ଷଡ଼ଙ୍ଗୀ ମୁଖ୍ୟ ଥିବା ବେଳେ ସହ ମୁଖ୍ୟଭାବେ ସୁନିଲ କୁମାର ସାହୁ, ଶିବ ଶଙ୍କର ନାୟକ ଓ ବର୍ଷା ବିଭୂଷିତାଙ୍କୁ ମନୋନୀତ କରାଯାଇଛି। ୨୫ ତାରିଖରେ ବ୍ରହ୍ମପୁର ଷ୍ଟାଡିୟମରୁ ଶହ ଶହ ଯୁବ କର୍ମୀଙ୍କ ବିଶାଳ ଶୋଭାଯାତ୍ରା ବା ଗଣଦୌଡ଼ ଆରମ୍ଭ ହେବ। ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭାରମ୍ଭ କରିବେ। ବିଧାୟକ କେ. ଅନିଲ କୁମାର, ମନୋରଂଜନ ଦ୍ୟାନ ସାମନ୍ତରା, ସିଦ୍ଧାନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ଓ ପାର୍ଟିର ବରିଷ୍ଠ ନେତା କାହ୍ନୁଚରଣ ପତି ପ୍ରମୁଖ ସାମିଲ ହେବେ। ରବିବାର ପ୍ରସ୍ତୁତି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ ସାବତ, ରାଜ୍ୟ ପ୍ରବକ୍ତା ଟି.ଗୋପିକା ସମେତ ଜିଲା ସଂଗଠନ କାର୍ଯ୍ୟକର୍ତ୍ତା, ଯୁବମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ଏବଂ ଛାମୁଆ ସଂଗଠନ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

## ନାଟକ 'ଓଲଟା ପାଲଟା' ଦର୍ଶକଙ୍କ ମନମୋହିଲା



ନାଟକର ଏକ ଦୃଶ୍ୟ।

ବ୍ରହ୍ମପୁର,୨୨।୧୨(ସ୍ମୃତିରଞ୍ଜନ ମହାଲିକ)

କଳାକାର ଏକତା ମଞ୍ଚର ୨୨ ବାର୍ଷିକୋତ୍ସବ ରବିବାର ପ୍ରକାଶମ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ରୂପେ ବରିଷ୍ଠ ନାଟ୍ୟକାର ରମା ରମଣ ପାଢ଼ି ଓ କଳା ପ୍ରେମୀ ଇଂ. ଯାମିନୀ କାନ୍ତ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ମଦନ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଓଲଟା ପାଲଟା' ଦର୍ଶକଙ୍କ ମନ ମୋହିଥିଲା। ନାଟକରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଡ ମିହିର ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ଡି ଶିବ ଶଙ୍କର, କୈଳାସ ପାଣିଗ୍ରାହୀ, ସ୍ୱାଗତ୍ୟ ବାଡ଼ସ୍ୟା, ପ୍ରଭାତ ପ୍ରଧାନ ଓ ଆରତୀ ପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମଞ୍ଚର ଉପସଭାପତି ରାଜ ଗୋପାଳ ପାଢ଼ି ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ସତ୍ୟ ମହାରଣାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଞ୍ଚର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସ୍ୱଚ୍ଛତା ପାଇଁ ଆସିକା, ଚିକିଟି ଏନ୍ଏସି ପୁରସ୍କୃତ

ଆସିକା/ଚିକିଟି,୨୨।୧୨
(ସୁରେନ୍ଦ୍ର ନାଥ ସାହୁ/ ପ୍ରକାଶ ଚନ୍ଦ୍ର ସାହୁ)

ଆସିକା ଏନଏସିରେ ସ୍ୱଚ୍ଛତା କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଗଞ୍ଜାମ ଜିଲାର ଆସିକା ଓ ଚିକିଟି ଏନଏସିକୁ ପୁରସ୍କୃତ କରାଯାଇଛି। ଗୁରୁବାର ବିଜୟୱାଡାରେ ଅନୁଷ୍ଠିତ ଚେଞ୍ଜ ମେକର କନକ୍ଲେଭରେ ଜାତୀୟ ସ୍ୱଚ୍ଛ ଭାରତ ମିଶନର ନିର୍ଦ୍ଦେଶକ ରୂପା ମିଶ୍ରଙ୍କ ଉପସ୍ଥିତିରେ ପଦ୍ମଶ୍ରୀ ସୁନିତା ନାରାୟଣଙ୍କ ଠାରୁ ଆସିକା ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଓ ପରିମଳ ବିଶେଷଜ୍ଞା ବିପ୍ରାମୟୀ ସାହୁ ମାନପତ୍ର ଗ୍ରହଣ କରିଥିଲେ। ଏନଏସିର ବିଭିନ୍ନ ୱାର୍ଡରେ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ସହରାଞ୍ଚଳର ପରିଷ୍କାର ପରିଚ୍ଛନ୍ନତା ପ୍ରତି ସଂକଳ୍ପବଦ୍ଧ ପ୍ରୟାସ, ସହରାଞ୍ଚଳରେ ସଂଗ୍ରହ କରାଯାଉଥିବା ମଇଳାର ପୃଥକୀକରଣ କରିବା, ମଳ ଉପଚାର କେନ୍ଦ୍ରର ଉପଯୁକ୍ତ ପରିଚାଳନା, ମଇଳା ଜମା ହେଉଥିବା ସ୍ଥାନର ସଫାସୁତୁରା ପ୍ରତି ଧ୍ୟାନ, ଅଣୁ ଜୈବ ଖତ କେନ୍ଦ୍ର ପରିଚାଳନା ଲାଗି ଏନଏସିକୁ ଏହି ସମ୍ମାନ ଦିଆଯାଇଛି। ସେହିପରି ଚିକିଟି ଏନ୍ଏସି ମଧ୍ୟ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ପାଇଁ ପୁରସ୍କୃତ ହୋଇଛି। ଗଞ୍ଜାମ ଜିଲା ଗୁଡ଼ା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର କୁମାର ପଟେଲ ଏବଂ ଚିକିଟି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କଳ୍ପତରୁ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱଚ୍ଛ ସର୍ବେକ୍ଷଣ ମିଶନ ଯୁଗ୍ମ ସଚିବ କମିଶନ ନିର୍ଦ୍ଦେଶକ ରୂପା ମିଶ୍ର, ସେରେଭିଷ୍ଟେଲ ପ୍ରତିନିଧି ଆଞ୍ଜେଲା ଲୁଗୁର୍ତି, ସିଏସଇ ଡକ୍ଟର ସୁନିତା ନାରାୟଣ ପ୍ରମୁଖ ଏହି ପୁରସ୍କାର ପାଇଁ ଏନ୍ଏସିକୁ ଅଭିନନ୍ଦନ ଜଣାଇଛନ୍ତି।



ଆସିକା ଏନଏସି ନିର୍ବାହୀ ଅଧିକାରୀ ଓ ପରିମଳ ବିଶେଷଜ୍ଞା ମାନପତ୍ର ଗ୍ରହଣ କରୁଛନ୍ତି।

# ସୋନପୁରକୁ ହରାଇ ଭଞ୍ଜନଗର ଚାମ୍ପିୟନ




ଚାମ୍ପିୟନ ଟିମକୁ ପୁରସ୍କାର ପ୍ରଦାନ କରାଯାଉଛି।

ଭଞ୍ଜନଗର,୨୨।୧୨(ବାବୁଲା ପ୍ରଧାନ)

**ମରାଠା ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ୫ମ ମରାଠା ଫ୍ଲଡ ଲାଇଟ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ରବିବାର ହୋଇଥିଲା। ଫାଇନାଲ ମ୍ୟାଚ ଆୟୋଜକ ମରାଠା ଫୁଟବଲ କ୍ଲବ ଓ ସୋନପୁର ବି ଏସ ଏଫ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଭଞ୍ଜନଗର ସୋନପୁରକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସୋନପୁର ରନର୍ସଅପ ହୋଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପ ଜିଲାପାଳ ଅଭିଲ କୁମାର ସେଠୀ, ତହସିଲଦାର ଉମା ଶଙ୍କର ବେହେରା, କବି ପ୍ରଶାନ୍ତ ମହାନ୍ତି, ଭାଜପା ନେତା ଯୋଷୀ ଗୌଡ଼, ରବିନ୍ଦ୍ର ଗୌଡ଼, ସୁବାଷ ବରାଡ଼, ସୁବାସ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ବେହେରା ସଭାକୁ ସଂଯୋଜନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ୩ ଜନେୟାଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଗୋଲକି ପାଇଁ ସଞ୍ଜୟ, ଶ୍ରେଷ୍ଠ ଗୋଲ କିପର ସୋନପୁରର ବାଘା, ଶ୍ରେଷ୍ଠ ଡିଫେନ୍ସ ପୁରସ୍କାର ଏ ଶିବ ପ୍ରସାଦଙ୍କୁ ପ୍ରଦାନ କରାଯାଇଥିଲା।

# ଜିଲାରେ ମଧୁମେହରେ ୨.୩୨ ଲକ୍ଷ ଆକ୍ରାନ୍ତ

- ପ୍ରତି ଶହେରେ ୯ ମଧୁମେହ ରୋଗୀ
- ଭିତ୍ତିଭୂମି ଦୁର୍ବଳ, ଡାକ୍ତର ଅଭାବ

ବ୍ରହ୍ମପୁର,୨୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ବର୍ତ୍ତମାନ ୨ ଲକ୍ଷ ୩୧ ହଜାର ୭୯୭ ଲୋକ ମଧୁମେହରେ ଆକ୍ରାନ୍ତ। ପ୍ରତି ଶହେରେ ୯ଟି ମଧୁମେହ ରୋଗୀ ଅଛନ୍ତି। ସମ୍ପ୍ରତି ଏହା ଏବେ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ନିୟମିତ ଡାକ୍ତରୀ ପରାମର୍ଶ ସହିତ ଚିକିତ୍ସା ଓ ସୁଷମ ଖାଦ୍ୟ ଖାଇବା ଦରକାର। ଏଭଳି ସ୍ଥିତିରେ ଜିଲାରେ ମଧୁମେହ ରୋଗ ନିରାକରଣ ଓ ଉପଚାର ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଡାକ୍ତରଙ୍କ ଅଭାବ ରହିଛି। ଉଭୟ ସରକାରୀ ଓ ବେସରକାରୀ ଡାକ୍ତର, ଅନ୍ତସ୍ରାବୀ (ଏଣ୍ଡୋକ୍ରାଇନୋଲୋଜି)ଡାକ୍ତର ସଂଖ୍ୟା ଜିଲାରେ ୫ରେ ସୀମିତ। ଏମାନଙ୍କ ମଧ୍ୟରେ ସରକାରୀ ୩ ଜଣ ଥିବାବେଳେ ଘରୋଇ ଡାକ୍ତର ୨ ଜଣ ଅଛନ୍ତି। ସେହିପରି ୧୦୦ ଡାଇବେଟିସ ଫିଜିସିଆନ ରହିଛନ୍ତି। ରୋଗୀଙ୍କ ହିସାବକୁ ନେଲେ ଡାକ୍ତରୀ ପରାମର୍ଶ ପାଇଁ ମୋଟ ୫୦ରୁ ୭୦ ଲକ୍ଷ ଡାକ୍ତରୀ ଚିଠା (ପ୍ରେସ୍କ୍ରିପସନ) ହେବା କଥା। ମାତ୍ର ଏହା ୪ ଲକ୍ଷରେ ସୀମିତ ରହିଛି। ଉପଯୁକ୍ତ ଚିକିତ୍ସା ନ ମିଳିଲେ କିମ୍ବା ରୋଗକୁ ଉପେକ୍ଷା କଲେ ଆଗାମୀ ଦିନରେ ମଧୁମେହରେ ସୁନାମୀ ଆସିବ ବୋଲି ଅନେକ ବିଶେଷଜ୍ଞ ମତ ଦେଉଛନ୍ତି। ପୂର୍ବରୁ ଆକ୍ରାନ୍ତଙ୍କୁ ଇନସୁଲିନ ଦିଆଯାଉଥିବାବେଳେ ଏବେ ବଜାରରେ ବଟିକା ଉପଲବ୍ଧ। ଏହା ମଧୁମେହ ନିୟନ୍ତ୍ରଣ ସହିତ ମୋଟାପଣକୁ ଦୂର କରୁଛି। ପ୍ରାୟ ବର୍ଷେ ଧରି ଔଷଧ ଖାଇଲେ ମଧୁମେହ ନିୟନ୍ତ୍ରଣ ହେବାରେ ସଫଳ ହେଉଛି। ଏଥିପାଇଁ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ଅନ୍ୟପଟେ ଏହି ରୋଗ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ପ୍ରକାର ବେଶୀ ଚିନିଯୁକ୍ତ ଦ୍ରବ୍ୟରୁ ଦୂରେଇ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି। କଲରା ରସ, ଲାଉ ରସ ଆଦିରୁ ଦୂରେଇ ରହି ଏହାକୁ ରାନ୍ଧି ଖାଇଲେ ଅଧିକ ସୁଫଳ ମିଳିବ। ସେହିପରି ଜଣେ ମଧୁମେହ ରୋଗୀ ମାସକୁ ଅତି ବେଶୀରେ ଅଧଲିଟର ଘିଅ କିମ୍ବା ତେଲ ସେବନ କରିପାରିବେ। ଏହାଠାରୁ ଅଧିକ ହେଲେ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ମଧୁମେହରେ ଆକ୍ରାନ୍ତ ରୋଗୀ ପ୍ରତି ୩ ମାସରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଅଧିକ ଭୋକ, ଶୋଷ, ପରିସ୍ରା ଲାଗିବା, ଦୁର୍ବଳ ଅନୁଭବ କରିବା, କାମ କରିବାକୁ ଇଚ୍ଛା ନହେବା ଆଦି ଏହି ରୋଗର ଲକ୍ଷଣ। ମଧୁମେହ ତଥା ଅନ୍ତସ୍ରାବୀ ରୋଗ ବିଶେଷଜ୍ଞ ଡ. ସୁନୀଲ କୁମାର କୋଟା କହିଛନ୍ତି, ଆଧୁନିକ ଜୀବନଶୈଳୀ ହିଁ ମଧୁମେହକୁ ଡାକି ଆଣୁଛି। ଜଳବାୟୁ ପରିବର୍ତ୍ତନ, ଉପଯୁକ୍ତ ବାୟୁ ପ୍ରଦୂଷଣ, ଜଙ୍କ ଓ ରେଷ୍ଟୁରାଣ୍ଟ ଖାଦ୍ୟ(ବିଶେଷ କରି ଅନଲାଇନରେ ମଗାଯାଉଥିବା ଖାଦ୍ୟ) ଅଧିକ କାର୍ବୋହାଇଡ୍ରେଟଜନିତ ଖାଦ୍ୟଠାରୁ ଦୂରେଇ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୁଗାର ଫ୍ରି ମିଠା ଖାଇବାକୁ ବି ସେ ବାରଣ କରିଛନ୍ତି। ତାହା କେଉଁଥିରେ ତିଆରି ତାହାର ସୂଚନା ଥାଉ ନଥିବାରୁ ତାହାକୁ ବାରଣ କରାଯାଇଛି। ସେହିପରି ପ୍ଲାଷ୍ଟିକ ଓ ବିଭିନ୍ନ ରଙ୍ଗର ଦ୍ରବ୍ୟରେ ଖାଇବା ଦ୍ୱାରା ବି ଏହି ରୋଗ ବଢ଼ିବା ସମ୍ଭାବନା ରହିଛି। ଏଥିରୁ ବି ପ୍ରତ୍ୟେକ ବ୍ୟକ୍ତି ଦୂରେଇ ରହିବା ଉଚିତ। ସୁଷମ ଖାଦ୍ୟ ଖାଇବା ସହିତ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସେ ସୂଚନା ଦେଇଛନ୍ତି। ଚାଲିବା କମିଯାଇଛି। ଛୋଟ ବୟସରେ ପିଲାଙ୍କୁ ଗାଡ଼ି ଦେବା ଦ୍ୱାରା ତାଙ୍କ ଶାରୀରିକ ବ୍ୟାୟାମ ହେଉନାହିଁ। ସୌଖିନ ଜୀବନଶୈଳୀ ଏହି ରୋଗର ବାହକ। ତେଣୁ ଏଥିପ୍ରତି ସଚେତନ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି।



ଡା. ସୁନୀଲ କୁମାର କୋଟା

# ମାରାଥନ୍ ପ୍ରତିଯୋଗିତା ବେଳେ ଗୁଳିମାଡ଼

## ଯୁବକ ଆହତ

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ସାମାଜିକ ଅନୁଷ୍ଠାନ ୟୁଥ୍ ହଷ୍ଟେଲ ଆସୋସିଏଶନ ଅଫ୍ ଇଣ୍ଡିଆ (ୱାଇଏଚ୍ଏଆଇ)ର ପ୍ଲାଟିନମ୍ ଜୁବିଲି ବର୍ଷ ପାଳନ ଅବସରରେ ରବିବାର ସକାଳେ କରାଯାଉଥିବା ମାରାଥନ୍ ପ୍ରତିଯୋଗିତା ବେଳେ ଗୁଳିମାଡ଼ରେ ଅନୁଷ୍ଠାନର ଜଣେ ସଦସ୍ୟ ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସେକ୍ଟର-୧୬ ଅଞ୍ଚଳ ନିବାସୀ ସଲିଲ ସାହୁ(୪୬)। ଏହି ଘଟଣା ପରେ ତାଙ୍କୁ ତୁରନ୍ତ ସେକ୍ଟର-୧୯ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଖବର ପାଇ ଜୋନ୍-୧ ଡିଏସ୍‌ପି ପୁଷ୍ପାଞ୍ଜଳି ନିନଗୀ ଓ ସେକ୍ଟର-୩ ଥାନାଧିକାରିଣୀ ପ୍ରତିଭା



ଆଇଜିଏଚ୍‌ରେ ଚିକିତ୍ସାଧୀନ ସଲିଲ ସାହୁ।

ମଞ୍ଜରୀ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଉକ୍ତ ଘଟଣାକୁ ନେଇ ସଲିଲ ସେକ୍ଟର-୩ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୯୮/୨୪) ରୁଜୁ କରିଛି।

ସୂଚନା ଅନୁଯାୟୀ, ସଲିଲ ଜଣେ ରେଲୱେ କର୍ମଚାରୀ ଏବଂ ବର୍ତ୍ତମାନ ବିମଳାଗଡ଼ରେ କାର୍ଯ୍ୟରତ ଅଛନ୍ତି। ସେ ୱାଇଏଚ୍ଏଆଇର ଜଣେ ସଦସ୍ୟ। ଅନୁଷ୍ଠାନର ପ୍ଲାଟିନମ୍ ଜୁବିଲି ପାଇଁ ଗତ ୮ତାରିଖରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କ୍ରମରେ ରବିବାର ସକାଳେ ମାରାଥନ ଦୌଡ, କୁଇଜ୍ ଓ ସଙ୍ଗୀତ ପ୍ରତିଯୋଗିତା ହେବାର ଥିଲା। ଉକ୍ତ ମାରାଥନ୍ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରୁ ଆରମ୍ଭ ହୋଇ ସେକ୍ଟର ୭/୧୭ ଆମ୍ବେଡକର ଛକ ପର୍ଯ୍ୟନ୍ତ ଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଫଳରେ ମାରାଥନ ଆରମ୍ଭସ୍ଥଳ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ପ୍ରତିଯୋଗୀମାନେ ଏକାଠି ହୋଇଥିଲେ। ସେମାନଙ୍କୁ ପଞ୍ଜୀକରଣ କରିବା ଦାୟିତ୍ୱ ସଲିଲଙ୍କର ଥିଲା। ପ୍ରାୟ ୭ଟାରେ ପଞ୍ଜୀକରଣ ଚାଲିଥିବାବେଳେ ସଲିଲଙ୍କ ଡାହାଣ ପିଠିରେ କିଛି ବାଜିବା ଭଳି ମନେ ହେବାରୁ ଯାଞ୍ଚ କରି ଏକ ଗୁଳି ପାଇଥିଲେ। ଏ ନେଇ ତୁରନ୍ତ ପୋଲିସକୁ ସୂଚିତ କରାଯାଇଥିଲା। ତେବେ ଏହା କିପରି ଘଟିଲା ତାର କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ଅନ୍ୟପକ୍ଷେ ଏହା ପିସ୍ତଲର ଗୁଳି ନୁହେଁ ଏବଂ ଘଟଣାର ଅନୁସନ୍ଧାନ ଜାରି ରହିଛି ବୋଲି ପୋଲିସ କହିଛି।

# ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା

## ୩ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି

ବାଲେଶ୍ୱର(ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢ଼ୀ),୨୨।୧୨

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୋକାନରୁ ଚୋରି କରିଥିବା ସନ୍ଦେହରେ ୪ ଯୁବକଙ୍କୁ ନିଷ୍ଠୁର ମାଡ଼ ମାରିବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ସିଂଲା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ ଓଡ଼ିଶାଳ ବଜାର ଛକରେ ଥିବା ଏକ ଲୁଗା ଦୋକାନରୁ ଚୋରି ହୋଇଥିଲା। ଚୋରିରେ ୪ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ରବିବାର ଦୋକାନୀ ଓ ତାଙ୍କ ପୁଅ ସେମାନଙ୍କୁ କାବୁ କରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇ ଲୁହା ରଡ୍‌ରେ ନିର୍ଘୂମ୍ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳର ଯୁବକ ତ୍ରିଲୋଚନ ପ୍ରଧାନ (୩୫) ଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଯୁବକ ସତୀଶ ସିଂ, ଭାନୁ ପ୍ରଧାନ ଓ ପପୁ ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସିଂଲା ଥାନା ଅଧିକାରୀ ଭୁବନ ଚନ୍ଦ୍ର ସେଠୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଏକ ମାମଲା ରୁଜୁ କରି ପୋଲିସ ଲୁଗା ଦୋକାନୀ ଓ ତାଙ୍କ ପୁଅଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଅଭିନେତ୍ରୀଙ୍କୁ ୮.୨୫ ଲକ୍ଷ ଠକେଇ, ଯାତ୍ରା ପାର୍ଟି ମାଲିକ ଗିରଫ

ଭୁବନେଶ୍ୱର,୨୨।୧୨ (ସୂର୍ଯ୍ୟକାନ୍ତ ବେହେରା)

ଅଭିନେତ୍ରୀଙ୍କୁ ମିଥ୍ୟା ଆଶ୍ୱାସନା ଦେବା ସହ ପ୍ରତାରଣା କରି ୮ ଲକ୍ଷରୁ ଅଧିକ ଟଙ୍କା ଠକିବା ମାମଲାରେ ଲିଙ୍ଗରାଜ ପୋଲିସ ଜଣେ ଯାତ୍ରା ପାର୍ଟିର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଶିବଶକ୍ତି ଲୋକନାଟ୍ୟର ମାଲିକ ତଥା କଟକ ଚାଉଳିଆଗଞ୍ଜ ଥାନାଞ୍ଚଳରେ ରହୁଥିବା ଟାଙ୍ଗୀ ଅଞ୍ଚଳର ଅମରେଶ ଚନ୍ଦ୍ର ସାହୁ। ଢେଙ୍କାନାଳର ଅଭିନେତ୍ରୀ ମନୋରମା ଦାଶଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅପରେଶଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ମନୋରମାଙ୍କୁ ମାସିକ ୮୦ ହଜାର ଟଙ୍କା ଦେବାକୁ ଯାତ୍ରା ପାର୍ଟି ମାଲିକ ଅମରେଶ କହିଥିଲେ। ତେଣୁ



ଅମରେଶ ଚନ୍ଦ୍ର ସାହୁ

ସେ ଅନ୍ୟ ଯାତ୍ରାପାର୍ଟି ଛାଡ଼ି ଅମରେଶଙ୍କ ଯାତ୍ରା ପାର୍ଟିରେ କାମ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅମରେଶ ମାସିକ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏପରିକି ମନୋରମା ଅଭିନୟ କରିବାର ଏକ ମାସ ପରେ ଅମରେଶ ତାଙ୍କୁ ତାଙ୍କ ପାର୍ଟିରେ ଅଂଶୀଦାର ହେବାକୁ ଆଶ୍ୱାସନା ଦେବା ସହ ବୁଝାଶୁଝା କରିବାକୁ କହିଥିଲେ। ଯାହା ଲାଭ ହେବ ୫୦% ପରସ୍ପର ମଧ୍ୟରେ ବାଣ୍ଟି ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିନେତ୍ରୀ ଜଣକ ତାଙ୍କ ପ୍ରସ୍ତାବରେ ରାଜି ହୋଇ ୫ ମାସ କାର୍ଯ୍ୟ କରିଥିଲେ। ଏହିସମୟ ମଧ୍ୟରେ ଅମରେଶଙ୍କ କଥା ଅନୁସାରେ, ମନୋରମା ନିଜ ହାତରୁ ମଧ୍ୟ ଅନ୍ୟ କର୍ମଚାରୀଙ୍କୁ ପାରିଶ୍ରମିକ ପ୍ରଦାନ କରିଥିଲେ। ଏହାସହ ଅମରେଶ ମଧ୍ୟ ନିଜର ଆବଶ୍ୟକତା ପାଇଁ ତାଙ୍କଠାରୁ ଟଙ୍କା ଉଧାର ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପାରିଶ୍ରମିକ, ଲାଭ ଏବଂ ଉଧାର ଟଙ୍କା ବାବଦକୁ ମୋଟ ୮.୨୫ ଲକ୍ଷ ଟଙ୍କା ଫେରାଇ ନ ଥିଲେ। ତେଣୁ ବାଧହୋଇ ସେ ଉକ୍ତ ଯାତ୍ରା ପାର୍ଟି ଛାଡ଼ି ଦେଇଥିଲେ। ସେ ବକେୟା ଟଙ୍କା ମାଗିବାରୁ ଅଭିଯୁକ୍ତ ଅମରେଶ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମନୋରମା ଲିଙ୍ଗରାଜ ଥାନାରେ ଅଭିଯୋଗ କରିବାରୁ ପୋଲିସ ମାମଲା ନମ୍ବର ୨୪୮/୨୦୨୪ ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ବନ୍ଧୁକ ଦେଖାଇ ୧୫ ଲକ୍ଷ ଲୁଟ୍

## ଜଣେ ଅଟକ, ୨ ବାଇକ୍‌ରେ ଆସିଥିଲେ ୫ ଯୁବକ

ପାଲଲହଡ଼ା, ୨୨।୧୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ସଦର ମହକୁମାସ୍ଥିତ ଶିବମନ୍ଦିର ଛକ ନିକଟରେ ରବିବାର ୫ଜଣ ଯୁବକ ଖଣ୍ଡା ଓ ବନ୍ଧୁକ ଦେଖାଇ ୧୫ ଲକ୍ଷ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ପାଲଲହଡ଼ାରେ ସାପ୍ତାହିକ ହାଟ ଥିବାରୁ ସମ୍ବଲପୁର ଅଞ୍ଚଳର ବ୍ୟବସାୟୀ ବଜରଙ୍ଗ ଅଗ୍ରୱାଲଙ୍କ ଦୁଇଜଣ କର୍ମଚାରୀ ଶ୍ୟାମ ପାଣ୍ଡେ ଏବଂ ମନୀଷ ତିୱାରୀ ବାକି ଟଙ୍କା ଆଦାୟ କରିବା ପାଇଁ ଏକ କାର୍ ଯୋଗେ ପାଲଲହଡ଼ା ଆସିଥିଲେ। ସେମାନେ ୧୫ ଲକ୍ଷ ଟଙ୍କା ଆଦାୟ କରି ସମ୍ବଲପୁର ଫେରୁଥିବା ବେଳେ ଦିନ ପ୍ରାୟ ସାଢ଼େ ୨ଟା ସମୟରେ ଶିବମନ୍ଦିର ଛକ ନିକଟ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ଦୁଇଟି ବାଇକ୍ ଯୋଗେ ୫ଜଣ ଯୁବକ ଆସି ସେମାନଙ୍କ କାର୍ ଅଟକାଇଥିଲେ। ଅତର୍କିତ ଭାବେ ଖଣ୍ଡା ଓ



ଆକ୍ରମଣର ଶିକାର ହୋଇଥିବା ଦୁଇ କର୍ମଚାରୀ

ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରି କାର୍‌ରେ ଥିବା ୧୫ ଲକ୍ଷ ଟଙ୍କା ଲୁଟିନେଇ ଦେବଗଡ଼ ଅଭିମୁଖେ ପଳାଇଯାଇଥିଲେ। ଖବରପାଇ ପାଲଲହଡ଼ା ପୋଲିସ ଯୁବକମାନଙ୍କ ପିଛା କରିଥିଲା ଏବଂ ଦେବଗଡ଼ ସୀମାନ୍ତରୁ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରିଣୀ ଅନୁରାଧା ମାର୍ଥା ସୂଚନା ଦେଇଛନ୍ତି। ଦୁଇ କର୍ମଚାରୀଙ୍କ ହାତ ଏବଂ ମୁଣ୍ଡରେ ଆଘାତ ଲାଗିଥିବାରୁ ସେମାନଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି।

# ମା'ଙ୍କୁ ରାସ୍ତାରେ ଘୋଷାରି ମାଡ଼ ମାରିଲେ ପୁଅ, ବୋହୂ

ଭୁବନେଶ୍ୱର,୨୨।୧୨ (ସୂର୍ଯ୍ୟକାନ୍ତ ବେହେରା)

ବିଦ୍ୟୁତ୍ ବିଲ୍ ଦେବାକୁ କହିବାରୁ ସ୍ତ୍ରୀ ସହ ମିଶି ନିଜ ମା'ଙ୍କୁ ରାସ୍ତାରେ ଘୋଷାରି ମାଡ ମାରିଲେ ପୁଅ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣି ମୁଣ୍ଡା ବସ୍ତିରେ ଏଭଳି ଏକ ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି। ବଡ ପୁଅ ଓ ବୋହୂଙ୍କ ଏପରି ନିର୍ଯାତନାର ଶିକାର ହୋଇଥିବା ୫୫ ବର୍ଷିୟା ମା' ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ନିର୍ଯାତନାର ଶିକାର ହୋଇଥିବା ମା' ବଡ ପୁଅ ଓ ବୋହୂଙ୍କ ସହ ଚକେଇସିହାଣି ମୁଣ୍ଡା ବସ୍ତିରେ ରୁହନ୍ତି। ହେଲେ ବଡ ପୁଅ ତାଙ୍କର କୌଣସି ଦେଖାଶୁଣା କରନ୍ତି ନାହିଁ। ଏପରିକି ଘରର ବିଦ୍ୟୁତ୍ ବିଲ୍ ମା'ଙ୍କ ନାମରେ ଆସୁଥିଲେ ମଧ୍ୟ ପୁଅ ପୈଠ କରୁ ନ ଥିଲେ। ଏହି ବିଲ୍ ଦେବାକୁ କହିବାରୁ ଅଭିଯୁକ୍ତ ବଡ ପୁଅ ରାଗି ଯାଇ ନିଜ ସ୍ତ୍ରୀ ସହ ମିଶି ଲୁହା ରଡ ଓ କାଠ ଫାଳିଆରେ ମା'ଙ୍କୁ ମାଡ଼ ମାରିଥିଲେ। ଏପରିକି ମହିଳା ଜଣକ ଚିତ୍କାର କରିବା ସହ ସେମାନଙ୍କ କବଳରୁ ବର୍ତ୍ତିବାକୁ ଉଦ୍ୟମ କରୁଥିଲେ ମଧ୍ୟ ତାଙ୍କୁ ଉଭୟ ପୁଅ ଓ ବୋହୂ ରାସ୍ତାରେ ଘୋଷାରି ଆକ୍ରମଣ କରିଥିଲେ। ଫଳରେ ମହିଳା ଜଣକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ

## ନିଲମ୍ବିତ ପିଇଓଙ୍କୁ ଉଠାଇନେଲା ଭିଜିଲାନ୍ସ

ନବରଙ୍ଗପୁର,୨୨।୧୨ (ସଦାଶିବ ପ୍ରହରାଜ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗରେ ରାଇଘର ବ୍ଲକ ତୁରୁଡ଼ିହି ପଞ୍ଚାୟତର ନିଲମ୍ବିତ ପିଇଓ ସୁରେନ୍ଦ୍ର ଭତ୍ରାଙ୍କୁ ନବରଙ୍ଗପୁର ଭିଜିଲାନ୍ସ ଗିରଫ କରିଛି। ଏବେ ତାଙ୍କୁ କୋରାପୁଟ ଜିଲା ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ସୁରେନ୍ଦ୍ର ଭତ୍ରା ରାଇଘର ବ୍ଲକ ତୁରୁଡ଼ିହି, କଚରାପାରା-୩ ଓ ପରଚିପାରା ପଞ୍ଚାୟତ ପିଇଓ ଦାୟିତ୍ୱରେ ଥିଲେ। ତୁରୁଡ଼ିହି ପଞ୍ଚାୟତରେ ୬୫ ଲକ୍ଷ ଟଙ୍କା



ସୁରେନ୍ଦ୍ର ଭତ୍ରା

ଆତ୍ମସାତ କରିଥିବା ନେଇ ରାଇଘର ବିଡିଓ ଲକ୍ଷ୍ମୀ ସାଗର ମାଝୀ କୁନ୍ଦେଇ ଥାନାରେ ସେପ୍ଟେମ୍ବରରେ ଅଭିଯୋଗ କରିଥିଲେ। ଏହାପରେ ପିଇଓଙ୍କୁ ଜିଲାପାଳ ନିଲମ୍ବିତ କରିଥିଲେ। ଏବେ ଅନ୍ୟ ୨ ପଞ୍ଚାୟତରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଶନିବାର ରାତିରେ ନବରଙ୍ଗପୁର ସହରରୁ ଭିଜିଲାନ୍ସ ତାଙ୍କୁ ଉଠାଇ ନେଇଛି। ସୁରେନ୍ଦ୍ର ପରଚିପାରା ପଞ୍ଚାୟତରେ ଚାଉଳ, ଉନ୍ନୟନମୂଳକ କାର୍ଯ୍ୟ, ପେନ୍‌ସନ, ସିଏଫ୍‌ସି, ଏସ୍ଏଫ୍‌ସି ପାଣ୍ଠିରୁ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଓ କଚରାପାରା-୩ ପଞ୍ଚାୟତରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଥିଲା। ନବରଙ୍ଗପୁର ଭିଜିଲାନ୍ସ ନିଜ ପଟୁ ୨ଟି ମାମଲା (କେସ୍ ନଂ.- ୨୭ ଓ ୨୮/୨୦୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ସେ କୁନ୍ଦେଇ ଥାନା ମାମଲାକୁ ନେଇ ସର୍ତ୍ତମୂଳକ ଜାମିନରେ ଆସି କାର୍ଯ୍ୟରେ ଯୋଗ ନ ଦେବା ସହ ତଦନ୍ତରେ କୌଣସି ସହଯୋଗ କରୁ ନ ଥିଲେ ବୋଲି କୁହାଯାଇଛି।

# ମହିଳାଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୨୨।୧୨ (ସୂର୍ଯ୍ୟକାନ୍ତ ବେହେରା)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କୁ ପ୍ରତାରଣା କରିବା ସହ ତାଙ୍କ ସହ ଥିବା ଆପତ୍ତିଜନକ ଭିଡିଓକୁ ଭାଇରାଲ କରିବା ମାମଲାରେ ଲିଙ୍ଗରାଜ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲିପାଟଣା ଅଞ୍ଚଳର ଜଗା ଜଗନ୍ନାଥ ପାଲ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ପୀଡ଼ିତା ଜଣକ ସ୍ୱାମୀ ପରିତ୍ୟକ୍ତା। ତାଙ୍କର ତିନୋଟି ସନ୍ତାନ ଥିବାରୁ ସେ ଦୈନିକ କାମଧନ୍ଦା କରି ପ୍ରତିପୋଷଣ କରନ୍ତି। କୌଣସି ଏକ ସ୍ଥାନରେ କାମ କରୁଥିବାବେଳେ ଅଭିଯୁକ୍ତ ଜଗନ୍ନାଥଙ୍କ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ପୀଡ଼ିତାଙ୍କ ସହିତ ପ୍ରଥମେ ବନ୍ଧୁତା ସ୍ଥାପନ କରିବା ସହିତ ତାଙ୍କ ବିଷୟରେ ସବୁକିଛି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲେ। ହେଲେ ପୀଡିତା ଜଣକ ବିବାହ କଥା ପଚାରିବାରୁ ସେ ନାନା ବାହାନା କରି ସମୟ ଗଡ଼ାଇବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଜଗନ୍ନାଥ ଫସାଇବାକୁ ତାଙ୍କ ଅଜାଣତରେ ଆପତ୍ତିଜନକ ଫଟୋ ଓ ଭିଡିଓ ଉତ୍ତୋଳନ କରି ପରବର୍ତ୍ତୀ ସମୟରେ ଭାଇରାଲ କରିଦେଇଥିଲେ। ଏହା ଜାଣିବା ପରେ ପୀଡ଼ିତା ଜଣକ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଘୁଷୁରି ପ୍ରକୃତି ପଙ୍କରେ ଲୋଟେ
ମଣିଷ ପ୍ରକୃତି ମରିଲେ ତୁଟେ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବମ ତଥା ପରମ୍। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ପ୍ରକୃତି ଓ ସ୍ୱଭାବକୁ ଛାଡ଼ିପାରି ନ ଥାଏ। ଯାହାର ଯାହା ସ୍ୱଭାବ ତା'କୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରର ଉପରେ ଘର
ସୁନା ଖମ୍ବ ପରି ତିନି ଦିଅର
ଚନ୍ଦରଉଦିଆ ବର।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ। ଶାଶୁଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍ସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

## ଥାନାରେ ଅଭିଯୋଗ

ନାଉଗାଁ,୨୨।୧୨(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ଛାତ୍ରୀଙ୍କ ମା' ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏନେଇ ଏକ ଫଟୋ ଷ୍ଟୁଡିଓର କମ୍ପ୍ୟୁଟର ଯାଞ୍ଚ କରାଯାଇଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ନୀଳମଣି ନାୟକ ପ୍ରକାଶ କରିଛନ୍ତି।

ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ମୁତାବକ, ମୋବାଇଲରେ ଝିଅର ଅଶ୍ଳୀଳ ଫଟୋ ଘୂରିବୁଲୁଥିବା ଜାଣିବା ପରେ ସେ ପଡ଼ୋଶୀଙ୍କ ସହାୟତା ନେଇଥିଲେ। ପଡୋଶୀଙ୍କ ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଏକ ଷ୍ଟୁଡିଓରେ ଜଣେ ଯୁବକ ଫଟୋ ଏଡିଟିଂ କରନ୍ତି। ସେ ସମ୍ପୃକ୍ତା ଛାତ୍ରୀଙ୍କ ଭଲ ଫଟୋ ମୋବାଇଲ୍‌ରୁ ନେଇ ତାକୁ ଏଡିଟିଂ ଜରିଆରେ ଅଶ୍ଳୀଳ କରି ଅନ୍ୟ ମୋବାଇଲକୁ ଛାଡ଼ିଛନ୍ତି। ଫଳରେ ଝିଅ ପାଠ ପଢି ପାରୁ ନ ଥିବା ବେଳେ ଲୋକ ଲଜ୍ୟାରେ ଘର ବାହାରକୁ ମଧ୍ୟ ବାହାରି ପାରୁନାହିଁ। ଏହାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ଅଭିଯୋଗରେ ଦର୍ଶାଯାଇଛି।

# ୧୩ ମାଓବାଦୀ ଗିରଫ

ମାଲକାନଗିରି, ୨୨।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାର ଦୁଇଟି ସ୍ଥାନରୁ ୮ ଓ ସୁକମା ଜିଲା ପୋଲିସ ଦ୍ୱାରା ୫ ମୋଟ ୧୩ ମାଓବାଦୀ ରବିବାର ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, ବିଜାପୁର ଜିଲା ବାସାଗୁଡ଼ା ଥାନା ସାରକେଗୁଡ଼ା ଓ ରାଜପେଣ୍ଟାକୁ ଯିବା ରାସ୍ତା ନିକଟରେ କେତେଜଣ ବ୍ୟକ୍ତି ପୋଲିସକୁ ଦେଖି ଫେରାର ହେବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ଓ ଯବାନମାନେ ସେମାନଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ନାଗେଶ, ମାସା ହେମଲା, ସନୁ ଓୟାମ ଓ ଲେମାମ ଛୋଟ୍ରା ବୋଲି ପରିଚୟ ଦେଇଥିଲେ। ଏହି ୪ଜଣଙ୍କ ନିକଟରୁ କୁକର ବୋମା, ଟିଫିନ ବୋମା, କୋଡେକ୍ସ ତାର,







ବ୍ୟାଟେରି, ଔଷଧ ଓ ମାଓବାଦୀ ପୁସ୍ତକ ଜବତ କରାଯାଇଛି। ସେହିପରି ନେମେଡ଼ ଥାନା ଅଞ୍ଚଳ ମୁସାଲୁର ନିକଟ ଜଙ୍ଗଲରୁ ୪ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ ଶଙ୍କର ପୁନେମ, ବଦରୁ ଅବଲମ୍, ସୋନୁ ପୋୟାମ ଓ କମଲୁ ହେମଲା। ସେହିପରି ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଦ୍ୱାରା ୪ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୫ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁଚାକି ହୁଙ୍ଗା, କବାସୀ ଗାଙ୍ଗୀ, ମାଡବି ହୁଙ୍ଗା, ପଡିୟମ୍ ଦେବା ଓ ମୁକେଶ ପଡିୟମ ରହିଛନ୍ତି। ଏମାନେ ଚିନ୍ତାଗୁଫା ଅଞ୍ଚଳର ବିଭିନ୍ନ ଘଟଣାରେ ଜଡ଼ିତ ଥିବାବେଳେ ଏମାନଙ୍କ ନାଁରେ ସୁକ୍‌ମା ଜିଲା ଅନ୍ତର୍ଗତ ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏହି ୧୩ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲାରେ ଯୁବକ ଗିରଫ

ଗୁଣପୁର,୨୨।୧୨(ପ୍ରଦୀପ କୁମାର ପାଢ଼ୀ)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯିବା ଘଟଣାରେ ରାୟଗଡ଼ା ଜିଲା ଗୁଣପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଲତାରଗୁଡା ଗ୍ରାମର ରାହୁଲ ଗମାଙ୍ଗ(୨୩)। ପୁଟାସିଂ ଥାନା ଅଞ୍ଚଳର ଜଣେ ନାବାଳିକା (୧୫)ଙ୍କୁ ଅପହରଣ କରାଯାଇ ବଳାତ୍କାର କରାଯାଇଥିବା ପୀଡ଼ିତାଙ୍କ ବାପା ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଥାନାରେ କେସ୍ ନଂ-୫୪/୨୪ରେ ମାମଲା ରୁଜୁ କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ଘଟଣାରେ ତଦନ୍ତ କରାଯାଇ ଅଭିଯୁକ୍ତ ରାହୁଲଙ୍କୁ ପୋଲିସ ଗିରଫ କରିଥିବା ଆଇଆଇସି ଭବାନୀ ମୁଦୁଲି ସୂଚନା ଦେଇଛନ୍ତି।

# ଜାଲ୍ କାଗଜପତ୍ରରେ ଜମି ପଞ୍ଜୀକରଣ, ଭଉଣୀଭାଇଙ୍କ ସମେତ ୪ ଗିରଫ

ବ୍ରହ୍ମପୁର,୨୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଉପନିବନ୍ଧକ (ସବ୍-ରେଜିଷ୍ଟ୍ରର)ଙ୍କ କାର୍ଯ୍ୟାଳୟ-୨ରେ ନକଲି କାଗଜପତ୍ର ଦାଖଲ କରି ଏକ ଜମିକୁ ପଞ୍ଜୀକରଣ ଉଦ୍ୟମ କରୁଥିବା ୪ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ରମ୍ଭା ନିକଟ ହରିପୁର ବୁରୁଡିର ପ୍ରଶାନ୍ତି ନାହାକ(୩୦), ପୁଷ୍ପାଞ୍ଜଳି ନାହାକ ଓରଫ ମିନି(୩୧) ଓ ତାଙ୍କ ଭାଇ ଶାନ୍ତନୁ କୁମାର ନାହାକ(୩୫) ଓ ଶିପକୁଡା ଗ୍ରାମର ବାସନ୍ତୀ ନାହାକ ଓରଫ ପାଞ୍ଚେଇ(୫୨)। ସେମାନଙ୍କ ନିକଟରୁ ଇ-ଷ୍ଟାମ୍ପ୍ ପେପର, ପାର୍ଟିସନ ଡିଡ୍, ଟ୍ରେସ୍ ମ୍ୟାପ୍, ଆଧାର କାର୍ଡ, ଇସି, ମନି ରସିଦ, ସେଲ୍ ଡିଡ୍ ସହ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି।

ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସୂଚନାପ୍ରକାରେ, ଅଭିଯୁକ୍ତ ମହିଳା ପ୍ରଶାନ୍ତି ଏବଂ ମଧୁରବୁଆ ଗ୍ରାମର କବିତା ନାହାକ ଗୁଜୁରାଟରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ



ବନ୍ଧୁତା ଥିଲା। ୨୦୧୯ରେ ଉଭୟ କନିଷି ତହସିଲ ଅନ୍ତର୍ଗତ କରାପଲ୍ଲୀ ମୌଜାରେ ମିଳିତଭାବେ ୧୭୪୨ ଡେସିମିଲ ଜମି କିଣିଥିଲେ। ତେବେ ସେହି ଜମିଟି ଦୀର୍ଘ ଦିନ ଧରି ପ୍ରଶାନ୍ତି ଓ କବିତାଙ୍କ ନାମରେ ପଞ୍ଜୀକରଣ ହୋଇ ନ ଥିବାରୁ ବର୍ତ୍ତମାନ ଯାଏ ଜମି ବିକିଥିବା ମାଲିକଙ୍କ ନାଁରେ ଥିଲା। ସେହିକ୍ରମରେ ପ୍ରଶାନ୍ତି ଉକ୍ତ ଜମିକୁ ନିଜର ଏବଂ କବିତାଙ୍କ ନାଁରେ କରିବାକୁ ବ୍ରହ୍ମପୁର ଉପନିବନ୍ଧକ-୨ଙ୍କ କାର୍ଯ୍ୟାଳୟକୁ ଯାଇ ଜମିର ସଂଶୋଧିତ ଦସ୍ତାବିଜ ପାଇଁ ଆବେଦନ କରିଥିଲେ। ଏହାପରେ କବିତାଙ୍କୁ ଗୁଜୁରାଟରୁ ବ୍ରହ୍ମପୁର ଆସିବାକୁ ସେ କହିଥିଲେ। ହେଲେ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ କବିତା ଆସିପାରିବେ ନାହିଁ ବୋଲି କହିଥିଲେ। ପରେ ପ୍ରଶାନ୍ତି ସେହି ଜମି ନିଜ ନାମରେ ପଞ୍ଜୀକରଣ ପାଇଁ କବିତାଙ୍କ ବଦଳରେ ଅନ୍ୟ ଜଣେ ମହିଳାଙ୍କୁ କବିତା ଭାବେ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଛିଡ଼ା କରାଇ ଜମି ପଞ୍ଜୀକରଣ ପାଇଁ ଯୋଜନା କରିଥିଲେ। ପ୍ରଶାନ୍ତିଙ୍କ କହିବା ମୁତାବକ ବାସନ୍ତୀ ନାହାକ ନିଜକୁ କବିତା ନାହାକ ବୋଲି ଦର୍ଶାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ସେହିପରି ପୁଷ୍ପାଞ୍ଜଳି ଓ ତାଙ୍କ ଭାଇ ଶାନ୍ତନୁ ସାକ୍ଷୀ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ବାସନ୍ତୀ ଜମି ପଞ୍ଜୀକରଣ ପାଇଁ ନିଜ ଆଧାର କାର୍ଡ ଦେଇଥିଲେ। ହେଲେ ଆଖି ଓ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ବେଳେ ପ୍ରକୃତ ଜମି ମାଲିକ କବିତାଙ୍କ ତଥ୍ୟ ସହ ତାହା ମେଳ ଖାଇ ନ ଥିଲା। ବାସନ୍ତୀ ପ୍ରକୃତ ଜମି ମାଲିକ ତଥା କବିତା ନୁହେଁ ବୋଲି ଜଣାପଡ଼ିଥିଲା। ଉପନିବନ୍ଧକ ସମରଜିତ ତ୍ରିପାଠୀଙ୍କ ପକ୍ଷରୁ ଏହି ଜାଲିଆତି ଏବଂ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୩୮୩/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଏସିସ୍ ଫର୍ଟିଲିଟିର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୨।୧୨ (ଅଭୟ ଦାଶ)

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ପ୍ରଜନନ ଜନିତ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ପ୍ରଜନନ ଚିକିତ୍ସା ଏବଂ ଯତ୍ନ କ୍ଷେତ୍ରରେ ଭୁବନେଶ୍ୱରର ଜୟଦେବବିହାରସ୍ଥିତ ଓଏସିସ୍ ଫର୍ଟିଲିଟି ସେଣ୍ଟର ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ଏହାର ଅତ୍ୟାଧୁନିକ ପ୍ରଜନନ ସେବା ଏବଂ ରୋଗୀକେନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ସ୍ଥାନୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ଏବଂ ଆଖପାଖ ଅଞ୍ଚଳର ଦମ୍ପତିଙ୍କ ବିଶ୍ୱାସ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଓଏସିସ୍ ଫର୍ଟିଲିଟି ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥିଲା। ଅପରପକ୍ଷରେ ୪୦୦୦ ସନ୍ତାନହୀନ ଦମ୍ପତି ସଫଳତାର ସହ ଚିକିତ୍ସା କରିବା ଏବଂ ଏକ ଆନନ୍ଦଦାୟକ ବେବି ସାୱାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ସମ୍ପର୍କରେ ଓଏସିସ୍ ଫର୍ଟିଲିଟିରେ କ୍ଲିନିକାଲ ହେଡ୍ ତଥା ଫର୍ଟିଲିଟି ସ୍ପେଶାଲିଷ୍ଟ ଡା. ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସ୍ଥାନୀୟ ସମୁଦାୟକୁ ସର୍ବୋଚ୍ଚ ପ୍ରଜନନ ଚିକିତ୍ସା ଯୋଗାଇବା ପାଇଁ ଆମର ସମର୍ପଣ ଆମେ ହାସଲ କରିଥିବା ସଫଳତାରେ ପ୍ରତିଫଳିତ ହୋଇଛି। ଏପରିକି ଆମେ ଆମର ଗୁଣବତ୍ତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଉନ୍ନତ ପ୍ରଜନନ ଯତ୍ନକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରୁଛୁ, ଆଗାମୀ ଦିନରେ ଓଏସିସ୍ ଫର୍ଟିଲିଟି ବ୍ୟାପକତା ଏବଂ ପ୍ରଭାବକୁ ଆହୁରି ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଆମର ନୂତନ ସେବା ଆରମ୍ଭ କରିବା ଏବଂ ସମଗ୍ର ଭାରତରେ ଅତିରିକ୍ତ କେନ୍ଦ୍ର ଖୋଲିବାକୁ ଯୋଜନା ରହିଛି, ଯାହା ଦ୍ୱାରା ଅଧିକ ବ୍ୟକ୍ତି ଏବଂ ମାତାପିତା ଚାହୁଁଥିବା ଦମ୍ପତିଙ୍କ ପାଇଁ ଉନ୍ନତ ପ୍ରଜନନ ସେବା ଉପଲବ୍ଧ ହେବ। ଏହି ସେଣ୍ଟର ପ୍ରତିଷ୍ଠା ପରଠାରୁ ଓଏସିସ୍ ଫର୍ଟିଲିଟି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତିଙ୍କର ସଫଳ ଚିକିତ୍ସା କରାଇଛି। ଏପରିକି ଅନେକ ଦମ୍ପତିଙ୍କୁ ଆଇଭିଏଫ୍, ଆଇସିଏସ୍ଆଇ, ସିଏପିଏ-ଆଇଭିଏମ୍, ପିଜିଟି, ଇଆରଏ, ଟେସା ଭଳି ଉନ୍ନତ ପଦ୍ଧତି ଏବଂ ମାଇକ୍ରୋଫ୍ଲୁଇଡିକ୍ସ ଭଳି ବିଭିନ୍ନ ଶୁକ୍ରାଣୁ ଚୟନ ପଦ୍ଧତି ସହିତ ଓଓସାଇଟ୍ ଏବଂ ଶୁକ୍ରାଣୁ କ୍ରାୟୋପ୍ରିଜର୍ଭେଶନ୍ ଏବଂ ପ୍ରଜନନ ବୃଦ୍ଧିକାରୀ ଅସ୍ତ୍ରୋପଚାର ମାଧ୍ୟମରେ ସେମାନଙ୍କ ମାତାପିତା ହେବା ସ୍ୱପ୍ନ ସାକାର କରିବାରେ ବେଶ୍ ସହାୟକ ହୋଇଛି।





D-2328

# ୧.୪୬ ଲକ୍ଷ କୋଟିର ପୁଞ୍ଜିନିବେଶ

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ୨୦୨୦ରୁ କାର୍ଯ୍ୟକାରୀ ହେଉଥିବା ପିଏଲଆଇ ଯୋଜନା ପୁଞ୍ଜି ନିବେଶ, ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪ ଅଗଷ୍ଟ ସୁଦ୍ଧା ୧୪ଟି କ୍ଷେତ୍ରରେ ୧.୪୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଫଳରେ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଉତ୍ପାଦନ ଓ ବିକ୍ରୟ ହୋଇଛି। ଏହାସହ ୯.୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ରପ୍ତାନି ପରିମାଣ ୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ୨୦୨୨-୨୩ ଆର୍ଥିକ ବର୍ଷ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ୮ଟି




କ୍ଷେତ୍ରରେ ଯଥାକ୍ରମେ ୨,୯୬୮ କୋଟି ଟଙ୍କା ଏବଂ ୯ଟି କ୍ଷେତ୍ରରେ ୬,୭୫୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଭାରତର ଉତ୍ପାଦନ କ୍ଷମତା ଏବଂ ରପ୍ତାନି ବୃଦ୍ଧି ପାଇଁ ୧.୯୭ ଲକ୍ଷ କୋଟି ଟଙ୍କା ବ୍ୟୟରେ ୧୪ଟି ପ୍ରମୁଖ କ୍ଷେତ୍ର ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଘୋଷଣା କରାଯାଇଛି। ଏହି ୧୪ଟି କ୍ଷେତ୍ର ମଧ୍ୟରେ ୭୬୪ଟି ଆବେଦନକୁ ଅନୁମୋଦନ ମିଳିଛି। ଏହି ୭୬୪ଟି ଅନୁମୋଦନ ମଧ୍ୟରୁ ଖାଦ୍ୟ ଉତ୍ପାଦ କ୍ଷେତ୍ର ସର୍ବାଧିକ ୧୮୨ଟି ଅନୁମୋଦନ ପାଇଥିବା ବେଳେ ଯାନବାହନ ଓ ଯାନବାହନ ସରଞ୍ଜାମ କ୍ଷେତ୍ର ୯୫ଟି ଅନୁମୋଦନ ସହ ତୃତୀୟ ସ୍ଥାନରେ ରହିଛି। ଏମଏମଏଫ ବିଭାଗ ଏବଂ ବୈଷୟିକ ବୟନଶିଳ୍ପକୁ ୭୪ଟି ଆବେଦନ ମଞ୍ଜୁର ହୋଇଥିବା ବେଳେ ସ୍ୱତନ୍ତ୍ର ଇସ୍ପାତକୁ ୬୭ଟି ଏବଂ ଏସି ଓ ଏଲଇଡିକୁ ୬୬ଟି ଅନୁମୋଦନ ମିଳିଛି। ଏହାବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ଷ୍ଟାର୍ଟିଂ ସାମଗ୍ରୀ / ଡ୍ରଗ ଇଣ୍ଟରମିଡିଆରୀ ଓ ସକ୍ରିୟ ଔଷଧୀୟ ଉପାଦାନ ଭଳି କ୍ଷେତ୍ରକୁ ୫୧ଟି, ଔଷଧୀୟ ସାମଗ୍ରୀକୁ ୫୫୫ଟି, ଟେଲିକମ ଓ ନେଟୱର୍କିଂ ଉତ୍ପାଦକୁ ୪୨ଟି ଏବଂ ଇଲେକ୍ଟ୍ରୋନିକ/ ଟେକ୍ନୋଲୋଜି ଉତ୍ପାଦକୁ ୨୭ଟି ଅନୁମୋଦନ ମିଳିଛି। ମେଡିକାଲ ଡିଭାଇସ ଉତ୍ପାଦନ ଏବଂ ମୋବାଇଲ ଉତ୍ପାଦନ ଏବଂ ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ ଉପାଦାନ ଉଭୟ ୩୨ଟି ଲେଖାଏଁ ଅନୁମୋଦନ ପାଇଥିଲା। ଡ୍ରୋନ ଏବଂ ଡ୍ରୋନ ଉପାଦାନ ଭଳି ଉଦୀୟମାନ କ୍ଷେତ୍ରକୁ ୨୩୦, ଉଚ୍ଚ ଦକ୍ଷତା ବିଶିଷ୍ଟ ସୌର ପିଭି ମଡ୍ୟୁଲକୁ ୧୪ ଏବଂ ଆଡଭାନ୍ସଡ କେମିଷ୍ଟ୍ରି ସେଲ (ଏସିସି) ବ୍ୟାଟେରୀକୁ ୪୫ଟି ଅନୁମୋଦନ ମିଳିଛି।

# ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ ଉଦ୍‌ଯାପିତ

ଭୁବନେଶ୍ୱର,୨୨।୧୨

ନବସୃଜନ ଓ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଆଇସି-ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ୍ ବା ଏଆଇସି-ଏନ୍ଆଇଟିଏଫ୍ ପକ୍ଷରୁ ଆୟୋଜିତ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍-୨୦୨୪ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଆଇଟିସି ୱେଲକମ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ୩୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏପରିକି ଏହି କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ବୃଦ୍ଧି ପାଉଥିବା ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରଦର୍ଶିତ କରିବା ସହ ସହଯୋଗ, ନବସୃଜନ ଓ ଅଭିବୃଦ୍ଧି ସମ୍ପର୍କରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଅଟଳ ଇନୋଭେଶନ ମିଶନ, ଷ୍ଟାର୍ଟଅପ୍ ଓଡ଼ିଶା, ଫ୍ଲୁଇଡ୍ ଭେଞ୍ଚର୍ସ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ବା ୟୁସିଆଇଏଲ୍ ଏବଂ କାନାରା ବ୍ୟାଙ୍କ ସମେତ ଅନେକ ଅଂଶୀଦାରଙ୍କ ସହଯୋଗରେ ଏହି ସମାରୋହ 'ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍-୨୦୨୪'ର ଆୟୋଜନ କରାଯାଇଥିଲା। ଏପରିକି ଗତ ୧୫ ଦିନର ଏହି କାର୍ନିଭାଲରେ ଉଦ୍ୟୋଗୀ, ନିବେଶକ, ସରକାରୀ ପ୍ରତିନିଧି ଓ ଅନ୍ୟ ଅଂଶୀଦାରଙ୍କୁ ନେଇ ଏକାଧିକ କାର୍ଯ୍ୟକ୍ରମ ଏବଂ ଆକର୍ଷଣୀୟ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଯାହା ସଂଯୋଗ, ଜ୍ଞାନ ବିନିମୟ ଏବଂ ରଣନୀତିକ ସୁଗମ କରିବା ପାଇଁ ଆବଶ୍ୟକ ଡିଜାଇନ୍ କରାଯାଇଥିଲା। ଏହି ସମାପନ ସମାରୋହରେ ଓଡ଼ିଶାର ଉଦ୍ୟୋଗୀ ମନୋଭାବ ଏବଂ ଅଭିନବତାର କେନ୍ଦ୍ର ଭାବେ ଏହାର ବଢୁଥିବା ପ୍ରାଧାନ୍ୟକୁ ପାଳନ କରାଯାଇଥିଲାବେଳେ ପ୍ରତିଷ୍ଠାତା, ଉଦ୍ୟୋଗୀ, ନିବେଶକ, ଉଦ୍ଭାବକ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିନିଧି ଏବଂ ସରକାରୀ ପ୍ରତିନିଧିଙ୍କ ବିବିଧ ଦର୍ଶକ ଓଡ଼ିଶା ଷ୍ଟାର୍ଟଅପ୍ ବ୍ୟବସ୍ଥାର ଶକ୍ତି ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରଦର୍ଶିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଆଇସି-ଏନଆଇଟିଏଫର ପରାମର୍ଶଦାତା ବୋର୍ଡ ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଉଦ୍ୟୋଗୀ ଭାବନାକୁ ପ୍ରୋତ୍ସାହିତ ଓ ବିସ୍ତାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏପରିକି ଉଦ୍ଭାବନ ଓ ଉଦ୍ୟୋଗର ଜାତୀୟ କେନ୍ଦ୍ର ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ନିରନ୍ତର ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ୧୨ମାସରେ ୩୬କୋଟିର ବ୍ୟବସାୟ

ଭୁବନେଶ୍ୱର,୨୨।୧୨

ଦେଶର ପ୍ରମୁଖ ଘରୋଇ ଉଦ୍ୟୋଗ ପ୍ରତିଷ୍ଠାନ ତଥା ବିଜ୍‌ନେସ୍ ନେଟ୍‌ୱର୍କ ଇଣ୍ଡିଆ (ବିଏନ୍ଆଇ)ର ଭୁବନେଶ୍ୱର ନେଟ୍‌ୱର୍କ 'ବିଏନ୍ଆଇ ସଲିଟେୟାର'ର ୪ର୍ଥ ଚାପ୍ଟର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମେଗା ଭିଜଟର ଡେ' ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୧ରେ ବିଏନ୍ଆଇ ସଲିଟେୟାରର ପ୍ରତିଷ୍ଠା ହୋଇଥିଲାବେଳେ ଗତ ୪ ବର୍ଷ ମଧ୍ୟରେ ଏହାର ଭୁବନେଶ୍ୱର ନେଟ୍‌ୱର୍କ ମୋଟ ୧୪୩,୨୯,୬୨,୫୬୩ ଟଙ୍କାର କାରବାର କରିଥିଲାବେଳେ ୨୦୨୪ରେ ନେଟ୍‌ୱର୍କ ପ୍ରାୟ ୩୬ କୋଟି (କୋଟି ୩୫,୮୪,୬୩,୫୩୬ ଟଙ୍କା) ଟଙ୍କାର କାରବାର କରିଛି। ଏହି ଅବଧି ମଧ୍ୟରେ ନେଟ୍‌ୱର୍କ ମୋଟ ୩,୩୩,୨୪,୭୧୧ ସଦସ୍ୟଙ୍କ ସହ କାରବାର କରିଥିବା ଚାପ୍ଟର ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଏହି ଅବସରରେ ଜିନ୍ଦଲ ଇଣ୍ଡଷ୍ଟ୍ରିଆଲ ପାର୍କର ଇଭିପି ବି.ପି. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଏନ୍ଆଇ ସଲିଟେୟାର ଏବଂ ମେଗା ଭିଜଟର ଡେର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାପ୍ଟର ସଭାପତି ଦିନେଶ ବିନ୍ଦଲ, ଭିପି ଅମ୍ବେଶ ପୋଦ୍ଦାର, ଏସ୍‌ଟି ଦୀପକ ପୋଥାଲ ଏବଂ ଏଲ୍‌ଭିଟି ନଭତେଜ୍ ସିଂ ଚଣ୍ଡୋକେ ଏବଂ ଚାପ୍ଟରର ସଦସ୍ୟଙ୍କ ସମେତ ୫୦ରୁ ଅଧିକ ଭିଜିଟର ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378




SALE

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429. D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

Gharabari converted plots available near Hitech Square, Sundarpada, Bhubaneswar. For more details contact- 9853035888, 9437054765. D-2357




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

AFFIDAVIT

By virtue of an affidavit sworn before the Executive Magistrate, Puri, dated 20.12.2024 Jyotsnamayee Mahapatra, W/o Haraprasad Mahapatra resident of at Balabhadra Lane, Baliapanda Road, Puri-1, P.S.- Baliapanda, Dist.- Puri, Pin-752001, Odisha, State that my actual name is Jyotsnamayee Mahapatra. But in K.V. Certificate of my son Lokanath Mahapatra, my name has been mentioned as Jyotsnamayee Dash. That Jyotsnamayee Dash and Jyotsnamayee Mahapatra is one and same person i.e myself. D-2358


ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Suryanarayan Sahu, S/o Late Dandapani Sahu, At- Haridanali, P.O./P.S.- Athmallik, Dist.- Angul, Pin-759125, Odisha, declare by this affidavit No. 725, dtd. 20.11.2024 that my name was wrongly mentioned Surjya Narayana Sahu instead of Suryanarayan Sahu in my son's Prabhat Kumar Sahu H.S. certificate. Now onwards I shall be known as SURYANARAYAN SAHU. This affidavit is required in favour of my son Prabhat Kumar Sahu's Passport and all future purposes. D-75476

See Career Appointment on every Wednesday & Saturday


# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ସୋର୍ଡ ଅଫ୍ ଅନର ପୁରସ୍କାର

ନୂଆଦିଲ୍ଲୀ,୨୨।୧୨



ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ଓ ସ୍ୱୀକୃତି 'ସୋର୍ଡ ଅଫ୍ ଅନର' ମିଳିଛି। ଏପରିକି ଜେଏସ୍‌ଏଲ୍‌ର ହିସାର ୟୁନିଟକୁ ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ ସମ୍ମାନଜନକ 'ସୋର୍ଡ ଅଫ୍ ଅନର' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ବିଶ୍ୱସ୍ତରୀୟ ପୁରସ୍କାର ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପରିଚାଳନାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ସଂସ୍ଥାଗୁଡ଼ିକୁ ସୋର୍ଡ ଅଫ୍ ଅନର ପ୍ରଦାନ କରାଯାଇଥାଏ। ୨୦୨୪ରେ ଏହି ମାନ୍ୟତା ପାଇବାରେ ବିଶ୍ୱର ମାତ୍ର ୭୧ଟି ଅନୁଷ୍ଠାନ ମଧ୍ୟରୁ ଜିନ୍ଦଲ ଷ୍ଟେନଲେସ୍ ଅନ୍ୟତମ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା କମ୍ପାନୀର ସୁଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ପରିଚାଳନାଗତ ଉତ୍କର୍ଷକୁ ସୂଚାଉଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ଏହି ସମ୍ମାନ ଜିନ୍ଦଲ ଷ୍ଟେନ୍‌ଲେସରେ ସୁରକ୍ଷା ଏବଂ ପରିଚାଳନାଗତ ଉତ୍କର୍ଷ ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ଏପରିକି ଆମେ ଆମର କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଆମେ ନିରନ୍ତର ଅଭିବୃଦ୍ଧି ଦିଗରେ ଆଗକୁ ବଢୁଥିବାବେଳେ ଏହି ସ୍ୱୀକୃତି ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡକୁ ବଜାୟ ରଖିବା ପାଇଁ ଆମର ସଂକଳ୍ପକୁ ଆହୁରି ଦୃଢ଼ କରିଛି। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସ ହିସାର ୟୁନିଟର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ହେଡ ବିଜୟ ବିନ୍ଦଲିଶ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହୋଇଥିଲାବେଳେ ଶୂନ୍ୟ ଦୁର୍ଘଟଣା ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତା, ସର୍ବୋଚ୍ଚ ନିରାପତ୍ତା ମାନଦଣ୍ଡ ବଜାୟ ରଖିବା ଦିଗରେ ଆମର ସମର୍ପିତ ମନୋଭାବକୁ ପ୍ରତିଫଳିତ କରିଛି। ଉଲ୍ଲେଖଯୋଗ୍ୟ, ସୋର୍ଡ ଅଫ୍ ଅନର ପାଇବା ପାଇଁ ୨୦୨୩ ଅଗଷ୍ଟ ୧ରୁ ୨୦୨୪ ଜୁଲାଇ ୩୧ ମଧ୍ୟରେ ଅନୁଷ୍ଠିତ ବ୍ରିଟିଶ ସେଫ୍ଟି କାଉନସିଲର ସ୍ୱାସ୍ଥ୍ୟ ଓ ସୁରକ୍ଷା ପରିଚାଳନା ଅଡିଟ୍ ଯୋଜନାରେ ସଂସ୍ଥାଗୁଡିକ ୫ତାରକା ରେଟିଂ ହାସଲ କରିବା ଆବଶ୍ୟକ ରହିଛି। ଏପରିକି କମ୍ପାନୀର ହିସାର ୟୁନିଟ୍ କେବଳ ଆବଶ୍ୟକ ମାନଦଣ୍ଡ ପୂରଣ କରିନାହିଁ ବରଂ କମ୍ପାନୀର ପ୍ରତ୍ୟେକ ସ୍ତରରେ ଉତ୍କୃଷ୍ଟ ସୁରକ୍ଷା ଅଭ୍ୟାସ ପ୍ରଦର୍ଶନ କରି ଏହି ମାନ୍ୟତା ହାସଲ କରିଛି।


## ମନେ ପଡ଼ନ୍ତି




D-2355




ଧ-୨୩୫୯


# ଗ୍ରାହକଙ୍କ ଚାହିଦାରେ ହସ୍ତଶିଳ୍ପ ସାମଗ୍ରୀ

## ୩୦ ଦିନରେ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ

ଭୁବନେଶ୍ୱର,୨୨।୧୨



ଆଉ କିଛି ଦିନ ପରେ ଇଂରାଜୀ ନବ ବର୍ଷ ସାଙ୍ଗକୁ ଶୁଭ କାର୍ଯ୍ୟ (ଗୃହ ପ୍ରବେଶ)ର ଆଗମନ ଉପଲକ୍ଷେ ଗ୍ରାହକ ଘର ସାଜସଜ୍ଜା ପାଇଁ ଆକର୍ଷଣୀୟ ଓ ମନଲୋଭା କଳାକୃତିର ହାଣ୍ଡିକ୍ରାଫ୍ଟ ସାମଗ୍ରୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେଠାରେ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ' ଏକ୍ସପୋରେ ବିଭିନ୍ନ ରାଜ୍ୟର କାରିଗର ଓ କଳାକୃତିର ହ୍ୟାଣ୍ଡିକ୍ରାଫ୍ଟ ସାମଗ୍ରୀଗୁଡ଼ିକୁ କିଣିବାକୁ ଲୋକେ ଭିଡ ଜମାଉଛନ୍ତି। ବିଶେଷ କରି ମାଟି ହାଣ୍ଡି, କପ୍, ଗଡା, ଫୁଲଦାନି, ତଉଲା, ବାଉଲ ଏବଂ ପାଣି ପାତ୍ର ଭଳି ଅନେକ ପ୍ରକାରର ମାଟି ଓ ଚୂନ ପଥରର ବ୍ୟାପକ ସମ୍ଭାର ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଗୋଟିଏ ପଟରେ ମନ ପସନ୍ଦର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ସାଙ୍ଗକୁ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ କଳାକୃତିର ଉତ୍ପାଦ ସୁଲଭ ମୂଲ୍ୟରେ ମିଳୁଥିବାବେଳେ ଅପରପକ୍ଷରେ ଚାରିଆଡେ ଘରକରଣା ସାମଗ୍ରୀ ଖୋଜିବା ଅପେକ୍ଷା ଗୋଟିଏ ସ୍ଥାନର ଗ୍ରାହକ ମନ ପସନ୍ଦର ସାମଗ୍ରୀ ପାଇପାରୁଥିବାରୁ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ଚାହିଦା ମେଳା ଆରମ୍ଭ ଆଜି ପର୍ଯ୍ୟନ୍ତ ବେଶ ଉତ୍ସାହଜନକ ରହିଛି ବୋଲି ପ୍ରଦର୍ଶନୀର ଆୟୋଜକ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କାମଧେନୁ ଖଦି ଉଲ ପାନିପଥ ପକ୍ଷରୁ ଆୟୋଜିତ ଏହି ମାସିକିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୨୪ ରୁ ଡିସେମ୍ବର ୨୫ପର୍ଯ୍ୟନ୍ତ ଏହି ମେଳା ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆରେ ପ୍ରତିଦିନ ସକାଳ ୧୧ ଘଣ୍ଟିକାରୁ ରାତି ୯ ଘଣ୍ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଓ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ସେହିଭଳି ଏହି ମେଳାରେ ୧୭ ରାଜ୍ୟର ବୁଣାକାର ସଂଘ, ବ୍ୟବସାୟୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନର ଆକର୍ଷଣୀୟ ଷ୍ଟଲ ସାଙ୍ଗକୁ ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଓ ପୋଷାକର ସମ୍ଭାର ଉପଲବ୍ଧ ରହିଛି। ଅପରପକ୍ଷରେ ଏହି ମେଳା ୩୦ଦିନରେ ପହଞ୍ଚିଛି। ଏହି ପ୍ରଦର୍ଶନୀରେ ୧୭ ରାଜ୍ୟର ବ୍ୟବସାୟୀ ମୋଟ ୯୦ଟି ଷ୍ଟଲ ଜରିଆରେ ସେମାନଙ୍କର ପୋଷାକ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

# ଭାରତ ଜିତିଲା ଏସିଆ କପ୍

**କୁଆଲାଲମ୍ପୁର, ୨୨।୧୨ (ପି.ଟି.)**

ଭାରତ ୧୯ବର୍ଷରୁ କମ୍ ମହିଳା ଟି୨୦ ଏସିଆ କପ୍ ଚାମ୍ପିୟନ ହୋଇଛି। ଦଳ ଫାଇନାଲରେ ବାଂଲାଦେଶକୁ ୪୧ରନରେ ପରାସ୍ତ କରିଛି। ଓପନର ଜି. ତ୍ରିଶାଙ୍କ ଅର୍ଦ୍ଧଶତକ ଏବଂ ୩ ବାମହାତୀ ବୋଲର ଆୟୁଷୀ ଶୁକ୍ଳା, ସୋନମ ଯାଦବ ଏବଂ ପାରୁନିକା ସିସୋଡିଆଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ଏହି ବିଜୟ ହାସଲ କରିପାରିଛି। ଏଠିକାର

**୧୯ବର୍ଷରୁ କମ୍ ମହିଳା ଟି୨୦**

ସ୍ଲୋ ପିଚ୍‌ରେ ତ୍ରିଶାଙ୍କ ୫୨ ରନ(୪୭ ବଲ୍, ୫ ଚୌକା ଓ ୨ ଛକା ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୧୭ ରନ କରିଥିଲା। ଜବାବରେ ଭାରତୀୟ ସ୍ପିନରମାନଙ୍କୁ ମୁକାବିଲା କରି ନ ପାରି ବାଂଲାଦେଶ ୧୮.୩ ଓଭରରେ ୭୬ ସ୍କୋରରେ



୧୯ବର୍ଷରୁ କମ୍ ମହିଳା ଟି୨୦ ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

ଅଲଆଉଟ ହୋଇଯାଇଥିଲା। ମ୍ୟାଚର ସବୁଠାରୁ ବଡ଼ ପାର୍ଟନରଶିପ୍ ଭାରତ ଇନିଂସରେ ଦେଖିବାକୁ ମିଳିଥିଲା। ତ୍ରିଶା ଓ ଅଧିନାୟିକା ନିକି ପ୍ରସାଦଙ୍କ ମଧ୍ୟରେ ୪ର୍ଥ ଉଇକେଟରେ ୪୧ରନର ପାର୍ଟନରଶିପ୍ ହୋଇଥିଲା। ଭାରତୀୟ ବ୍ୟାଟରମାନଙ୍କୁ ବିଶେଷ କରି ପେସବୋଲର ଫରଜାନା ଇସ୍‌ମିନ୍‌ଙ୍କ ବିପକ୍ଷରେ ସଂଘର୍ଷ କରିବାକୁ ପଡ଼ିଥିଲା, ଯିଏ କି ୪ଉଇକେଟ ନେଇଥିଲେ। ଭାରତକୁ ସ୍ୱଳ୍ପ ସ୍କୋରରେ ଅଲଆଉଟ କରିବା ପରେ ବାଂଲାଦେଶ ଏକଦା ୭ ଓଭରରେ ୨ଉଇକେଟ ବିନିମୟରେ ୪୪ରନ ସଂଗ୍ରହ କରି ସୁବିଧାଜନକ ସ୍ଥିତିରେ ଥିଲା। ମାତ୍ର ଆୟୁଷୀ (୩/୧୭), ସୋନମ (୨/୧୩) ଓ ପାରୁନିକା (୨/୧୨)ଙ୍କ ଚମତ୍କାର ବୋଲିଂ ଯୋଗୁ ବାଂଲାଦେଶ ଏହାର ଅବଶିଷ୍ଟ ୮ଉଇକେଟ ମାତ୍ର ୩୨ ରନରେ ହରାଇ ବସିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ : ୨୦ ଓଭରରେ ୧୧୭/୭ (ଜି. ତ୍ରିଶା-୫୨ ; ଫରଜାନା ଇସ୍‌ମିନ-୪/୩୨)। ବାଂଲାଦେଶ : ୧୮.୩ ଓଭରରେ ୭୬/ଅଲଆଉଟ (ଜୁଏରିଆ ଫିର୍ଦ୍ଦୋଷ-୨୨ ; ଆୟୁଷୀ ଶୁକ୍ଳା-୩/୧୭, ସୋନମ ଯାଦବ-୨/୧୩, ପାରୁନିକା ସିସୋଡିଆ-୨/୧୨)।

**ଅନ୍ତର୍ଜାତୀୟ ମହିଳା ଦିନିକିଆ**

## ୱେଷ୍ଟଇଣ୍ଡିଜକୁ ୨୧୧ ରନରେ ହରାଇଲା ଭାରତ

**ଭଦୋଦରା, ୨୨।୧୨ (ପି.ଟି.):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ ଦଳ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୨୧୧ରନରେ ଏକତରଫା ବିଜୟ ହାସଲ କରିଛି। ଏଥିସହିତ ଘରୋଇ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ ଆଗୁଆ ହୋଇପାରିଛି। ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ କ୍ରମାଗତ ଚତୁର୍ଥ ଅର୍ଦ୍ଧଶତକ ଏବଂ ନବାଗତ ପ୍ରତୀକା ରାୱାଲ(୪୦)ଙ୍କ ସହ ଓପନିଂ ଉଇକେଟରେ ୧୧୦ରନର ପାର୍ଟନରଶିପ୍ ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୩୧୪ ରନ କରିଥିଲା। ପରେ ରେଣୁକା ସିଂ (୫/୨୯)ଙ୍କ ନେତୃତ୍ୱରେ ଚମତ୍କାର ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ୨୬.୨ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଏହା ପୂର୍ବରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳାଯାଇଥିଲା। ଏଥିରେ ମନ୍ଧାନା କ୍ରମାଗତ ୩ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ନଭି ମୁମ୍ବାଇଠାରେ ଭାରତ ସିରିଜ ୨-୧ରେ ଜିତି ନେଇଥିଲା। ଏଠାରେ ରବିବାର ଖେଳାଯାଇଥିବା ଦିନିକିଆରେ ମନ୍ଧାନା ୧୦୨ ବଲ୍‌ରେ ୧୩ ଚୌକା ସହ ୯୧ ରନ କରିଥିଲେ। ଫର୍ମରେ ଥିବା ଏହି ଓପନରଙ୍କ ବ୍ୟାଟିଂରେ ଅଙ୍କୁଶ ଲଗାଇବା ପାଇଁ ଭ୍ରମଣକାରୀ ଦଳ ୭ ବୋଲରଙ୍କୁ ବ୍ୟବହାର କରିଥିଲା। ଅଫ୍ ସ୍ପିନର ରାୱଲ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣରେ ୬୯ ବଲ୍‌ରୁ ନିଖୁଣ ୪୦ ରନ କରିଥିଲେ। ପରେ ହାର୍ଲିନ ଦେଓଲ (୪୪) ଓ ଅଧିନାୟିକା ହରମନପ୍ରୀତ କୌର (୩୪) ପାର୍ଟନରଶିପ୍‌ରେ ୬୬ ରନ ଯୋଗକରିଥିଲେ। ପରେ ଜେମିମା ରୋଡ୍ରିଗ୍ସ ଦ୍ରୁତ ୩୧ ରନ କରିଥିଲେ। ୱେଷ୍ଟଇଣ୍ଡିଜର ସଫଳ ବୋଲର ବାମହାତୀ ସ୍ପିନର ଜାଇଦା ଜେମ୍ସ ୪୫ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୧୪/୯ (ସ୍ମୃତି ମନ୍ଧାନା-୯୧, ପ୍ରତୀକା ରାୱାଲ-୪୦, ହାର୍ଲିନ ଦେଓଲ-୪୪, ହରମନପ୍ରୀତ କୌର-୩୪, ଜେମିମା ରୋଡ୍ରିଗ୍ସ-୩୧ ; ଜାଇଦା ଜେମ୍ସ-୫/୪୫)। ୱେଷ୍ଟଇଣ୍ଡିଜ: ୨୬.୨ ଓଭରରେ ୧୦୩ (ଶିମନି କ୍ୟାମ୍ପବେଲ-୨୧, ଆଫି ଫ୍ଲେଚର-୨୪* ; ରେଣୁକା ସିଂ-୫/୨୯, ପ୍ରିୟା ମିଶ୍ର-୨/୨୨)।

## ସେଣ୍ଟ୍ରାଲ ରେଲୱେ ବମ୍ବେ ଫାଇନାଲରେ

**ଢେଙ୍କାନାଳ, ୨୨।୧୨ (ରତନ ନାୟାର)**

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

ଢେଙ୍କାନାଳ କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାରେ ସେଣ୍ଟ୍ରାଲ ରେଲୱେ ବମ୍ବେ ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ସେଣ୍ଟ୍ରାଲ ରେଲ୍‌ୱେ ବମ୍ବେ ଦଳ, ରାଧାରମଣ କ୍ଲବ କଟକକୁ ୩-୦ ଗୋଲରେ ପରାସ୍ତ କରିଛି। ସେଣ୍ଟ୍ରାଲ ରେଲୱେ ଦଳ ପକ୍ଷରୁ ଜନ ପଲ ୨ଟି ଓ ସୁଫିଆନ ଶେଖ ଗୋଟିଏ ଗୋଲ ଦେଇଥିଲେ। ଉଲ୍ଲେଖନୀୟ ଗୋଲ କିପିଂ ଯୋଗୁ ରାଧାରମଣ କ୍ଲବର ଗୋଲ କିପର ତୁଷାର ସାହୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଷ୍ଟ୍ରେଲିଆସ୍ଥିତ ଓଡ଼ିଆ କମ୍ୟୁନିଟିର ସଭାପତି ବୈଜ୍ଞାନିକ ମନୋଜ କୁମାର ନାୟକ ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ରେଫରି ରାଜୁ ମହାନ୍ତି, ଶଶିକାନ୍ତ ଦାଶିଆ, ମହେଶ ପ୍ରଧାନ, ଦେବରାଜ ସ୍ୱାଇଁ ଓ ଆଶୀର୍ବାଦ କାନୁନ୍‌ଗୋ ପରିଚାଳନା କରିଥିଲେ। ସେହିପରି ସେମି ଫାଇନାଲ ମ୍ୟାଚ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁନୀଲ ଶର୍ମା ଯୋଗଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନୀଲ ପଣ୍ଡା, ସରୋଜ କୁମାର ପାଢୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ମନୋଜ ଦାସ ପ୍ରମୁଖଙ୍କ ସମେତ ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଦ୍ୱିତୀୟ ସେମି ଫାଇନାଲ କେଏସ୍‌ଇବି କେରଳ ଓ ସନରାଇଜ୍ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।

## ସୃଷ୍ଟି, ମନ୍ନତା, ପ୍ରତ୍ୟାଶାଙ୍କୁ ସଫଳତା


ପଦକ ସହ ସୃଷ୍ଟି ଉପାଧ୍ୟାୟ, ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟ।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଚଳିତବର୍ଷ ଓଡ଼ିଶା ମହିଳା ସୁଇମରଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ଦକ୍ଷିଣ ଆଫ୍ରିକାରେ ଚାଲିଥିବା କେଜେଡ୍‌ଏନ୍ ପ୍ରିମିୟର ପ୍ରୋଭିନ୍ସିଆଲ ଚାମ୍ପିୟନଶିପ୍‌ରେ ସୃଷ୍ଟି ଉପାଧ୍ୟାୟ, ପ୍ରତ୍ୟାଶା ରାୟ ଓ ମନ୍ନତା ମିଶ୍ର ଚମତ୍କାର ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି। ସୃଷ୍ଟି ୧୦୦ ମିଟର ବଟରଫ୍ଲାଇରେ ୧:୦୨.୫୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମନ୍ନତା ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୧:୧୨.୯୦ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଭୟ ସୃଷ୍ଟି ଓ ମନ୍ନତା ଶ୍ରେଷ୍ଠ ଭାରତୀୟ ସମୟ (ଶର୍ଟ କୋର୍ସ)ର ଅଧିକାରିଣୀ ମଧ୍ୟ ହୋଇଛନ୍ତି। ସେହିପରି ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ପ୍ରତ୍ୟାଶା ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଜିତିଥିବା ସୂଚନା ମିଳିଛି।

## ଇଂଲଣ୍ଡ ଦିନିକିଆ ଦଳକୁ ଫେରିଲେ ରୁଟ୍

**ଲଣ୍ଡନ, ୨୨।୧୨ (ପି.ଟି.):** ଆଇସିସି ଚାମ୍ପିୟନ୍ସ ଟ୍ରଫି ଓ ଭାରତ ଟୁର ପାଇଁ ଇଂଲଣ୍ଡ ଦିନିକିଆ ଦଳ ଘୋଷଣା କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ଷକ ପରେ ଭେଟେରାନ ବ୍ୟାଟର ଜୋ ରୁଟ୍ ୫୦-ଓଭର ଫର୍ମାଟକୁ ଫେରିଛନ୍ତି। ରୁଟ୍ ପୂର୍ବରୁ ୨୦୨୩ରେ ଅନୁଷ୍ଠିତ ୫୦ ଓଭର ବିଶ୍ୱକପ୍‌ରେ ଏହି ଫର୍ମାଟରେ ଖେଳିଥିଲେ। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀରୁ ମୁକ୍ତି ପାଇ ନ ଥିବାରୁ ଅଲ୍‌ରାଉଣ୍ଡର ତଥା ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍‌ଙ୍କ ନାମ ଦଳ ମନୋନୟନ ବେଳେ ବିଚାରକୁ ନିଆଯାଇ ନ ଥିଲା। ଚଳିତ ମାସ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ବେଳେ ଆଘାତପ୍ରାପ୍ତ ହୋଇଥିଲେ। ପୁରୁଖା ବ୍ୟାଟର ଜୋସ୍ ବଟଲର ଦଳର ନେତୃତ୍ୱ ନେବେ। ଲାଙ୍କାଶାୟାର କ୍ରିକେଟର ଆହ୍ମରି ମଧ୍ୟ ଭାରତ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ଖେଳାଯିବାକୁ ଥିବା ଟି୨୦ ସିରିଜ ବେଳେ ଇଂଲଣ୍ଡ ଦଳର ଅଧିନାୟକତ୍ୱ କରିବେ। ଭାରତକୁ ହ୍ୱାଇଟ୍‌ବଲ୍ ଟୁର୍ ବେଳେ ଇଂଲଣ୍ଡ ୫ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ।

## ଓଡ଼ିଶା-ତାମିଲନାଡୁ ମ୍ୟାଚ ଡ୍ର

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ହାଇଦ୍ରାବାଦର ଡେକାନ ଆରେନାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ରାଉଣ୍ଡରେ ରବିବାର ଓଡ଼ିଶା-ତାମିଲନାଡୁ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଆଲେକ୍‌ଜାଣ୍ଡର ରୋମାରିଓ ଜେସୁରାଜ ୬୮ତମ ମିନିଟରେ ଗୋଲ କରି ତାମିଲନାଡୁକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୭ ମିନିଟ ପରେ ୭୫ତମ ମିନିଟରେ ଓଡ଼ିଶାର ରାହୁଲ ମୁଖୀ ଗୋଲ ପରିଶୋଧ କରି ଦେଇଥିଲେ। ଆଉ ଗୋଲ ନ ହେବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଗତ ୧୫ ତାରିଖରେ ଦିଲ୍ଲୀ ନିକଟରୁ ୦-୨ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୋଆକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେବେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରି



ରାହୁଲ ମୁଖୀ

ଦଳ ତୃତୀୟ ମ୍ୟାଚରେ କେରଳଠାରୁ ୦-୨ ଗୋଲରେ ହାରିଯାଇଥିଲା। ୪ ମ୍ୟାଚରୁ ୧ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ଓଡ଼ିଶା ଦଳ ୪ ପଏଣ୍ଟ ପାଇ ଗ୍ରୁପ୍ 'ବି' ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୪ ତାରିଖରେ ମେଘାଳୟ ବିପକ୍ଷରେ ଖେଳିବ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ଏହି ମ୍ୟାଚ ଜିତିବାକୁ ପଡ଼ିବ।

## ଓଡ଼ିଶା ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାର ୩୦ଟି ଜିଲାର ୪୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଓ ୧୦୦ ଏସ୍କର୍ଟ ଭାଗ ନେଇଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି ଓ ଓଏସ୍‌ଡି ଧିରଜ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାରତ ପ୍ରଥମଥରପାଇଁ ନୂଆଦିଲ୍ଲୀଠାରେ ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବ ବୋଲି ଏହି ଅବସରରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କମଳା କାନ୍ତ ରଥ ସୂଚନା ଦେଇଥିଲେ। ପାରାଲିମ୍ପିଆନ ମର୍କଣ୍ଡ ରେଡ୍ଡୀ, ଆସୋସିଏଶନ ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ଚାମ୍ପିୟନ


କୃତୀ ଖେଳାଳିମାନେ ପୁରସ୍କାର ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ପୀତବାସ ଆଚାର୍ଯ୍ୟ ସ୍ମାରକୀ ଚେସ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ରବୀନ୍ଦ୍ର କୁମାର ଓଝା, ଶଶି କାନ୍ତ, ସୁରିଜିତ ନାୟକ, ପ୍ରତ୍ୟୁଷ ମହାପାତ୍ର, ବିଶ୍ୱନାଥ ମହାପାତ୍ର ଓ ଜଗଦୀଶ ବାରିକ ପରବର୍ତ୍ତୀ ୬ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗରେ ଏବଂ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍-ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସୁଧୀର କୁମାର ସାହୁ ଓ ପୀତବାସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍**

## କଳିଙ୍ଗ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ପଣ୍ଡା ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍ ରବିବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ମୁକ୍ତେଶ୍ୱର କ୍ଲବକୁ ଟାଇବ୍ରେକର ୫-୩ ଗୋଲରେ ହରାଇ କଳିଙ୍ଗ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳର ଖେଳାଳିମାନେ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ କରିପାରି ନ ଥିଲେ। ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ କଳିଙ୍ଗ ସ୍ପୋର୍ଟିଂ ୫ ଗୋଲ ଦେଇଥିବାବେଳେ ମୁକ୍ତେଶ୍ୱର ୩ ଗୋଲରେ ସୀମିତ ରହିଥିଲା। ମୁଖ୍ୟ ରେଫରି ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ସୁଜିତ ପାତ୍ର ଓ ଶିବ ପ୍ରସାଦ ସାମନ୍ତରାୟ ସହକାରୀ ରେଫରି ଦାୟିତ୍ୱ ତୁଲାଇଥିଲେ। ଆଲୋକ ଦେହୁରି ୪ର୍ଥ ରେଫରି ଥିଲେ। ପ୍ରତିଯୋଗିତା ପରିଚାଳନା କରିଥିବା ୧୪ ଜଣ ଯାକ ରେଫରିଙ୍କୁ ଆସୋସିଏଶନ ଉପାଧ୍ୟକ୍ଷ ରାଧାମାଧବ ମହାପାତ୍ର, ଭାଗ୍ୟଧର ଜଗଦେବ, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ସଦସ୍ୟ ମୀନତି ସାହୁ,


ଚାମ୍ପିୟନ କଳିଙ୍ଗ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ରଜତ ବଲ୍ଲଭ ଦାସ, ପ୍ରିୟନାଥ ମିଶ୍ର ଓ ଗିରିଜା ଶଙ୍କର ଦାସ ସମ୍ମାନିତ କରିଥିଲେ। ମୁକ୍ତେଶ୍ୱର କ୍ଲବର ଗଣେଶ ସିଦ୍ଧୁ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଶିବରାମ ମୁର୍ମୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଏମାନଙ୍କୁ ଗତିକୃଷ୍ଣଙ୍କ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି ପୁରସ୍କୃତ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ କଳିଙ୍ଗ ସ୍ପୋର୍ଟିଂ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରନରଅପ୍ ମୁକ୍ତେଶ୍ୱର ଦଳକୁ ଶିବ ପ୍ରସାଦ ପଣ୍ଡା ପୁରସ୍କୃତ କରିଥିଲେ। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଅବସରପ୍ରାପ୍ତ କୋଚ୍ ରାଜକମଲ ମଣ୍ଡଳ, ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଡ଼ା ଓ ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବକୁ ପରିଚାଳନା କରିଥିଲେ ଗଣେଶ ଚନ୍ଦ୍ର ପାଲ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ ଅବସରରେ ବିଭିନ୍ନ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ।

ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୩/୨୦୨୪ Bhubaneswar, Monday, December 23/ 2024

## ଏନ୍‌ଗୁଏନ ଚାମ୍ପିୟନ, ଫେଡୋରୋଭ ରନରଅପ୍


ଚାମ୍ପିୟନ ଏନ୍‌ଗୁଏନ କ୍ୱୋକ ହିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

### ଓଡ଼ିଶା ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବ ଉଦ୍‌ଯାପିତ

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏହାର 'ଏ' ବର୍ଗରେ ଭିଏତ୍‌ନାମ ଫିଡେ ମାଷ୍ଟର ଏନ୍‌ଗୁଏନ କ୍ୱୋକ ହି ଚାମ୍ପିୟନ ଓ ବେଲାରୁଷ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଡୋରୋଭ ରନରଅପ୍ ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଉଭୟ ୮ ପଏଣ୍ଟ ଲେଖାଏ ପାଇଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ତାମିଲନାଡୁର ପି. ଇନିୟାନ, ଆଇସିଏଫ୍‌ର ଦୀପନ ଚକ୍ରବର୍ତ୍ତୀ, ଆସାମର ଶାହିଲ ଦେ, ଗୋଆର ଅଡି ଅମେୟା, ପୁଡୁଚେରୀର ଏଲ. ଶ୍ରୀହରି (ସମସ୍ତେ ୭.୫), ଆର୍‌ଏସ୍‌ପିବିର ନିଲାଶ ଶାହା, ତେଲଙ୍ଗାନାର ବିଗ୍ନେଶ ଅଦଭେଥ ଭେମୁଲା ଓ କଲମ୍ବିଆର ରିଓସ ଗୋମେଜ କ୍ରିଷ୍ଟିଆନ କାମିଲୋ (ସମସ୍ତେ ୭ ପଏଣ୍ଟ ଲେଖାଏ) ଟପ୍-୧୦ ଫିନିଶ୍ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା ୭ ପଏଣ୍ଟ ସହିତ ୧୭ଶ ସ୍ଥାନରେ ରହିଛନ୍ତି।

### 'ସି' ବର୍ଗରେ ଯୁଗ୍ ବିଜେତା

୧୬୦୦ ରେଟିଂରୁ କମ୍ 'ସି' ବର୍ଗରେ ପଶ୍ଚିମବଙ୍ଗର ଯୁଗ୍ ଦେଶାଇ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ସୂର୍ଯ୍ୟ ମିତ୍ର ସେନ୍ ଓ ମୁନା ସବର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୩ ଜଣ ଯାକ ପ୍ରତିଯୋଗୀ ୮ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ବୁକୋଲଜରେ ଯୁଗ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭିନିତ ନାୟକ, ନାରାୟଣ ଦାସ, ଶିବମ୍ ଗୁପ୍ତା, ସ୍ୱରାଜ ମିଶ୍ର, ଅନିଶ ଆଦିଦେବ, ଚୌଧାରୀ ସାକେତ କୁମାର ଓ ସୁନୀଲ କୁମାର ନାୟକ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିଲେ। ପ୍ରକାଶଯୋଗ୍ୟ ଯେ, ଗତ ୧୮ ତାରିଖରେ ଶେଷ ହୋଇଥିବା 'ବି' ବର୍ଗର ଟୁର୍ନାମେଣ୍ଟରେ ଓଡ଼ିଶାର ଫକିର ମାଝି ଚାମ୍ପିୟନ ହୋଇଥିଲେ।

ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଏବଂ ଏମ୍ପିରିଓ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଅବିନାଶ ସାମଲ, ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଯାଜପୁରର ପୂର୍ବତନ ଜିଲାପାଳ ଅନିଲ କୁମାର ସାମଲ, ଉତ୍କଳ ଚାମ୍ବର୍ସ ଅଫ କମର୍ସର ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ସୋଆର କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ଓ ଡିନ୍ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଚେସ୍ ମହୋତ୍ସବକୁ ପରିଚାଳନା କରିବା ପାଇଁ ସର୍ବଭାରତୀୟ ଚେସ୍ ମହାସଂଘ ପକ୍ଷରୁ ୫ କର୍ମକର୍ତ୍ତା ମୁଖ୍ୟ ବିଚାରକ ପଲ୍ ଆରୋକ୍ୟ ରାଜ, ଉପମୁଖ୍ୟ ବିଚାରକ ତାପସ ମହାନ୍ତି, ସୁରେଶ ଚନ୍ଦ୍ର ସାହୁ, ଫେୟାର ପ୍ଲେ ବିଚାରକ ଅପରାଜିତା ଗୋଛିକାର ଏବଂ କବିରାଜ ଶାବନ୍ତ ପ୍ରମୁଖ ନିଯୁକ୍ତ ହୋଇଥିଲେ। ବିଭିନ୍ନ ଦେଶରୁ ଆସିଥିବା ପ୍ରତିଯୋଗୀ ଏବଂ ସେମାନଙ୍କ ଅଭିଭାବକମାନେ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ।

## ଅଷ୍ଟ୍ରେଲିଆନ ଓପନକୁ ଝେଙ୍ଗ୍‌ଙ୍କ ଗୁରୁତ୍ୱ

**ମେଲବୋର୍ନ, ୨୨।୧୨ (ଏପି)**

ଅଷ୍ଟ୍ରେଲିଆନ ଓପନରେ ମନୋନିବେଶ କରିବା ଉଦ୍ଦେଶ୍ୟରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଝେଙ୍ଗ୍ କ୍ୱିୱେନ ଚଳିତମାସ ପରବର୍ତ୍ତୀ ଭାଗରେ ଖେଳାଯିବାକୁଥିବା ୟୁନାଇଟେଡ୍ ମିକ୍ସଡ ଟିମ୍ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ଏହି ମହିଳା ଟେନିସ ଖେଳାଳି ଜଣକ ୨୦୨୫ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ଉପରେ ଧ୍ୟାନ ଦେବେ। ୨୨ବର୍ଷୀୟା ଝେଙ୍ଗ୍ ଗତବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଆରିନା ସାବାଲେଙ୍କାଙ୍କଠାରୁ ହାରି ରନରଅପ୍ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣପଦକ ଲାଭ କରିଥିବା ବେଳେ ଡବ୍ଲ୍ୟୁଟିଏ ଫାଇନାଲ୍ସ ରନରଅପ୍ ହୋଇଥିଲା। ଏଥିସହିତ ସେ ୫ନମ୍ବର ର୍ୟାଙ୍କିଙ୍ଗ ସହ ବର୍ଷ ଶେଷ କରିଥିଲେ। ଝେଙ୍ଗ ଡିସେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ୟୁନାଇଟେଡ୍ କପ୍‌ରେ ଚାଇନା ତରଫରୁ ପ୍ରତିନିଧିତ୍ୱ କରିଥାନ୍ତେ। କିନ୍ତୁ ସେ ଏଥିରୁ ଓହରି ଯାଇଥିବା ବିଷୟ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୪ ତାଙ୍କ ପାଇଁ ଲମ୍ବା ସିଜନ ଥିଲା। ତେଣୁ ସେ କିଛି ସମୟ ବିଶ୍ରାମ ନେବା ସହ କ୍ଲାନ୍ତିରୁ ମୁକ୍ତି ପାଇବାକୁ ଚାହାନ୍ତି। ଏହାଛଡ଼ା ନୂଆ ସିଜନ ପାଇଁ ନିଜକୁ ପ୍ରସ୍ତୁତି କରିବା ଲାଗି ଭଲ ଟ୍ରେନିଂ ନେବେ।

## କ୍ଲବ-୭୩ ଫୁଟ୍‌ବଲ ଟୁର୍ନାମେଣ୍ଟ ୨୬ରୁ


ଖବରଦାତା ସମ୍ମିଳନୀରେ ଆୟୋଜକମାନେ ରବିବାର ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ପୁରାତନ ଫୁଟ୍‌ବଲ ଅନୁଷ୍ଠାନ କ୍ଲବ-୭୩ ଆନୁକୂଲ୍ୟରେ ସତ୍ୟବ୍ରତ-ତପନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଆୟୋଜନ ହେବ। ରାଜ୍ୟର ପ୍ରମୁଖ ୮ ଦଳ କଟକର ଇଣ୍ଡିପେଣ୍ଡେଣ୍ଟ, ସନ୍‌ରାଇଜ୍, ଗ୍ୟାଲେଣ୍ଟ, ଭୁବନେଶ୍ୱରର କିଶୋର କ୍ଲବ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ସମ୍ବଲପୁରର ମା' ସମଲେଶ୍ୱରୀ କ୍ଲବ, ଫୁଲବାଣୀ ଫୁଟବଲ କ୍ଲବ ଓ ଓଡ଼ିଶା ପୋଲିସ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଶା ପୋଲିସ ଓ ଗ୍ୟାଲେଣ୍ଟ କ୍ଲବ ଏଥର ପ୍ରଥମଥର ପାଇଁ ଅବତୀର୍ଣ୍ଣ ହେବେ। ଚାମ୍ପିୟନ ଦଳକୁ ସତ୍ୟବ୍ରତ ସ୍ମାରକୀ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ତପନ ସ୍ମାରକୀ ଟ୍ରଫି ସହ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳକୁ ୨୫,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଲବ-୭୩ ସମ୍ପାଦକ ସୁବ୍ରତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରତିଦିନ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଅପରାହ୍ନ ୨ଟା ୩୦ରେ ଆରମ୍ଭ ହେବ ବୋଲି ସୁବ୍ରତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ସିଦ୍ଧାର୍ଥ ପାଢ଼ୀ, କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର କାନୁନ୍‌ଗୋ, ସହକାରୀ ସମ୍ପାଦକ ଦେବଭକ୍ତ ବେଜ୍ ଓ ସଦସ୍ୟ ସୁଧାକର ପହି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ୨୦୦୭ରେ କ୍ଲବ-୭୩ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ସେତେବେଳେ କଳିଙ୍ଗ ଷ୍ଟାଡିୟମରେ ପ୍ରତିବର୍ଷ ମ୍ୟାଚଗୁଡ଼ିକ ଫ୍ଲଡ୍‌ଲାଇଟରେ ଅନୁଷ୍ଠିତ ହେଉଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ